ଧରିତ୍ରୀ
DHARITRI
52 Years

ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୧୩/୨୦୨୬ (୧୨ ପୃଷ୍ଠା) | Bhubaneswar, Tuesday, January 13/2026 | Page 12 | ₹ 7.00 | RAYAGADA

୫୨ଶ ଭାଗ ୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 52 ISSUE 51 | ମୂଲ୍ୟ ₹୭/-







# ବିଧାନସଭା ଆସନ ୨୦୦କୁ ବଢ଼ିବ

ଦୀର୍ଘ ୫୦ ବର୍ଷ ପରେ ଓଡ଼ିଶାରେ ପୁଣି ବିଧାନସଭା ଆସନ ବଢ଼ିବ। ୧୯୭୪ରେ ବିଧାନସଭା ଆସନ ସଂଖ୍ୟା ୧୪୦ରୁ ୧୪୭କୁ ବଢ଼ିଥିଲା। ବର୍ତ୍ତମାନ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ବିଧାନସଭା ଆସନ ସଂଖ୍ୟା ୨୦୦କୁ ବୃଦ୍ଧି କରିବା ପାଇଁ ଯୋଜନା କରାଯାଇଛି। ତଦନୁଯାୟୀ ନିର୍ବାଚନମଣ୍ଡଳୀର ସୀମା ପୁନଃ ନିର୍ଦ୍ଧାରଣ (ଡିଲିମିଟେଶନ) ହେବ। ଏହି ପ୍ରକ୍ରିୟା ଚଳିତବର୍ଷ ଆରମ୍ଭ ହୋଇ ୨୦୨୭ରେ ଶେଷ ହେବ। ଏହା ସହ ଆଗାମୀ ୫୦ବର୍ଷକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଲୋକସେବା ଭବନ ଏବଂ ଓଡ଼ିଶା ବିଧାନସଭା ଗୋଟିଏ ସ୍ଥାନରେ ନିର୍ମାଣ ହେବ। ନୂଆ ବିଧାନସଭାରେ ୩୦୦ ବିଧାୟକ ବସିବା ଭଳି ବ୍ୟବସ୍ଥା ରହିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ସୂଚନା ଦେଇଛନ୍ତି। ଏହାକୁ ଭାଜପା, କଂଗ୍ରେସ ସ୍ୱାଗତ କରିଥିବାବେଳେ ବିଜେଡି କପୋଳକଳ୍ପିତ କହିଛି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ନୂତନ ଲୋକସେବା ଭବନ ଓ ବିଧାନସଭା ଭବନର ପରିକଳ୍ପିତ ରୂପ।

**ଭୁବନେଶ୍ୱର,୧୨।୧(ରବିନାରାୟଣ ଜେନା)**

ରାଜ୍ୟରେ ଦ୍ରୁତ ଜନସଂଖ୍ୟା ବୃଦ୍ଧି ଓ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ସୋମବାର ଏକ ଐତିହାସିକ ନିଷ୍ପତ୍ତି ନିଆଯାଇଛି। ଲୋକସେବା ଭବନରେ ପୂର୍ତ୍ତ ବିଭାଗର ଏକ କାର୍ଯ୍ୟକ୍ରମ ଅବସରରେ ରାଜ୍ୟରେ ବିଧାନସଭା ଆସନ ସଂଖ୍ୟା ୨୦୦କୁ ବଢ଼ିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଆଗାମୀ ୫୦ବର୍ଷର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଧାନସଭାରେ ଯେପରି ୩୦୦ ବିଧାୟକ ବସିପାରିବେ, ତାହାକୁ ନେଇ ନୂତନ ବିଧାନସଭା ଭବନ ନିର୍ମାଣ କରାଯିବ। ଲୋକସେବା ଭବନ ଏବଂ ବିଧାନସଭା ଗୋଟିଏ କ୍ୟାମ୍ପସରେ ରହିବ। ତେବେ ଦୀର୍ଘ ୫୦ବର୍ଷ ପରେ ବିଧାନସଭା ଆସନ ସଂଖ୍ୟା ବଢ଼ିବାକୁ ଯାଉଥିବାରୁ ଏହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ୧୯୭୪ରେ ପ୍ରଥମ ଥର ପାଇଁ ବିଧାନସଭା ଆସନ ୧୪୦ରୁ ୧୪୭କୁ ବୃଦ୍ଧି ପାଇଥିଲା। ଏହାପରେ ୨୦୨୬ରେ ଏହି ସଂଖ୍ୟା ବୃଦ୍ଧିକୁ ନେଇ କଂଗ୍ରେସ ଓ ଭାଜପା ସ୍ୱାଗତ କରୁଥିବାବେଳେ ବିଜେଡି ଏହାକୁ କପୋଳକଳ୍ପିତ ବୋଲି କହିଛି।

କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର କହିଛନ୍ତି, ରାଜ୍ୟରେ ଜନସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି। ଲୋକଙ୍କ ଆଶା ଓ ଆକାଂକ୍ଷା ମଧ୍ୟ ବଢ଼ୁଛି। ଜନପ୍ରତିନିଧି ସେସବୁକୁ ପୂରଣ କରିବା ଦିଗରେ ଅନେକ ସମୟରେ ସମସ୍ୟାରେ ପଡୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଯେଉଁ

☞ ପୃଷ୍ଠା-୨

## ଗୋଟିଏ କ୍ୟାମ୍ପସରେ ଲୋକସେବା ଭବନ, ବିଧାନସଭା



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

**ଭୁବନେଶ୍ୱର,୧୨।୧(ସୁନିତ୍ ମିଶ୍ର)**

ରାଜ୍ୟରେ ପ୍ରତିଷ୍ଠା ହେବ ନୂଆ ଲୋକସେବା ଭବନ ଓ ବିଧାନସଭା। ୭୧.୧୩ ଏକର ଜାଗାରେ ପ୍ରତିଷ୍ଠା ହେବାକୁଥିବା ଏହି ନୂଆ ଲୋକସେବା ଭବନ କ୍ୟାମ୍ପସ ଭିତରେ ବିଧାନସଭା ରହିବ। ରାଜ୍ୟରେ ଏକ ନୂତନ ଅତ୍ୟାଧୁନିକ ଲୋକସେବା ଭବନ ନିର୍ମାଣ ପାଇଁ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କହିବାନୁଯାୟୀ, ଆଗକୁ ରାଜ୍ୟରେ ସୀମା ପୁନଃନିର୍ଦ୍ଧାରଣ ହେବ। ଏହାଦ୍ୱାରା ବିଧାନସଭାର

☞ ପୃଷ୍ଠା-୨


DSPL-474





ଇରାନରେ ସରକାର ବିରୋଧୀ ଗଣବିକ୍ଷୋଭକୁ ସମର୍ଥନ କରି ସୋମବାର ପ୍ୟାରିସ୍‌ରେ ବିକ୍ଷୋଭକାରୀମାନେ ଏକ ରାଲିରେ ଇରାନୀୟ ପତାକା ପୋଡୁଛନ୍ତି।

# ବିଜୟଙ୍କୁ ସିବିଆଇର ୬ ଘଣ୍ଟା ଜେରା

**ନୂଆଦିଲ୍ଲୀ,୧୨।୧**

**କରୁର ଦଳାଚକଟା ମାମଲା**



ତାମିଲନାଡୁର କରୁରରେ ଘଟିଥିବା ଦଳାଚକଟା ଘଟଣାର ତଦନ୍ତ ଦାୟିତ୍ୱ ନେଇଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ସୋମବାର ଟିଭିକେ ଅଧ୍ୟକ୍ଷ ତଥା ଅଭିନେତା ବିଜୟଙ୍କୁ ୬ ଘଣ୍ଟା ଜେରା କରିଛି। ଏହି ଦୁଃଖଦ ଘଟଣା ପାଇଁ ତାଙ୍କ ଦଳ କିମ୍ବା କାର୍ଯ୍ୟକର୍ତ୍ତାମାନେ ଦାୟୀ ନୁହନ୍ତି ବୋଲି ବିଜୟ ତଦନ୍ତକାରୀ ଅଫିସରମାନଙ୍କୁ କହିଥିଲେ। ତାଙ୍କର ଉପସ୍ଥିତି ଅରାଜକତା ସୃଷ୍ଟି କରିପାରେ ବୋଲି ହୃଦ୍‌ବୋଧ କରି ସେ ଘଟଣାସ୍ଥଳ ଛାଡ଼ି ଚାଲିଯାଇଥିଲେ ବୋଲି କହିଛନ୍ତି। ପୂର୍ବରୁ ଟିଭିକେ କାର୍ଯ୍ୟକର୍ତ୍ତାମାନଙ୍କୁ ଜେରା ବେଳେ ସେମାନେ ମଧ୍ୟ ଅନୁରୂପ ବୟାନ ଦେଇଥିଲେ। ସୂଚନାଯୋଗ୍ୟ, ଗତବର୍ଷ ସେପ୍ଟେମ୍ବର ୨୭ରେ କରୁରରେ ବିଜୟଙ୍କ ଏକ ସଭାରେ ଦଳାଚକଟା ଘଟି ୪୧ ଜଣଙ୍କ ଜୀବନ ଯିବା ସହ ୬୦ ଜଣ ଆହତ ହୋଇଥିଲେ। ସୋମବାର ସକାଳେ ବିଜୟ ନୂଆଦିଲ୍ଲୀସ୍ଥିତ ସିବିଆଇ ମୁଖ୍ୟାଳୟରେ ପହଞ୍ଚି ତଦନ୍ତକାରୀ ଅଫିସରମାନଙ୍କ ପ୍ରଶ୍ନର ଜବାବ ରଖିଥିଲେ। ପୋଙ୍ଗଲ୍ ଉତ୍ସବ ପରେ ତାଙ୍କୁ ପୁନର୍ବାର ଜେରା ପାଇଁ ଡକାଯିବ ବୋଲି ଜଣାପଡ଼ିଛି। ବିଜୟ ନୂଆଦିଲ୍ଲୀରେ ପହଞ୍ଚିବାକୁ ଥିବାରୁ ସିବିଆଇ କାର୍ଯ୍ୟାଳୟ ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# କଡ଼ାକଡ଼ି ହେଲା କ୍ରିପ୍ଟୋ ନିୟମ

**ନୂଆଦିଲ୍ଲୀ,୧୨।୧**



ଭାରତର ଡିଜିଟାଲ ଆସେଟ୍ ମାର୍କେଟରେ ବେଆଇନ କାର୍ଯ୍ୟକଳାପକୁ ବନ୍ଦ କରିବା ପାଇଁ ଫାଇନାନ୍ସିଆଲ ଇଣ୍ଟେଲିଜେନ୍ସ ୟୁନିଟ୍ (ଏଫ୍‌ଆଇୟୁ) ପକ୍ଷରୁ କ୍ରିପ୍ଟୋ ନିୟମକୁ କଡ଼ାକଡ଼ି କରାଯାଇଛି। ଏଫ୍‌ଆଇୟୁ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜରେ ମନି ଲଣ୍ଡରିଂ ନିରୋଧୀ (ଏମ୍‌ଏମ୍‌ଏଲ୍) ଏବଂ କୋ ୟୋର କଷ୍ଟମର (କେୱାଇସି) ପ୍ରୋଟୋକଲରେ ପରିବର୍ତ୍ତନ ଆଣି ନୂଆ ନିୟମ ଜାରି କରିଛି। ତଦନୁସାରେ ୟୁଜର୍ସଙ୍କ ପାଇଁ ଲାଇଭ୍ ସେଲ୍ଫି ଓ ଜିଓଟ୍ୟାଗିଂକୁ ବାଧ୍ୟତାମୂଳକ କରାଯାଇଛି।

ଜାନୁଆରୀ ୮ରେ ପ୍ରକାଶିତ ନୂଆ ଗାଇଡ୍‌ଲାଇନ୍ ଅନୁସାରେ କ୍ରିପ୍ଟୋ ଏକ୍ସଚେଞ୍ଜଗୁଡ଼ିକ ଭର୍ଚୁଆଲ ଆସେଟ୍ ଡିଭାଇସ୍ (ଭିଡିଏ) ସର୍ଭିସ୍ ପ୍ରୋଭାଇଡର୍ସ ରୂପେ ପରିଚିତ ହେବେ। ସେଗୁଡ଼ିକ ପୂର୍ବଭଳି କେବଳ ସାଧାରଣ ଦସ୍ତାବିଜ ଅପ୍‌ଲୋଡ୍ କରିବା ପରିବର୍ତ୍ତେ ଅଧିକ ଦାୟିତ୍ୱସମ୍ପନ୍ନ ହୋଇ କାର୍ଯ୍ୟ କରିବେ। ସଫ୍ଟୱେର ଜରିଆରେ ୟୁଜର୍ସଙ୍କ ଉପସ୍ଥିତିକୁ ଯାଞ୍ଚ କରିବା ପାଇଁ ଲାଇଭ୍ ସେଲ୍ଫି ନେବାକୁ ପଡ଼ିବ। ସ୍ଥିର ଫଟୋ କିମ୍ବା ଡିପ୍‌ଫେକ୍‌ର ବ୍ୟବହାର ଏଡ଼ାଇବାରେ ଏହା ସହାୟକ ହେବ। ବ୍ୟବହାରକାରୀ ଏକ ଆକାଉଣ୍ଟ ତିଆରି ଆରମ୍ଭ କରିବା ମାତ୍ରେ ଏକ୍ସଚେଞ୍ଜଗୁଡ଼ିକ ତାରିଖ, ଟାଇମ୍‌ଷ୍ଟାମ୍ପ୍ ଏବଂ ଆଇପି ଆଡ୍ରେସ୍ ରେକର୍ଡ କରିବା ଜରୁରୀ। ସେହିପରି ୟୁଜର୍ସଙ୍କୁ ପର୍ମାନେଣ୍ଟ ଆକାଉଣ୍ଟ ନମ୍ବର (ପାନ୍) ସହ ଏକ ପାସ୍‌ପୋର୍ଟ, ଆଧାର କିମ୍ବା ଭୋଟର ଆଇଡି ଭଳି ଅତିରିକ୍ତ ପରିଚୟପତ୍ର ଦାଖଲ କରିବାକୁ ପଡ଼ିବ। ଓଟିପି ଭେରିଫିକେଶନ୍ ପାଇଁ ଇ-ମେଲ୍ ଆଇଡି ଏବଂ ଫୋନ୍ ନମ୍ବର ଦେବାକୁ ପଡ଼ିବ। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଅଧୀନରେ ପରିଚାଳିତ ଏଫ୍‌ଆଇୟୁ ଏହି ନିୟମଗୁଡ଼ିକୁ ବଧ୍ୟତାମୂଳକ କରିଛି।

# ମକର ସଂକ୍ରାନ୍ତିରେ ନୂଆ କାର୍ଯ୍ୟାଳୟକୁ ଯିବେ ମୋଦି

**ନୂଆଦିଲ୍ଲୀ,୧୨।୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୂଆ କାର୍ଯ୍ୟାଳୟ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଯାଇଛି। ସେ ଆସନ୍ତା ୧୪ ତାରିଖ ମକର ସଂକ୍ରାନ୍ତିରେ ଉକ୍ତ କାର୍ଯ୍ୟାଳୟକୁ ଯିବେ ବୋଲି ଜଣାପଡ଼ିଛି। ପ୍ରଧାନମନ୍ତ୍ରୀଙ୍କ ନୂଆ କାର୍ଯ୍ୟାଳୟର ଠିକଣା ହେଲା ସେବା ତୀର୍ଥ କମ୍ପ୍ଲେକ୍ସ। ସେଣ୍ଟ୍ରାଲ ଭିଷ୍ଟା ପୁନର୍ବିକାଶ ପ୍ରକଳ୍ପର ଅଂଶବିଶେଷ ଭାବେ ଏହି କାର୍ଯ୍ୟାଳୟ ନିର୍ମାଣ ହୋଇଛି। ଉକ୍ତ କମ୍ପ୍ଲେକ୍ସରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ କ୍ୟାବିନେଟ ସଚିବାଳୟ ଏବଂ ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ (ଏନ୍‌ଏସ୍‌ସିଏସ୍) ରହିଛି। ପ୍ରତ୍ୟେକ କାର୍ଯ୍ୟାଳୟର ଅଲଗା ବିଲ୍ଡିଂ ରହିଛି। ପିଏମ୍‌ଓ ଥିବା ବିଲ୍ଡିଂର ନାମ 'ସେବାତୀର୍ଥ-୧'। ଏଥିରେ ଅତ୍ୟାଧୁନକ କାର୍ଯ୍ୟସ୍ଥଳ, ବୃହତ୍ ଉତ୍ସବ ପ୍ରକୋଷ୍ଠ ରହିଛି। ପିଏମ୍‌ଓ ସ୍ଥାନାନ୍ତର ଏକ ଯୁଗ ଅବସାନର ସୂଚନା ଦେଉଛି। ୧୯୪୭ରେ ଭାରତ ସ୍ୱାଧୀନ ହେବା ପରଠାରୁ ପିଏମ୍‌ଓ ସାଉଥ୍ ବ୍ଲକ୍‌ରେ ରହିଆସିଥିଲା।

# ଟ୍ରମ୍ପ୍‌ଙ୍କ ଧମକ ପରେ ନରମିଲା ଇରାନ

■ବୁଝାମଣା ପାଇଁ ରାଜି
■ଇରାନ ବିକ୍ଷୋଭ ମୃତ୍ୟୁସଂଖ୍ୟା ୫୪୪

**ଦୁବାଇ,୧୨।୧**


ଡୋନାଲ୍ଡ ଟ୍ରମ୍ପ୍

ଇରାନରେ ମୁଦ୍ରାସ୍ଫୀତି ଓ ଆର୍ଥିକ ସଙ୍କଟକୁ ନେଇ ସରକାରଙ୍କ ବିରୋଧରେ ୨ ସପ୍ତାହରୁ ଉର୍ଦ୍ଧ୍ୱ ସମୟ ହେଲା ଦେଶବ୍ୟାପୀ ବିକ୍ଷୋଭ ଜାରି ରହିଥିବା ବେଳେ ସୁରକ୍ଷାବଳର କାର୍ଯ୍ୟାନୁଷ୍ଠାନରେ ଅନ୍ୟୂନ ୫୪୪ ଜଣଙ୍କ ମୃତ୍ୟୁ ଘଟିଲାଣି। ଆନ୍ଦୋଳନକୁ ଚାପିଦେବା ଲାଗି ଇରାନ ସରକାରଙ୍କ ରକ୍ତାକ୍ତ କାର୍ଯ୍ୟାନୁଷ୍ଠାନ ବିରୋଧରେ ଇସ୍‌ଲାମିକ୍ ରିପବ୍ଲିକ୍ ଉପରେ ଆକ୍ରମଣ କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଧମକ ଦେଇଥିଲେ। ଇରାନ ଏବେ ୱାଶିଂଗଟନ ସହ ବୁଝାମଣା ଚାହୁଁଥିବା ଟ୍ରମ୍ପ୍ କହିଛନ୍ତି। ଟ୍ରମ୍ପ୍‌ଙ୍କ ମନ୍ତବ୍ୟ ଉପରେ ଇରାନ ସିଧାସଳଖ ପ୍ରତିକ୍ରିୟା ଦେଇ ନ ଥିବାବେଳେ ୱାଶିଂଟନ ଏବଂ ତେହରାନ ମଧ୍ୟରେ ଦୀର୍ଘଦିନ ଧରି ମଧ୍ୟସ୍ଥତା କରିଆସୁଥିବା ଓମାନ୍‌ର ବହିର୍ବ୍ୟାପାର ମନ୍ତ୍ରୀ ବୁଝାମଣା ସମ୍ପର୍କରେ ସୂଚନା ଦେଇଛନ୍ତି। ତେବେ ଇରାନର ଆଣବିକ କାର୍ଯ୍ୟକ୍ରମ ଏବଂ ବାଲିଷ୍ଟିକ୍ ମିଶାଇଲ୍ ଅସ୍ତ୍ରାଗାର ବନ୍ଦ ପାଇଁ ଟ୍ରମ୍ପ୍ କଠୋର ଦାବି ରଖିଥିବାବେଳେ ତେହରାନ କି ପ୍ରକାର ପ୍ରତିଶ୍ରୁତି ଦେବ, ତାହା ସ୍ପଷ୍ଟ ହୋଇନାହିଁ।

ତେହରାନଠାରେ ବିଦେଶୀ କୂଟନୀତିଜ୍ଞମାନଙ୍କୁ ଇରାନ ବହିର୍ବ୍ୟାପାର ମନ୍ତ୍ରୀ ଆବାସ ଆରାଘଚି କହିଛନ୍ତି, ସ୍ଥିତି ଏବେ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିଛି। ହିଂସା ପାଇଁ ସେ ଇସ୍ରାଏଲ୍ ଏବଂ ଆମେରିକାକୁ ଦାୟୀ କରିଥିବାବେଳେ ଏନେଇ କୌଣସି ପ୍ରମାଣ ଦେଇନାହାନ୍ତି। ଆମେରିକା ସହ କୂଟନୈତିକ ଆଲୋଚନା ଲାଗି ଦ୍ୱାର ଖୋଲା ରହିଥିବା ଇରାନ ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ତେବେ ପାରସ୍ପରିକ ସ୍ୱାର୍ଥ ଓ ଉଦ୍‌ବେଗର ଗ୍ରହଣୀୟତା ଆଧାରରେ ଆଲୋଚନା ହେବା ଆବଶ୍ୟକ। ଏକପାଖିଆ ଏବଂ ଏକଛତ୍ରବାଦ ଆଧାରିତ ଆଲୋଚନା ନୁହେଁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର କହିଛନ୍ତି।

# ନିଜ ଗୁଳିରେ ଟଳିଲେ ଚାଷୀ

## ୪ କୋଟିର ଠକେଇରେ ପଡ଼ିଥିଲେ

**ହଲ୍‌ଦ୍ୱାନି,୧୨।୧**

ଉତ୍ତରାଖଣ୍ଡର ଚାଷୀ ସୁଖୱନ୍ତ ସିଂ(୪୦) ଜମି କିଣିବା ପାଇଁ ୪ କୋଟି ଟଙ୍କା ଠକେଇରେ ପଡ଼ି ଶେଷରେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ସେ ରବିବାର ନିଜ ସ୍ତ୍ରୀ ଓ ପୁଅଙ୍କ ସହ ନୈନିତାଲ ଯାଇ ଫେରିବାବେଳେ କାଠଗୋଦାମରେ ଏକ ହୋଟେଲ ରୁମ୍ ନେଇଥିଲେ। ସେ ନିଜକୁ ଗୁଳି କରିବା ପୂର୍ବରୁ ଇଣ୍ଟରନେଟ୍‌ରେ ଏକ ଭିଡିଓ ପୋଷ୍ଟ କରି ତାଙ୍କ ସହ ବିତିଥିବା ଘଟଣା ଓ ଅଭିଯୁକ୍ତଙ୍କ ନାମ ପ୍ରକାଶ କରିଥିଲେ।

# ବିବାହର ମାସେ ପୂର୍ବରୁ ରୁଷିଆ ଟ୍ୟାଙ୍କରରୁ ମର୍ଚ୍ଚାଣ୍ଟ ନେଭି ଅଫିସର ଅଟକ

**ନୂଆଦିଲ୍ଲୀ,୧୨।୧**


ରିକ୍ଷିତ ଚୌହାନ

ହିମାଚଳପ୍ରଦେଶର କାଙ୍ଗ୍ରା ଜିଲାରୁ ରୁଷିଆର ଏକ କମ୍ପାନୀରେ ମର୍ଚ୍ଚାଣ୍ଟ ନେଭି ଅଫିସର ଭାବେ କାର୍ଯ୍ୟରତ ରିକ୍ଷିତ ଚୌହାନଙ୍କର ଆସନ୍ତା ମାସରେ ବିବାହ ଅନୁଷ୍ଠିତ ହେବାର ଥିଲା। ତାଙ୍କୁ ତୁରନ୍ତ ଘରକୁ ଫେରିବାର ଥିବାବେଳେ ତୈଳ ଆଣିବା ପାଇଁ ଭେନେଜୁଏଲା ଯାଇ ସେ ଫସିଯାଇଛନ୍ତି। ରୁଷିଆ ତୈଳ ଟ୍ୟାଙ୍କର, ଯେଉଁଥିରେ ରିକ୍ଷିତ କ୍ରିଉ ମେମ୍ବର ଭାବେ କାର୍ଯ୍ୟ କରୁଥିଲେ, ତାହାକୁ ଆମେରିକା ସୈନ୍ୟ ଜବତ କରିଛନ୍ତି। ରିକ୍ଷିତଙ୍କୁ ସୁରକ୍ଷିତ ଭାବେ ଭାରତ ଫେରାଇ ଆଣିବା ପାଇଁ ତାଙ୍କ ପରିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରିଛନ୍ତି। ମାରିନେରା ନାମକ ଉକ୍ତ ଜାହାଜରେ ୩ ଭାରତୀୟ କ୍ରିଉ ମେମ୍ବରଙ୍କ ମଧ୍ୟରୁ ୨୬ ବର୍ଷୀୟ ରିକ୍ଷିତ ଅନ୍ୟତମ। ସେ ପ୍ରଥମ ଥର ପାଇଁ ଉକ୍ତ ଜାହାଜରେ ଭେନେଜୁଏଲା ଯାଇଥିବାବେଳେ ଆମେରିକା ସୁରକ୍ଷା ବଳ ଜାହାଜକୁ ପିଛାକରି ଗତ ୭ ତାରିଖରେ ଜବତ କରିଥିଲା।

# ଇସିଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ଏସ୍‌ଆଇଆର୍‌ରେ ଅନିୟମିତତା ଅଭିଯୋଗ**

**ନୂଆଦିଲ୍ଲୀ,୧୨।୧**

ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚାଲିଥିବାବେଳେ ସେଥିରେ ମନମାନି ଏବଂ ପ୍ରକ୍ରିୟାଗତ ଅନିୟମିତତା ହେଉଥିବା ନେଇ ତୃଣମୂଳ କଂଗ୍ରେସର କେତେଜଣ ଏମ୍‌ପି ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ସର୍ବୋଚ୍ଚ ଅଦାଲ ସୋମବାର ଏହା ଉପରେ ନିର୍ବାଚନ କମିଶନ(ଇସି)ଙ୍କୁ ଜବାବ ମାଗିଛନ୍ତି। ଏମ୍‌ପି ଡେରେକ୍ ଓ'ବ୍ରାଏନ୍ ଏବଂ ଦୋଳ ସେନ୍ ପୂର୍ବରୁ ଏସ୍‌ଆଇଆର୍ ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରି ପିଟିଶନ ଦାଖଲ କରିଥିବାବେଳେ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ସେମାନଙ୍କ ଆବେଦନକୁ ବିଚାରକୁ ନେଇଛନ୍ତି। ବ୍ରାଏନ୍‌ଙ୍କ ତରଫରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଉପସ୍ଥିତ ରହି କହିଥିଲେ, ଏସ୍‌ଆଇଆର୍ ଉପରେ ଇସିଙ୍କୁ ନୀତି ନିର୍ଦ୍ଦେଶ ହ୍ୱାଟ୍ସଆପ୍ ଭଳି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଜରିଆରେ ଜାରି କରାଯାଉଛି ଏବଂ ବୁଥସ୍ତରୀୟ ଅଧିକାରୀ (ବିଏଲ୍‌ଓ)ମାନଙ୍କୁ ବିମାନ ଆନୁଷ୍ଠାନିକ ନିର୍ଦ୍ଦେଶରେ କାର୍ଯ୍ୟ କରିବାକୁ କୁହାଯାଉଛି। ନିର୍ବାଚନ କମିଶନ ଭୋଟରମାନଙ୍କ ଏକ ଏକ ତାର୍କିକ ବିସଙ୍ଗତି ଆଣିଛନ୍ତି। ଭୋଟର ତଥ୍ୟରେ ଅସଙ୍ଗତି ଓ ତ୍ରୁଟି ଥିବା ଦର୍ଶାଇ ଯୋଗ୍ୟ ଭୋଟରମାନଙ୍କୁ ଶୁଣାଣି ପାଇଁ ହାଜର ହେବାକୁ ନୋଟିସ କରାଯାଉଛି। ୨ ଟିଏମ୍‌ସି ଏମ୍‌ପିଙ୍କ ଆବେଦନ ଉପରେ ସପ୍ତାହେ ମଧ୍ୟରେ ଜବାବ ଦାଖଲ କରିବାକୁ ଖଣ୍ଡପୀଠ ନିର୍ବାଚନ କମିଶନଙ୍କୁ କହିଛନ୍ତି।

# ପ୍ରକୃତ ଭୋଟରଙ୍କୁ ଅସୁବିଧାରେ ପକାଉଛି ଡିଜିଟାଇଜେଶନ ତ୍ରୁଟି

**କୋଲକାତା,୧୨।୧(ପି.ଟି.)**

**ସିଇସିଙ୍କୁ ଜଣାଇଲେ ମମତା**

୨୦୦୨ର ଭୋଟର ତାଲିକାରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ପରିଚାଳିତ ଡିଜିଟାଇଜେଶନ ଯୋଗୁ ତ୍ରୁଟି ଓ ଅସଙ୍ଗତି ଦେଖାଦେଇଛି। ଫଳରେ ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ ପ୍ରକ୍ରିୟା ବେଳେ ସ୍ୱାଭାବିକ ଭୋଟରମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କୁ ସୋମବାର ପତ୍ର ଲେଖି ଜଣାଇଛନ୍ତି। ରାଜ୍ୟରେ ଏହା ସିଇସିଙ୍କୁ ମମତାଙ୍କ ୫ମ ପତ୍ର। ପୂର୍ବରୁ ତ୍ରୁଟି ସଂଶୋଧନ ହୋଇଥିଲେ ମଧ୍ୟ ନ୍ୟାୟିକ ଶୁଣାଣି ପରେ ପୁନର୍ବାର ପରିଚୟ ପ୍ରମାଣ ଦେବାକୁ ଭୋଟରମାନଙ୍କୁ କୁହାଯାଉଛି। ଏଭଳି ଆଭିମୁଖ୍ୟ ୨ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଚାଲିଆସିଥିବା ନିର୍ବାଚନ କମିଶନଙ୍କ ନିଜ କାର୍ଯ୍ୟ ଓ ବ୍ୟବସ୍ଥାକୁ ଅସ୍ୱୀକାର କରୁଥିବା ମମତା ଅଭିଯୋଗ କରିଛନ୍ତି।

# ଝୁଲା ଶିବଲିଙ୍ଗ

**ଅନେକ ଶିବଲିଙ୍ଗ ଦେଖିଥିବେ। ମାତ୍ର ଆମ ଦେଶରେ ଏମିତି ଏକ ସ୍ଥାନ ରହିଛି, ଯେଉଁଠି ଶିବଲିଙ୍ଗ ଝୁଲି କି ରହିଛି। ଏପରି ଚମତ୍କାରିତା ଗୁଜରାଟରେ ଦେଖିବାକୁ ପାଇବେ। ଗୁଜରାଟର ପ୍ରସିଦ୍ଧ ସୋମନାଥ ମନ୍ଦିର ୧୦୨୬ରେ ଗଜନୀବୀର ମହମ୍ମଦଙ୍କ ଦ୍ୱାରା ଆକ୍ରମଣ ଏବଂ ଧ୍ୱଂସ କରାଯାଇଥିଲା। ୨୦୨୬ରେ ଏହି ଆକ୍ରମଣର ୧୦୦୦ତମ ବାର୍ଷିକୀ ପାଳନ କରାଯାଉଛି। ସୋମନାଥ ମନ୍ଦିର ଭାରତର ୧୨ଟି ପ୍ରସିଦ୍ଧ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ପ୍ରଥମ। ଭଗବାନ ଶିବଙ୍କ ଏହି ପ୍ରସିଦ୍ଧ ମନ୍ଦିର ଭାରତର ଆତ୍ମା, ବିଶ୍ୱାସ ଏବଂ ଗର୍ବର ପ୍ରତିମୂର୍ତ୍ତି। ଏହି ମନ୍ଦିର କେବଳ ଏକ ଧାର୍ମିକ ସ୍ଥଳ ନୁହେଁ, ବରଂ ହଜାର ହଜାର ବର୍ଷର ଭାରତୀୟ ସଭ୍ୟତା, ବିଶ୍ୱାସ ଏବଂ ସଂଘର୍ଷର କାହାଣୀ ମଧ୍ୟ ବର୍ଣ୍ଣନା କରେ। ଜାଣନ୍ତୁ ଏହି ମନ୍ଦିରର ସ୍ୱତନ୍ତ୍ରତା ଏବଂ ରହସ୍ୟ ସମ୍ପର୍କରେ...**



ଦେବଦେବ ମହାଦେବ ସୋମନାଥ ମନ୍ଦିରରେ ବିରାଜମାନ କରିଛନ୍ତି। ସୋମନାଥ ମନ୍ଦିର ହିନ୍ଦୁମାନଙ୍କ ପାଇଁ ଏକ ପବିତ୍ର ସ୍ଥାନ। କୁହାଯାଏ, ଏହି ମନ୍ଦିରରେ ଥିବା ଶିବଲିଙ୍ଗ ସ୍ୱୟଂ ଭଗବାନ ଚନ୍ଦ୍ରଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ଏହା ଋଗ୍‌ବେଦରେ ମଧ୍ୟ ଉଲ୍ଲେଖ ଅଛି। ଏହି ମନ୍ଦିରକୁ ମହମ୍ମଦ ଗଜନୀବୀରଙ୍କ ସମେତ ଅନେକ ମୋଗଲ ଶାସକ ଆକ୍ରମଣ ଏବଂ ଲୁଟ୍ କରିଥିଲେ, କିନ୍ତୁ ଏହାର ଗୌରବ ଆଜି ମଧ୍ୟ ଅକ୍ଷୁଣ୍ଣ ରହିଛି।

ପ୍ରସିଦ୍ଧ ସୋମନାଥ ମନ୍ଦିରକୁ ମୋଗଲ ଶାସକମାନେ ଅନେକ ଥର ଧ୍ୱଂସ କରିଥିଲେ। ଏହା ପରେ ମନ୍ଦିରଟି ଅନେକ ଥର ପୁନଃନିର୍ମାଣ କରାଯାଇଛି। କୁହାଯାଏ ସୋମନାଥ ମନ୍ଦିରରେ ଥିବା ଜ୍ୟୋତିର୍ଲିଙ୍ଗ କୌଣସି ସମର୍ଥନ ବିନା ପବନରେ ଝୁଲି ରହିଥିଲା। ସୋମନାଥ ମନ୍ଦିରରେ ଭାସମାନ ଶିବଲିଙ୍ଗକୁ ଏକ ପ୍ରାଚୀନ ସ୍ଥାପତ୍ୟ ଚମତ୍କାର ଭାବରେ ବିବେଚନା କରାଯାଏ। କୁହାଯାଏ ଚୁମ୍ବକୀୟ ଶକ୍ତି ବ୍ୟବହାର କରି ଏହାକୁ କୌଣସି ସମର୍ଥନ ବିନା ବାୟୁରେ ଝୁଲାଇ ରଖାଯାଇଥିଲା। ମହମ୍ମଦ ବାୟୁରେ ଶିବଲିଙ୍ଗ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ଧାର୍ମିକ ବିଶ୍ୱାସ ଅନୁସାରେ, ଏହି ମନ୍ଦିର ପ୍ରଭୁ ଚନ୍ଦ୍ରଦେବଙ୍କ ସହିତ ଜଡ଼ିତ। ସେ ତାଙ୍କ ଶ୍ୱଶୁର ଦକ୍ଷ ପ୍ରଜାପତିଙ୍କ ଅଭିଶାପରୁ ମୁକ୍ତ ହେବା ପାଇଁ ଏଠାରେ ଭଗବାନ ଶିବଙ୍କୁ ପୂଜା କରିଥିଲେ। ପୌରାଣିକ କଥା ଅନୁସାରେ, ଚନ୍ଦ୍ରଦେବ ଦକ୍ଷ ପ୍ରଜାପତିଙ୍କ ୨୭ ଜଣ କନ୍ୟାଙ୍କୁ ବିବାହ କରିଥିଲେ, କିନ୍ତୁ ସେ ରୋହିଣୀଙ୍କୁ ସବୁଠାରୁ ଅଧିକ ଭଲ ପାଉଥିଲେ ଏବଂ ଅନ୍ୟ ସ୍ତ୍ରୀମାନଙ୍କ ପ୍ରତି ଭେଦଭାବ କରୁଥିଲେ।

ଯେତେବେଳେ ଦକ୍ଷଙ୍କ ଅନ୍ୟ ସ୍ତ୍ରୀମାନେ ସେମାନଙ୍କ ପିତାଙ୍କ ନିକଟରେ ଚନ୍ଦ୍ରଦେବଙ୍କ ବିଷୟରେ ଅଭିଯୋଗ କଲେ, ଦକ୍ଷ ପ୍ରଜାପତି କ୍ରୋଧିତ ହୋଇ ଚନ୍ଦ୍ରଦେବଙ୍କୁ ଅଭିଶାପ ଦେଇ କହିଲେ, ତୁମେ ତୁମର ସୌନ୍ଦର୍ଯ୍ୟ ଉପରେ ଏତେ ଗର୍ବିତ, ତୁମର ତେଜ କମିଯିବ। ପରେ ଏହା ଚନ୍ଦ୍ରର ତେଜ ହ୍ରାସ କରିଥିଲା। ଅନେକ ଶିବଲିଙ୍ଗ ଦେଖିଥିବେ। ମାତ୍ର ଆମ ଦେଶରେ ଏମିତି ଏକ ସ୍ଥାନ ରହିଛି, ଯେଉଁଠି ଶିବଲିଙ୍ଗ ଝୁଲିକି ରହିଛି। ଏପରି ଚମତ୍କାରିତା ଗୁଜରାଟରେ ଦେଖିବାକୁ ପାଇବେ।

# ଇସ୍ରୋର ପିଏସ୍‌ଏଲ୍‌ଭି ମିଶନ ବିଫଳ

**ଶ୍ରୀହରିକୋଟା,୧୨।୧(ପି.ଟି.)**



ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ପିଏସ୍‌ଏଲ୍‌ଭି-ସି୬୩ ରକେଟ ବିଦେଶୀ ଭୂପର୍ଯ୍ୟବେକ୍ଷଣ ସାଟେଲାଇଟ୍ ସହ ୧୬ଟି ଉପଗ୍ରହକୁ ନେଇ ମହାକାଶକୁ ଯାଉଥିବାବେଳେ ବିସଙ୍ଗତିର ସମ୍ମୁଖୀନ ହେବାରୁ ମହାକାଶ ମିଶନ ବିଫଳ ହୋଇଛି। ରକେଟରେ ବ୍ୟତିକ୍ରମ ଦେଖାଦେବା ପରେ ଗତିପଥରୁ ଏହା ଦୂରେଇଯାଇଥିଲା। ରକେଟକୁ ଆବଶ୍ୟକ ବେଗ ଦେବା ଲାଗି ତୃତୀୟ ପର୍ଯ୍ୟାୟର ଷ୍ଟ୍ରାପ୍-ଅନ୍ ମୋଟରଗୁଡ଼ିକ ଥ୍ରଷ୍ଟ ପ୍ରଦାନ କରୁଥିଲେ ବୋଲି ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ କହିଛନ୍ତି। ମିଶନ ବିଫଳ ହେବାର କାରଣ ଜାଣିବା ପାଇଁ ସବିଶେଷ ଅନୁଧ୍ୟାନ କରାଯାଉଥିବା ସେ ସୂଚନା ଦେଇଛନ୍ତି। ସାଟେଲାଇଟ୍‌ଗୁଡ଼ିକୁ ଯେଉଁ ନିର୍ଦ୍ଦିଷ୍ଟ କକ୍ଷପଥରେ ଅବସ୍ଥାପିତ କରିବାର ଥିଲା, ତାହା ହୋଇପାରିଲା ନାହିଁ। ସମସ୍ତ ୧୬ଟି ଯାକ ସାଟେଲାଇଟ୍ ମହାକାଶରେ ହଜିଗଲେ ବୋଲି ଇସ୍ରୋ ସୂତ୍ରରୁ କୁହାଯାଇଛି। ତୃତୀୟ ପର୍ଯ୍ୟାୟରେ ଏହା ପିଏସ୍‌ଏଲ୍‌ଭି ମିଶନର କ୍ରମାଗତ ଦ୍ୱିତୀୟ ବିଫଳତା। ଗତ ମେ'ରେ ମୋଟର ପ୍ରେସର ସମସ୍ୟାକୁ ନେଇ ପିଏସ୍‌ଏଲ୍‌ଭି-ସି୬୧-ଇଓଏସ୍-୦୯ ସଫଳତା ହାସଲ କରିପାରି ନ ଥିଲା।

# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୧୩/୨୦୨୬ | Bhubaneswar, Tuesday, January 13/2026 | ପୃଷ୍ଠା-୧




## ଟୋମାସ ଡୋମେନଙ୍କ ଡବଲ ଗୋଲ୍

ହାଇଦ୍ରାବାଦ ତୁଫାନ ବିପକ୍ଷ ପୁରୁଷ ହକି ଇଣ୍ଡିଆ ଲିଗ୍ ମ୍ୟାଚ୍‌ରେ ଡବଲ ଗୋଲ୍ ସ୍କୋର କରିଛନ୍ତି ଏସ୍‌ଜି ପାଇପର୍ସର ଟୋମାସ ଡୋମେନ।

୧୦ ୦୨

## ହନୁମାନ ଚାଳିଶା ପଢୁଛନ୍ତି ପରିଣୀତି

ନିକଟରେ ପୁତ୍ର ସନ୍ତାନର ଜନନୀ ହୋଇଥିବା ଅଭିନେତ୍ରୀ ପରିଣୀତି ଚୋପ୍ରା ନିଜକୁ ଶାନ୍ତ ରଖିବା ପାଇଁ ସକାଳୁ ଉଠି ହନୁମାନ ଚାଳିଶା ପଢୁଥିବା କହିଛନ୍ତି।





କଟକ ସୂତାହାଟ ଖ୍ରୀଷ୍ଟିଆନ ସାହି ପୁଷ୍କରିଣୀ ମଧ୍ୟକୁ ଭାରସାମ୍ୟ ହରାଇ ଖସି ପଡ଼ିଥିବା ବିଦ୍ୟୁତ୍ ବିଭାଗର ଗାଡ଼ିକୁ ସୋମବାର ବାହାର କରାଯାଉଛି। **(ଫଟୋ: ରାଜକିଶୋର ମହାନ୍ତି)**

# ଫେବୃଆରୀ ୧ ରବିବାର କେନ୍ଦ୍ର ବଜେଟ

ନୂଆଦିଲ୍ଲୀ,୧୨।୧(ପି.ଟି.)

ଆଗାମୀ ଫେବୃଆରୀ ୧ ତାରିଖ ରବିବାରରେ ପାର୍ଲାମେଣ୍ଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସାଧାରଣ ବଜେଟ ଉପସ୍ଥାପନ କରିବେ ବୋଲି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ସୋମବାର ଘୋଷଣା କରିଛନ୍ତି। ରବିବାର ବଜେଟ ଉପସ୍ଥାପନ କରାଯିବା ଏହା ପ୍ରଥମ ଘଟଣା। ଏହା ସୀତାରାମନଙ୍କ ନବମ ବଜେଟ ଉପସ୍ଥାପନ ହେବ। ସର୍ବାଧିକ ୧୦ ଥର ବଜେଟ ଉପସ୍ଥାପନ କରିବା ରେକର୍ଡ ତତ୍କାଳୀନ ଅର୍ଥମନ୍ତ୍ରୀ ମୋରାରଜୀ ଦେଶାଇଙ୍କ ନାମରେ ରହିଛି।

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଜାନୁଆରୀ ୨୮ରେ ଆରମ୍ଭ ହେବାକୁ ଥିବାବେଳେ ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲୋକ ସଭା ଓ ରାଜ୍ୟ ସଭାର ସଦସ୍ୟମାନଙ୍କୁ ଲୋକ ସଭା ଚାମ୍ବରରେ ଉଦ୍‌ବୋଧନ ଦେବେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ପାର୍ଲାମେଣ୍ଟର ଉଭୟ ଗୃହରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିପାରନ୍ତି। ବଜେଟ ଅଧିବେଶନର ଜାନୁଆରୀ ୨୮ରୁ ଆରମ୍ଭ ହୋଇ ଏପ୍ରିଲ ୨ ପର୍ଯ୍ୟନ୍ତ ଚାଲିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ପୂର୍ବରୁ କହିଥିଲେ। ଅଧିବେଶନର ପ୍ରଥମ ଭାଗ ଫେବୃଆରୀ ୧୩ରେ ଶେଷ ହେବାକୁ ଥିବାବେଳେ ମାର୍ଚ୍ଚ ୩ରେ ଦ୍ୱିତୀୟ ଭାଗ ଆରମ୍ଭ ହେବ।

# ଆଜି ଭାରତ-ଆମେରିକା ବାଣିଜ୍ୟ ଆଲୋଚନା

ନୂଆଦିଲ୍ଲୀ,୧୨।୧

ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଆଲୋଚନା ମଙ୍ଗଳବାର ଆରମ୍ଭ ହେବାକୁ ଯାଉଛି। ଭାରତୀୟ ସାମଗ୍ରୀ ଉପରେ ଆମେରିକା ୫୦ ପ୍ରତିଶତ ଟାରିଫ୍ ଲଗାଇଥିବାବେଳେ ଆଗାମୀ ଦିନରେ ୫୦୦ ପ୍ରତିଶତ ଟାରିଫ୍ ଲଗାଇବା ପ୍ରସ୍ତାବକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଞ୍ଜୁରୀ ଦେଇଥିବାରୁ ଦୁଇ ଦେଶର ସମ୍ପର୍କରେ ତିକ୍ତତା ଦେଖାଦେଇଥିଲା। ପୁନର୍ବାର ସମ୍ପର୍କରେ ସୁଧାରଣ ଆଣିବା ପାଇଁ ୱାଶିଂଟନ ଚାହୁଁଥିବା ନୂଆଦିଲ୍ଲୀରେ ଆମେରିକାର ନବନିଯୁକ୍ତ ରାଷ୍ଟ୍ରଦୂତ ସର୍ଜିଓ ଗୋର୍ ସୋମବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, କୌଣସି ଦେଶ ଆମେରିକା ପାଇଁ ଭାରତ ଭଳି ଜରୁରୀ ନୁହେଁ। ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିବା ଲାଗି ୨ ଦେଶ ସକ୍ରିୟ ଭାବେ କାର୍ଯ୍ୟ କରୁଥିବା ସେ କହିଛନ୍ତି।

ଆମେରିକା ନେତୃତ୍ୱରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ କୃତ୍ରିମ ବୁଦ୍ଧିମତ୍ତା ଉପରେ ହେବାକୁ ଥିବା ରଣନୀତିକ ମେଣ୍ଟ 'ପାକ୍ସ ସିଲିକା'କୁ ଭାରତକୁ ଆମନ୍ତ୍ରିତ ହୋଇଥିବା ଗୋର୍ ଘୋଷଣା କରିଛନ୍ତି। ଭାରତରେ କାର୍ଯ୍ୟ ଆରମ୍ଭ କରିବା ପରେ ଆମେରିକା ଦୂତାବାସରେ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଇ ଗୋର୍ କହିଛନ୍ତି, କୂଟନୀତିକୁ ପୁନଃ ପରିଭାଷିତ କରିବାର ଏକ ସୁଯୋଗ ଜୀବନରେ ଥରେ ମିଳିଛି। ଭାରତ ସହ ସବୁଠୁ ଗୁରୁତ୍ୱପୂର୍ଣ୍ଣ ସହଭାଗିତାକୁ ସମ୍ପୂର୍ଣ୍ଣ କରାଯାଇପାରିବ ବୋଲି ଗୋର୍ କହିଛନ୍ତି। ସେ କହିଛନ୍ତି, କୌଣସି ଅଂଶୀଦାର ଭାରତଠାରୁ ଅଧିକ ଜରୁରୀ ନୁହେଁ। ଏକ ମହତ୍ୱାକାଂକ୍ଷୀ ଏଜେଣ୍ଡାକୁ ଅନୁସରଣ କରିବା ତାଙ୍କର ଲକ୍ଷ୍ୟ। ପ୍ରକୃତ ରଣନୈତିକ ସହଯୋଗୀ ଭାବେ ଆମେ ଏହା କରିବୁ ବୋଲି ଆମେରିକା ରାଷ୍ଟ୍ରଦୂତ କହିଛନ୍ତି।

ଟ୍ରମ୍ପ୍ ଏବଂ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ବନ୍ଧୁତାକୁ ସେ ବାସ୍ତବ ବୋଲି କହିବା ସହ ଦୁଇଦେଶ ମଧ୍ୟରେ ରହିଥିବା ମତପାର୍ଥକ୍ୟ ଦୂର କରିବାରେ ଏହା ସହାୟକ ହେବ। ଭାରତ ଉପରେ ଟ୍ରମ୍ପ୍ ପ୍ରଥମେ ୨୫ ପ୍ରତିଶତ ଜବାବୀ ଟାରିଫ୍ ଲଗାଇଥିଲେ। ତେବେ ରୁଷିଆରୁ ଭାରତ ତେଲ କିଣା ଜାରି ରଖିଥିବାରୁ ଅତିରିକ୍ତ ୨୫ ପ୍ରତିଶତ ☞ ପୃଷ୍ଠା-୨



### ୱାଶିଂଟନ ପାଇଁ ନୂଆଦିଲ୍ଲୀ ସବୁଠୁ ଜରୁରୀ: ଗୋର୍

# ଲେଉଟିଲା ଶୀତ, ୪ ଡିଗ୍ରୀ ଯାଏ ଖସିଲା ପାରଦ

ଭୁବନେଶ୍ୱର,୧୨।୧(ବନ୍ଦନା ସେଠୀ)

ଦିନକ ପରେ ପୁଣି ଲେଉଟିଛି ଶୀତ। ରାଜ୍ୟର ବିଭିନ୍ନ ସହରରେ ପାରଦ ୩ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଥିବାବେଳେ ଆଗାମୀ ଦିନରେ ତାପମାତ୍ରା ଆହୁରି ନିମ୍ନଗାମୀ ହେବ। ଫଳରେ ଶୀତ ଆହୁରି ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। କେନ୍ଦ୍ରର ସୂଚନାନୁସାରେ, ଆଗାମୀ ୩ଦିନ ସାରା ରାଜ୍ୟରେ ପ୍ରବଳ ଥଣ୍ଡା ଅନୁଭୂତ ହେବା ନେଇ ବିଭିନ୍ନ ଜିଲାକୁ ସତର୍କ କରାଯାଇଛି। ମଙ୍ଗଳବାର ଓ ବୁଧବାର ଝାରସୁଗୁଡା, ଅନୁଗୋଳ ଏବଂ ବୌଦ୍ଧ ଜିଲାକୁ ଥଣ୍ଡା ପାଇଁ ୟେଲୋ ୱାର୍ନିଂ ଦିଆଯାଇଥିବାବେଳେ ଗୁରୁବାର ସୁନ୍ଦରଗଡ଼, ଝାରସୁଗୁଡା, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, କଟକ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା ଏବଂ ଜଗତ୍‌ସିଂହପୁର ଜିଲାକୁ ଆଲର୍ଟ ଜାରି ହୋଇଛି।

ବିଭାଗର ତଥ୍ୟ ଅନୁଯାୟୀ, ରବିବାର ଦାରିଙ୍ଗବାଡିରେ ସର୍ବନିମ୍ନ ରାତି ତାପମାତ୍ରା ୬.୫ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ୧୦ ଡିଗ୍ରୀ ତଳେ ୬ ସହର ରହିଥିଲା। ହେଲେ ଗତ ୨୪ ଘଣ୍ଟାରେ ୧୦ଟି ସହରର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲାବେଳେ ☞ ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଇତିହାସର ପ୍ରତିଶୋଧ ବୋକାମି**

# ପ୍ରଶ୍ନପତ୍ର ଲିକ୍ ରୋକିବ ଏଆଇ କ୍ୟାମେରା

ଭୁବନେଶ୍ୱର,୧୨।୧(ଅନୁରାଧା ମହାରଣା)

ଯୁକ୍ତ୨ ପରୀକ୍ଷାକୁ ସ୍ୱଚ୍ଛ ତଥା ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ସବୁ ସ୍ତରରୁ ପ୍ରୟାସ ଚାଲିଛି। ଇତିମଧ୍ୟରେ ଗତ ୨ ତାରିଖରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇଛି। ଫେବୃଆରୀ ୧୮ରୁ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକର ଥିଓରି ଆରମ୍ଭ ହେବ ଓ ଏହା ୨୨ଦିନ ଧରି ଚାଲିବ। ଫେବୃଆରୀ ୧୫ ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିବ। ତେବେ ପ୍ରଶ୍ନପତ୍ର ଲିକ୍ ରୋକିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଏଆଇ କ୍ୟାମେରା ବ୍ୟବହାର କରିବ ବୋଲି ପରିଷଦ ଅଧ୍ୟକ୍ଷ ମୃଣାଳ କାନ୍ତି ଦାସ ସୋମବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨୧୧ ହବ୍‌ରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କ୍ୟାମେରା ସ୍ଥାପନ କରିବ। ଏଥିପାଇଁ କଲେଜ ଇଣ୍ଟରନେଟ୍ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଏଆଇ କ୍ୟାମେରାରେ ୧୨୮ ଜିବି ମେମୋରୀ କାର୍ଡ ଲଗାଯିବ। ଏଥିପାଇଁ ପାୱାର ବ୍ୟାକ୍‌ଅପ୍ ଦିଆଯିବ। ଫେବୃଆରୀ ୯ ସୁଦ୍ଧା ସବୁ ହବ୍‌ରେ ଲଗାଯିବ। ଅନ୍ୟପଟେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଫିସରେ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ପ୍ରଥମ ଥର ପାଇଁ ପ୍ରାକ୍ଟିକାଲ ପରୀକ୍ଷାକୁ ଏହି କଣ୍ଟ୍ରୋଲ ରୁମରୁ ମନିଟର କରାଯାଇଛି। ପୂର୍ବରୁ କେବଳ ଥିଓରି ପରୀକ୍ଷାକୁ କଣ୍ଟ୍ରୋଲ ରୁମ୍‌ରୁ ମନିଟର କରାଯାଉଥିଲା। ଏହାଦ୍ୱାରା ପିଲାମାନଙ୍କ ସମେତ ଏକ୍ସଟରନାଲମାନଙ୍କ ଗତିବିଧି ଉପରେ ମଧ୍ୟ ନଜର ରଖାଯାଉଛି।

ପରିଷଦର ସୂଚନାନୁସାରେ, ୨୦୨୫-୨୬ ଶିକ୍ଷାବର୍ଷ ଯୁକ୍ତ୨ ପରୀକ୍ଷା ପାଇଁ ୪,୦୧,୬୨୩ ଛାତ୍ରୀଛାତ୍ର ଫର୍ମପୂରଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୩,୭୬,୫୩୫ ଜଣ ରେଗୁଲାର ଏବଂ ୨୫,୦୮୮ ଏକ୍ସରେଗୁଲାର ପିଲା ରହିଛନ୍ତି। କଳା ବିଭାଗରେ ୨୫୬୭୦୭ ପିଲା ଫର୍ମପୂରଣ କରିଥିବାବେଳେ ୨୪୧୬୨୨ଜଣ ରେଗୁଲାର ଏବଂ ୧୫୦୮୫ଜଣ ଏକ୍ସ ରେଗୁଲାର ଛାତ୍ରୀଛାତ୍ର ଅଛନ୍ତି। ବାଣିଜ୍ୟ ବିଭାଗରେ ୨୪,୬୨୧ ଜଣଙ୍କ ମଧ୍ୟରୁ ୨୩,୧୦୨ ରେଗୁଲାର ଏବଂ ୧,୫୧୯ ଏକ୍ସ ରେଗୁଲାର, ବିଜ୍ଞାନ ବିଭାଗରେ ଫର୍ମପୂରଣ କରିଥିବା ୧୧୪୩୬୩ ଜଣଙ୍କ ମଧ୍ୟରୁ ୧୦୬୬୪୭ ରେଗୁଲାର ଏବଂ ୭,୭୧୬ ଏକ୍ସ ରେଗୁଲାର ଛାତ୍ରୀଛାତ୍ର ଅଛନ୍ତି। ସେହିପରି ଧନ୍ଦାମୂଳକରେ ୫,୯୩୨ଜଣ ପଞ୍ଜୀକରଣ କରିଥିବାବେଳେ ୫୧୬୪ ରେଗୁଲାର ଏବଂ ୭୬୮ ଏକ୍ସ ରେଗୁଲାର ଛାତ୍ରୀଛାତ୍ର ରହିଛନ୍ତି। ତେବେ ପରୀକ୍ଷା ସରିବାର ୪୦ଦିନ ଭିତରେ ରେଜଲ୍ଟ ପ୍ରକାଶ ପାଇବ ବୋଲି ସୂଚନା ଦିଆଯାଇଛି।

### ଯୁକ୍ତ୨ ପରୀକ୍ଷା: ଫର୍ମପୂରଣ କରିଛନ୍ତି ୪,୦୧,୬୨୩ ଛାତ୍ରୀଛାତ୍ର

# ସଡ଼କ ସୁରକ୍ଷାରେ ସହାୟକ ହେବ ୬ 'ଇ': ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨।୧(ସୁନିତ୍ ମିଶ୍ର)

- ଘାଟି ରାସ୍ତାରେ ଗାଡ଼ିଚାଳକଙ୍କୁ ସତର୍କ କରାଇବ ସାଇରନ୍
- ଭୁବନେଶ୍ୱରରେ ୧୫ ଚାର୍ଜିଂ ଷ୍ଟେଶନର ଲୋକାର୍ପଣ

ସଡ଼କ ସୁରକ୍ଷା ପାଇଁ ପୂର୍ବରୁ ୪ଟି 'ଇ' ପାଳନ କରିବା ଉପରେ ସରକାର ଗୁରୁତ୍ୱ ଦେଉଥିଲେ। ସେଗୁଡ଼ିକ ହେଲା ଏଜୁକେଶନ, ଏନ୍‌ଫୋର୍ସମେଣ୍ଟ, ଇଞ୍ଜିନିୟରିଂ ଓ ଏମର୍ଜେନ୍ସି। ଏବେ ଏଥିରେ ଆଉ ୨ 'ଇ'କୁ ଅନୁପାଳନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରାମର୍ଶ ଦେଇଥିଲେ। ସେହି ଦୁଇଟି ହେଉଛି ଏନଭାୟରନମେଣ୍ଟ ଓ ଇଭାଲ୍ୟୁଏଶନ। ଯାନବାହନର ପ୍ରଦୂଷଣ ନିୟମକୁ ଠିକ୍ ଭାବେ ପାଳନ କରିବା ସହିତ ସଡ଼କ ସୁରକ୍ଷାର ଯେଉଁ ନିୟମଗୁଡ଼ିକ ଅଛି, ତାହାର ଫଳାଫଳ ସମ୍ପର୍କରେ ଉପଯୁକ୍ତ ମୂଲ୍ୟାୟନ କରିବା ଜରୁରୀ। ଏହି ମୂଲ୍ୟାୟନକୁ ଭିତ୍ତିକରି ବିଭିନ୍ନ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମକୁ ପରିବର୍ତ୍ତନ କିମ୍ବା ଆହୁରି ଉନ୍ନତ କରାଯାଇପାରିବ ବୋଲି ସେ କହିଛନ୍ତି।

ଲୋକସେବା ଭବନ କନଭେନଶନ ସେଣ୍ଟରଠାରେ ସୋମବାର ଆୟୋଜିତ ଜାତୀୟ ସଡ଼କ ସୁରକ୍ଷା ମାସ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଯୋଗଦେଇ କହିଛନ୍ତି, ରାଜ୍ୟର ସଡ଼କ ସୁରକ୍ଷା ଓ ବିକାଶ କ୍ଷେତ୍ରରେ ଆଜି ଏକ ଐତିହାସିକ ଦିନ। ସାରା ରାଜ୍ୟରେ ଏବେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ ହେଉଛି। ଏବେଠାରୁ ସଡ଼କ ସୁରକ୍ଷାକୁ ସୁଶାସନର ଅଂଶ ଭାବେ ଗ୍ରହଣ କରାଗଲା। ଏହାଦ୍ୱାରା ସରକାରୀ ଅଧିକାରୀମାନେ ଏହା ଉପରେ ଅଧିକ ସତର୍କ ରହିବେ। ଏହି ଅବସରରେ 'ମୁଖ୍ୟମନ୍ତ୍ରୀ ସଡ଼କ ☞ ପୃଷ୍ଠା-୨

# ରାଉରକେଲାକୁ ଉଡ଼ିବ ୭୨ ଆସନ ବିଶିଷ୍ଟ ବିମାନ: ପରିବହନ ମନ୍ତ୍ରୀ

ରାଉରକେଲା,୧୨।୧(ସଙ୍ଗୀତା ଜେନା)

ରାଉରକେଲା ଜଲଦା ଫାଣ୍ଡି ଗଡ଼ିଆଟୋଲା ଓ ବନଟୋଲା ମଧ୍ୟବର୍ତ୍ତୀ ଅଞ୍ଚଳରେ ଗତ ଶନିବାର ଅପରାହ୍ନ ସାଢ଼େ ୧ଟାରେ ହୋଇଥିବା ବିମାନ ଦୁର୍ଘଟଣାର ତଦନ୍ତ ରବିବାରଠାରୁ ଆରମ୍ଭ ହୋଇଛି। ଏହି କ୍ରମରେ ସୋମବାର ସକାଳ ୬ଟାରେ ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଦୁର୍ଘଟଣାସ୍ଥଳ ଅନୁଧ୍ୟାନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଜେନା କହିଲେ, ସମସ୍ତ ଆହତ ସୁରକ୍ଷିତ ଅଛନ୍ତି। ଈଶ୍ୱରଙ୍କ କୃପାରୁ କୌଣସି ଜୀବନହାନି ହୋଇନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ। ଦୁର୍ଘଟଣା ସମୟରେ ସ୍ଥାନୀୟ ଲୋକଙ୍କ ସହଯୋଗ କେବେ ଭୁଲି ହେବନାହିଁ। ସାହସୀ ଗ୍ରାମବାସୀଙ୍କୁ ସମ୍ମାନିତ କରାଯିବ। ଦୁର୍ଘଟଣାର କାରଣ ବିଷୟରେ ଅନୁଧ୍ୟାନ କରାଯାଉଛି। ଭବିଷ୍ୟତରେ ସୁରକ୍ଷିତ ଉଡାଣ ସୁନିଶ୍ଚିତ କରାଯିବ। ସମ୍ପ୍ରତି ୯ ଆସନ ବିଶିଷ୍ଟ ବିମାନ ଚଳାଚଳ କରୁଛି। ଖୁବ୍‌ଶୀଘ୍ର ବିମାନବନ୍ଦର ଜମି ସମସ୍ୟା ଦୂର ହେବାକୁ ଯାଉଛି। ବର୍ତ୍ତମାନ ସେଲ୍ ପରିଚାଳିତ ବିମାନବନ୍ଦରକୁ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଉଛି। ଖୁବ୍‌ଶୀଘ୍ର ପୁଣି ୭୨ ସିଟ୍ ବିଶିଷ୍ଟ ବିମାନ ଚଳାଚଳ କରିବ ବୋଲି ମନ୍ତ୍ରୀ ଜେନା କହିଥିଲେ। ପରେ ସେ ଜେପି ହସ୍ପିଟାଲ ଯାଇ ଆହତ ଓ ସେମାନଙ୍କ ପରିବାର ଲୋକଙ୍କୁ ଭେଟିଥିଲେ। ଏହି ସମୟରେ ଜିଲାପାଳ ଶୁଭଙ୍କର ମହାପାତ୍ର, ଏଡିଏମ୍ ଦୀନା ଦସ୍ତଗୀର, ଭାଜପା ଜିଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଇଣ୍ଡିଆ ୱାନ ଏୟାର ପ୍ରମୋଟର ଶୈଶବ ଆର୍. ଶାହା ମଧ୍ୟ ଆହତଙ୍କୁ ଭେଟିବା ସହ ସ୍ଥିତି ଅନୁଧ୍ୟାନ କରିଥିଲେ। ସୋମବାର ଅପରାହ୍ନ ୧ଟାରେ ☞ ପୃଷ୍ଠା-୨



ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଘଟଣାସ୍ଥଳ ଅନୁଧ୍ୟାନ କରୁଛନ୍ତି।


SIKSHA 'O' ANUSANDHAN

SAAT-2026

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

## ବୃଦ୍ଧାଙ୍କୁ ବଳାତ୍କାର ପରେ ପଥରରେ ଛେଚି ହତ୍ୟା

ଉଦଳା,୧୨।୧(ସନ୍ତୋଷ କୁମାର ବାଛିନୀ): ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଅମ୍ବିକାଦେଇପୁର ମାହାଲୀସାହି ଗ୍ରାମରେ ସୋମବାର ଜଣେ ୭୫ ବର୍ଷର ବୃଦ୍ଧାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ପୋଲିସ ଅଭିଯୁକ୍ତ ରଘୁ ହେମ୍ବ୍ରମଙ୍କୁ ଗିରଫ କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଅପରାହ୍ନରେ ବୃଦ୍ଧାଜଣଙ୍କ ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ପଡ଼ୋଶୀ ରଘୁ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ପରେ ଏକ ପଥରରେ ଛେଚି ହତ୍ୟା କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ୟୁନିଟ୍ ୪, ସମୟ: ସକାଳ ୮ଟା ୩୦।
- ଏକମ୍ ଇଣ୍ଟରନ୍ୟାଶନାଲ୍ କ୍ଲାସିକ୍ ସୋଲୋ ଡ୍ୟାନ୍ସ ଫେଷ୍ଟିଭାଲ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଜଳସମ୍ପଦ ବିଭାଗ ସାଂସ୍କୃତିକ ପରିଷଦ ପକ୍ଷରୁ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

**ବ୍ରହ୍ମପୁର**
- ଆଧ୍ୟାତ୍ମିକ ସମ୍ମେଳନ, ସ୍ଥାନ: ଦିବ୍ୟଜୀବନ ସଂଘ, ଆଙ୍କୋଲି, ସମୟ: ସକାଳ ୬ଟା।
- ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକର ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ଆଶ୍ରମ ପାଠାଗାର, ସମୟ: ପୂର୍ବାହ୍ନ ୧୧ଟା ୪୫।
- ମା' କାଳୁଆ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ, ଶାସ୍ତ୍ରୀ ନଗର, ଗୋଷାଣିନୂଆଗାଁ, ସମୟ: ରାତି ୮ଟା।

**କନ୍ଧମାଳ**
- ପିଏମଶ୍ରୀ ଉତ୍ସବ, ସ୍ଥାନ: ଭ୍ରମରବାଡ଼ି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।

**ଗଜପତି**
- ସ୍ୱତନ୍ତ୍ର ଜାତୀୟ ସେବା ଶିବିର, ସ୍ଥାନ: ମୋହନା ହିଲଟପ ସ୍ନାତକ ମହାବିଦ୍ୟାଳୟ ପରିସର,ସମୟ: ସକାଳ ୭ଟା ୩୦।

**ଜଗତ୍‌ସିଂହପୁର**
- ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ଜନ୍ମଦିନ ଉପଲକ୍ଷେ ହେନ୍ତାଳ ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଚାନ୍ଦିନୀ, ରଙ୍ଗିଆଗଡ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ସବୁଜ ବାହିନୀ କାର୍ଯ୍ୟକ୍ରମ ଅନ୍ତର୍ଗତ ଛାତ୍ରୀଛାତ୍ରଙ୍କୁ ନେଇ ଚାରାରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଏନ୍ଏସି ବାଳିକା ବିଦ୍ୟାଳୟ, ମଧୁବନ ପାରାଦୀପ, ସମୟ: ଅପରାହ୍ନ ୨ଟା।

**କେନ୍ଦ୍ରାପଡ଼ା**
- ରାଜ୍ୟସ୍ତରୀୟ କେନ୍ଦ୍ରାପଡା ପୁସ୍ତକ ମେଳା, ସ୍ଥାନ: ଟେଲିକମ ପଡିଆ, ମହିପାଳ, କେନ୍ଦ୍ରାପଡା ସହର, ସମୟ: ସନ୍ଧ୍ୟା ୬ଟା।
- ପଲ୍ଲିଶ୍ରୀ ମେଳା ଓ ଜିଲା ମହୋତ୍ସବ, ସ୍ଥାନ:କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡା ସହର, ସମୟ: ସନ୍ଧ୍ୟା ୬ଟା।
- ପଟ୍ଟାମୁଣ୍ଡାଇ ଟେନିସ କ୍ରିକେଟ ଆସୋସିଏଶନ ପକ୍ଷରୁ ପଟ୍ଟାମୁଣ୍ଡାଇ ପ୍ରିମିଅର ଲିଗ୍, ସ୍ଥାନ:ଏମ୍ଏନ ହାଇସ୍କୁଲ, ପଟ୍ଟାମୁଣ୍ଡାଇ, ସମୟ:ସକାଳ ୯ଟା।
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ଜଷ୍ଟିଲୋ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା।

**ଯାଜପୁର**
- ବିଶ୍ୱ ପ୍ରସିଦ୍ଧ ବୌଦ୍ଧ ପୀଠ ଉଦୟଗିରିରେ ଗୁରୁ ପଦ୍ମ ସମ୍ଭବ ସମାବେଶ ୩ୟ ଦିବସ, ବୌଦ୍ଧ ଧର୍ମାବଲମ୍ବୀ ମାନଙ୍କ ପ୍ରାର୍ଥନା ସଭା, ସ୍ଥାନ: ଉଦୟଗିରି ବୌଦ୍ଧ ପୀଠ, ଯାଜପୁର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ଯାଜପୁର ରୋଡ୍ ବ୍ୟାସଦେବ ଟାଉନ୍ ହଲ୍। ସମୟ: ପୂର୍ବାହ୍ନ ସାଢ଼େ ୧୧ଟା।
- ଓଳାଶୁଣୀ ପୀଠରେ କେଶ ଯାତ୍ରା, ଲଳିତଗିରିଠାରୁ ବାହାରି ଓଳାଶୁଣୀ ପାହାଡ଼ରେ ପହଞ୍ଚିବ, ସ୍ଥାନ: ଓଳାଶୁଣୀ ପୀଠ, ବଡ଼ଚଣା ବ୍ଲକ, ଯାଜପୁର, ସମୟ: ସନ୍ଧ୍ୟା ୬ ଟା।
- ବଡ଼ଚଣା ମହୋତ୍ସବର ଉଦ୍‌ଯାପନୀ ସମାରୋହ, ଓଲିଉଡ ଗାୟିକା ଲିପସା ମହାପାତ୍ରଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ: ବଡ଼ଚଣା, ସମୟ: ସନ୍ଧ୍ୟା ୭ଟା।

**ନୟାଗଡ଼**
- ରାମ ଚରିତ ମାନସ ପାରାୟଣର ୪ର୍ଥ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ଖଳିସାହି ତୋଟା ହନୁମାନ ପୀଠ, ସମୟ:ସକାଳ ୭ଟା।
- ଶ୍ରୀରଘୁନାଥଙ୍କର ବିବିଧ ଅର୍ଚ୍ଚନ, ପୂଜନ, ହବନ, ସ୍ମରଣ, ବନ୍ଦନ ଭଳି କାର୍ଯ୍ୟକ୍ରମର ଅୟମାରମ୍ଭ, ସ୍ଥାନ: ଦଶପଲ୍ଲା ମହାବୀର ଖୋର୍ଦ୍ଧା, ସମୟ:ସକାଳ ୭ରୁ ରାତ୍ର ୧୦ଟା।
- ଭୂୟାଁଣୀ ମକରଯାତ୍ରାର ୪ର୍ଥ ଦିବସ, ସ୍ଥାନ: ସୋଲପଟାର ମା' ଭୂୟାଁଣୀଙ୍କ ପୀଠ, ସମୟ: ସକାଳ ୮ଟା।

**ରାୟଗଡ଼ା**
- ତେଲୁଗୁ ସମ୍ପ୍ରଦାୟ ପକ୍ଷରୁ ଭୋଗି ପାଳନ, ସ୍ଥାନ: ଟିକିରି, ସମୟ: ରାତି ୧୨ଟା।

**ନବରଙ୍ଗପୁର**
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବୁଢ଼ାରାଜା ଚାଉଁରିଆ ଚଟା ମହୋତ୍ସବ, ସ୍ଥାନ: ଝରିଗାଁ ବ୍ଲକ ଚଟା ଗ୍ରାମ, ସମୟ: ଅପରାହ୍ନ ୩ଟା।

**କୋରାପୁଟ**
- ଇଣ୍ଟର କଲେଜ ଟେପିନ ହିଟ ଟୁର୍ନାମେଣ୍ଟ ଉଦ୍‌ଯାପନ, ସ୍ଥାନ: କୋଟପାଡ଼ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପିଏମଶ୍ରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଏମଶ୍ରୀ ଉତ୍ସବ, ସ୍ଥାନ: ବ୍ଲକ କଲୋନୀ ବିଦ୍ୟାଳୟ ପରିସର, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ, ସ୍ଥାନ: ପିଏମଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର, ସୁନାବେଡ଼ା-୧, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଛାତ୍ରୀଛାତ୍ରଙ୍କ ଶୀତଦିନିଆ ସ୍ୱତନ୍ତ୍ର ଶିବିର, ସ୍ଥାନ: ଡୁରକାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ, ସ୍ଥାନ: କୁଲାବିର(ପାଡୁଆ) ଉଚ୍ଚ ବିଦ୍ୟାଳୟ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ଇସ୍ରୋ ଉପକରଣ ଉଦ୍‌ଘାଟନ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଗୌଡ଼ଗୁଡ଼ା, ଲକ୍ଷ୍ମୀପୁର, ସମୟ: ପୂର୍ବାହ୍ନ ୧୧ଟା।
- ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବର୍ଜନ ନେଇ ସଚେତନା କାର୍ଯ୍ୟକ୍ରମ, ସ୍ଥାନ: ରାଣୀଡୁଡୁମା, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜଗନ୍ନାଥ ସଂସ୍କୃତି ନେଇ ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପନୀ, ସ୍ଥାନ: ଆଦିବାସୀ ସଂଗ୍ରହାଳୟ, କୋରାପୁଟ, ସମୟ: ଅପରାହ୍ନ ୩ଟା ୩୦।
- ଜାତୀୟ ମତଦାନ ଦିବସ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଏଡିଏମ୍ କାର୍ଯ୍ୟାଳୟ ପରିସର, କୋରାପୁଟ, ସମୟ: ଅପରାହ୍ନ ୪ଟା।
- ଜିଲାସ୍ତରୀୟ ନିଯୁକ୍ତି ମେଳା ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ଟା।

**ମାଲକାନଗିରି**
- ପିଏମଶ୍ରୀ ଉତ୍ସବ, ସ୍ଥାନ: ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ବନ ବିଭାଗ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ସ୍ୱଚ୍ଛତା ଅଭିଯାନ, ସ୍ଥାନ: ଦେବଝରନ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ-୨୦୨୬ର ପ୍ରସ୍ତୁତି ବୈଠକ, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ପୂର୍ବାହ୍ନ ୧୧ଟା।
- ଅମ୍ବେଡକର ଯୁବକ ସଂଘ ଆୟୋଜିତ ଅନୁପ୍ରିୟା ସୁରୁଜାଲ ନିଃଶୁଳ୍କ ଶିକ୍ଷା କେନ୍ଦ୍ରର ଦ୍ୱିତୀୟ ବାର୍ଷିକ ଉତ୍ସବ, ସ୍ଥାନ : ଅମ୍ବେଡକର ନଗର, ସମୟ : ପୂର୍ବାହ୍ନ ୧୧ଟା।

**ବଲାଙ୍ଗୀର**
- ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲରେ ପିଏମଶ୍ରୀ ଉତ୍ସବ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ପରିବେଶ ସମ୍ବନ୍ଧୀୟ ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ମେଳା, ସ୍ଥାନ: ହରେକୃଷ୍ଣ ମହତାବ ହାଇସ୍କୁଲ, ଲୋଇସିଂହା, ସମୟ ପୂର୍ବାହ୍ନ: ୧୦ଟା ୩୦।

**ବରଗଡ଼**
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ:ପାଣି ପଞ୍ଚାୟତ ଭବନ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା।
- ବିରାଟ ମକର ମହୋତ୍ସବ, ସ୍ଥାନ:ପୁଡ଼ାପାଲି, ବରଗଡ଼, ସମୟ: ଅପରାହ୍ନ ୨ଟା।
- ବିରାଟ ରାମଲୀଳା ମହୋତ୍ସବ, ସ୍ଥାନ:ଭେଡେନ, ସମୟ:ସନ୍ଧ୍ୟା ୭ଟା।

**କଳାହାଣ୍ଡି**
- ରାହାଗିରି, ପଥ ଉତ୍ସବ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ଜେଲ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: କେସିଙ୍ଗା ବ୍ଲକ ଗୋକୁଳେଶ୍ୱର ଗ୍ରାମସ୍ଥିତ ଗୌରୀଶଙ୍କର ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ମେଳା, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ମେଳା ୨ୟ ଦିବସ, ସ୍ଥାନ: ମ. ରାମପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା, ସ୍ଥାନ: ଭବାନୀପାଟଣା ଇଣ୍ଡୋର ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା।

**ବୌଦ୍ଧ**
- ପୁରୁଣାକଟକ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଓ ବାର୍ଷିକୋତ୍ସବ, ସ୍ଥାନ: ପୁରୁଣାକଟକ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ଦିନ ୧୦ଟା।
- ସପ୍ତମ ଖଡଙ୍ଗ ଲୋକ ମହୋତ୍ସବ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ବନ୍ଧଗୋରା ମହୋତ୍ସବ ପଡିଆ, କଣ୍ଟାମାଳ ବ୍ଲକ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

**ଦେବଗଡ଼**
- ଧାନ କଟ୍‌ନି ଛଟ୍‌ନି ବନ୍ଦ ଏବଂ ଟୋକନ ପ୍ରଦାନ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୬ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଦଧିବାମନ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବହଳପଦର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- କ୍ଷୀରୋଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ:ସାଗପୁରୀ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା'ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ହନୁମାନ ଚାଳିଶା ପଢୁଛନ୍ତି ପରିଣୀତି


ପରିଣୀତି ଚୋପ୍ରା

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ପରିଣୀତି ଚୋପ୍ରା ନିକଟରେ ପୁତ୍ର ସନ୍ତାନର ଜନନୀ ହୋଇଛନ୍ତି। ସେ ଏବେ ତାଙ୍କ ପ୍ରସବ ପରେ ଜୀବନ ବିଷୟରେ ମୁହଁ ଖୋଲିଛନ୍ତି। ପ୍ରସବର ଦୁଇ ମାସ ପରେ ସେ ଧୀରେ ଧୀରେ ସାଧାରଣ ଜୀବନକୁ ଫେରୁଛନ୍ତି। ପ୍ରସବ ପରେ ସେ କିପରି ନିଜକୁ ଶାନ୍ତ ରଖିଛନ୍ତି ତାହା ଶେୟାର କରିଛନ୍ତି।

ପରିଣୀତିଙ୍କ ମତରେ, ମାନସିକ ସ୍ୱାସ୍ଥ୍ୟ ଏବଂ ଧ୍ୟାନ ବର୍ତ୍ତମାନ ତାଙ୍କ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ସକାରାତ୍ମକ ଚିନ୍ତାଧାରା ମଧ୍ୟ ଶରୀରକୁ ଶକ୍ତିଶାଳୀ ରଖେ। ଯଦି ମନ ସକାରାତ୍ମକ, ତେବେ ଶରୀର ଏହା ଅନୁସରଣ କରେ। ଅଧିକାଂଶ ଲୋକ ସେମାନଙ୍କ ସକାଳ ସେମାନଙ୍କର ଫୋନ୍ ଯାଞ୍ଚ କରି ଆରମ୍ଭ କରନ୍ତି, କିନ୍ତୁ ଏହା କ୍ଷତିକାରକ ବୋଲି ଭାବନ୍ତି ପରିଣୀତି। ସେ କୁହନ୍ତି, ସବୁଠାରୁ ଖରାପ ଅଭ୍ୟାସ ହେଉଛି ଉଠିବା ମାତ୍ରେ ଫୋନ୍ ସ୍କ୍ରଲ୍ କରିବା। ଏହା ମନକୁ ପ୍ରାୟ ଅସ୍ୱସ୍ଥ କରିଦିଏ ଏବଂ ସମ୍ପୂର୍ଣ୍ଣ ଦିନକୁ ନଷ୍ଟ କରିପାରେ। ତେଣୁ ଉଠିବା ପରେ ମୁଁ ଫୋନ୍ ଛୁଏଁ ନାହିଁ। ଏହା ବଦଳରେ ମୁଁ ନିଜକୁ କିଛି ଶାନ୍ତ ସମୟ ଦିଏ। ମୁଁ ମନ୍ତ୍ର ଜପ କରେ। ଉଠିବା ମାତ୍ରେ ହନୁମାନ ଚାଳିଶା ପଢ଼େ। ଏହାସହ ଗୋଟିଏ ଘଣ୍ଟା ପାଇଁ ଏକାନ୍ତରେ ବସିବା, ସଙ୍ଗୀତ ଶୁଣିବା, ପ୍ରକୃତିକୁ ଉପଭୋଗ କରିବା ମନକୁ ଶାନ୍ତ ରହିବାରେ ସାହାଯ୍ୟ କରେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ବୃଥା ବିବାଦ, କଥା କଟାକଟି, ଟଣାଓଟରା ମଧ୍ୟରେ ଠିକ୍ ନିଷ୍ପତ୍ତିରେ ଉପନୀତ ହୋଇପାରିବେ ନାହିଁ। କିନ୍ତୁ ପାରିବାରିକ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗ ପାଇ କାମକୁ ତ୍ୱରାନ୍ୱିତ କରିପାରିବେ। ଅର୍ଥ ସଙ୍କଟକୁ ବନ୍ଧୁ ସୁଧାରିନେବେ, କିନ୍ତୁ ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ ନାହିଁ।

**ବୃଷ** ବୁଧଙ୍କ ସ୍ଥିତିଜନିତ ଶିକ୍ଷା, ଇଣ୍ଟରଭ୍ୟୁ, ସନ୍ତାନଙ୍କ ସମସ୍ୟା ସୁଧୁରିଯିବାରୁ ଆଶ୍ୱସ୍ତି ଲାଭ କରିବେ। ଯାତ୍ରାକାଳରେ ଅପରିଚିତାଙ୍କ ସହ ମିତ୍ରତା କରିବାକୁ ଯାଇ ଅସୁବିଧାରେ ପଡ଼ିପାରନ୍ତି। ଗୃହସୀମା, ଗାଡ଼ି ମୋଟର, ପ୍ରତିଦ୍ୱନ୍ଦ୍ୱିତାରେ ଉଦ୍‌ବେଗ ବଢ଼ିପାରେ। ତୃତୀୟାଧିପ ଷଷ୍ଠସ୍ଥ ଯୋଗୁ ଭାଇନ୍‌ଭଉଣୀଙ୍କ ମତାନ୍ତରର ଆଶଙ୍କା ରହିଛି।

**ମିଥୁନ** ଷଷ୍ଠାଧିପ ମଙ୍ଗଳ ସପ୍ତମସ୍ଥ ଯୋଗୁ ପରିବାରରେ ବିତର୍କ ସାଙ୍ଗକୁ ଯାତ୍ରା, ବାଣିଜ୍ୟ ବାଧାପ୍ରାପ୍ତ ହୋଇପାରେ। ଶିକ୍ଷା,ପରୀକ୍ଷା,ନୂତନ ବନ୍ଧୁସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶା ଅନୁଯାୟୀ ଫଳ ପାଇବା ଆଶା ରହିଛି। ବନ୍ଧୁଙ୍କ ନିକଟରେ ମନକଥା ଲୁଚାଇ ରଖିପାରିବେ ନାହିଁ , କିନ୍ତୁ କହିସାରିବା ପରେ ମନସ୍ତାପ କରିବେ।

**କର୍କଟ** ରାଶ୍ୟାଧିପ ଚତୁର୍ଥ କେନ୍ଦ୍ରରେ ଅବସ୍ଥାନ କରିଥିବାରୁ ପାରିବାରିକ ସ୍ଥିତି ଏବଂ କର୍ମକ୍ଷେତ୍ରର ପରିସ୍ଥିତି ସ୍ୱାଭାବିକ ରହିବ। ଶନି କ୍ଷେତ୍ରସ୍ଥ ଶୁକ୍ର ଯୋଗୁ ଭଲ ଚିନ୍ତାକଲେ ମଧ୍ୟ ଅନ୍ୟମାନେ ଆପଣଙ୍କ ମନୋଭାବକୁ ସହଜରେ ବୁଝିପାରିବେ ନାହିଁ। କିନ୍ତୁ ଉଚ୍ଚାରୋହୀ ମଙ୍ଗଳଙ୍କ ପ୍ରଭାବରେ ଅଟକି ରହିଥିବା କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବ।

**ସିଂହ** ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ପରିବାର, ଯାତ୍ରା, ବନ୍ଧୁସମ୍ପର୍କ ଏବଂ କର୍ମାରମ୍ଭ ପ୍ରୀତିପ୍ରଦ ରହିବ। ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ଅବିସ୍ମରଣୀୟ ରହିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ପଶ୍ଚାତ୍ତେ ଅନୁତାପ କରିବାକୁ ସମୟ ପାଇବେ ନାହିଁ। ସାହିତ୍ୟ, ଗବେଷଣା, କ୍ରୀଡ଼ା କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବେ।

**କନ୍ୟା** ସୁଖଭାବସ୍ଥ ଚନ୍ଦ୍ର ପ୍ରଭାବରେ ଆର୍ଥିକ ଉନ୍ନତି, ବନ୍ଧୁମିଳନ ଏବଂ କର୍ମାରମ୍ଭ ପାଇଁ ଆନୁଷଙ୍ଗିକ ଆବଶ୍ୟକତା ପାଇପାରିବେ। ସହକର୍ମୀ ସହଯୋଗର ହାତ ବଢ଼ାଇପାରନ୍ତି। ପାରିବାରିକ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଚିନ୍ତାକରିବେ। ମାଙ୍ଗଳିକ କାର୍ଯ୍ୟ, ନୂତନ ବାଣିଜ୍ୟ,ଭ୍ରମଣ ସକାଶେ ଯୋଜନା କରିପାରନ୍ତି।

**ତୁଳା** ପ୍ରତ୍ୟେକ ଦିଗରୁ କିଛି ନା କିଛି ବ୍ୟତିକ୍ରମ ରହିଥିଲେ ମଧ୍ୟ ଲକ୍ଷ୍ୟପଥର ଯାତ୍ରା ଅବ୍ୟାହତ ରହିବ। ପାରିବାରିକ ଅବସ୍ଥାରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହେବ। ମଙ୍ଗଳଙ୍କ ସୁପ୍ରଭାବରୁ ଜମିଜମା କିମ୍ବା ଅର୍ଥସମ୍ପର୍କିତ ସମସ୍ୟା ସମାଧାନ ହୋଇଯିବ। ସ୍ୱାସ୍ଥ୍ୟ, ପରିବାର, କର୍ମକ୍ଷେତ୍ର, ବନ୍ଧୁଙ୍କ ସହ ଆଲୋଚନା ପାଇଁ ସମୟ ପ୍ରାୟତଃ ଅନୁକୂଳ ରହିବ।

**ବିଛା** ବୃହସ୍ପତିଙ୍କ ସୁଦୃଷ୍ଟିଜନିତ ନୂତନ ଚିନ୍ତା, ବନ୍ଧୁ ସମ୍ପର୍କ ଏବଂ ବିଶିଷ୍ଟବ୍ୟକ୍ତିଙ୍କ ଅନୁକମ୍ପା ପ୍ରାପ୍ତ ହେବେ। କର୍ମକ୍ଷେତ୍ରରେ ସମୟୋଚିତ ପଦକ୍ଷେପ ନେଇ କାର୍ଯ୍ୟ ହାସଲ କରିବେ। ସାହିତ୍ୟ, ସାମ୍ବାଦିକତା ଏବଂ ସଭାସମିତି କ୍ଷେତ୍ରରେ ପ୍ରଶଂସିତ ହେବେ। ଅନୁରାଧା ନକ୍ଷତ୍ର ସକାଶେ କୌଣସି ଜଣାଶୁଣା ବ୍ୟକ୍ତିଙ୍କ ପ୍ରତିରୋଧ ଆଶାକୁ ପ୍ରତିହତ କରିପାରେ।

**ଧନୁ** ଧନଭାବସ୍ଥ ଶୁକ୍ର ବନ୍ଧୁଙ୍କ ନିକଟରୁ ଆଦର, ଗୌରବ ପାଇବା ସହ ମନୋରଞ୍ଜନର ପରିବେଶ ପ୍ରଦାନ କରିବ। ଈର୍ଷାପରାୟଣ ସହକର୍ମୀଙ୍କ ପ୍ରାୟୋଜିତ ମିଥ୍ୟାଭିଯୋଗ କର୍ମକ୍ଷେତ୍ର ସକାଶେ ବାଧକ ସାଜିବା ଆଶଙ୍କା ରହିଛି। ମନ ଭଲ ନ ଥିଲେ ମଧ୍ୟ ଦୈନିକଚର୍ଯ୍ୟା କ୍ଷେତ୍ରରେ ନିତିଦିନିଆ କାମକୁ ଛାଡ଼ିପାରିବେ ନାହିଁ।

**ମକର** ତୃତୀୟାଧିପ ଷଷ୍ଠସ୍ଥ ଯୋଗୁ ବନ୍ଧୁ ବିରୋଧ ସାଙ୍ଗକୁ ଭ୍ରାତୃ ସମ୍ପର୍କରେ ନ୍ୟୂନତା ପରିଲକ୍ଷିତ ହେବ। ନିଜ କାମ ଛାଡ଼ି ଆଜ୍ଞାବହ ଭାବରେ ପର କାମରେ ମନ ଦେଇ ଘରକାମକୁ ଅଣଦେଖା କରିପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଏବଂ ପାରିବାରିକ ପରିସ୍ଥିତି ପ୍ରାୟତଃ ଭଲ ରହିବ। ବକେୟା ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି।

**କୁମ୍ଭ** ଦ୍ୱିତୀୟସ୍ଥ ଶନିଙ୍କ ସ୍ଥିତି ଆର୍ଥିକ ଅନଟନ ସାଙ୍ଗକୁ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି କରାଇ ଭାବୁକ ବନାଇଦେଇପାରେ। ଆଜି ଆପଣଙ୍କ କୌଣସି କାମ ଅଟକିବ ନାହିଁ ତଥାପି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ଶିଳ୍ପ,ବାଣିଜ୍ୟ, ପରିବହନ, ନିର୍ମାଣ ଏବଂ କଚେରି ମାମଲାରେ ସଫଳତା ମିଳିବ। ଅଣ୍ଡାଜନିତ ପୀଡ଼ାରେ କଷ୍ଟ ଅନୁଭବ କରିପାରନ୍ତି।

**ମୀନ** ବନ୍ଧୁଙ୍କ ଅନୁରୋଧରେ ଆନୁଷ୍ଠାନିକ କାମରେ ଖର୍ଚ୍ଚ ବଢ଼ିଯିବ, କିନ୍ତୁ ଆଶାନୁରୂପ ସଫଳତା ପାଇବେ ନାହିଁ। ବ୍ୟବସାୟ, ପରିବହନ, ଦୂରଯାତ୍ରାରୁ ସୁଫଳ ପାଇବେ। ଏକାଦଶ ଭାବରେ ଶୁକ୍ର ଉଚ୍ଚଶିକ୍ଷା, ସନ୍ତାନଙ୍କ କୃତିତ୍ୱ ଏବଂ ବନ୍ଧୁଙ୍କ ସହ ଆଲୋଚନାର ସୁଯୋଗ ପ୍ରଦାନ କରିବ। ସାହିତ୍ୟ, ସାମ୍ବାଦିକତା, ବ୍ୟବସାୟିକ ଦିଗରୁ ଦିନଟି ପ୍ରୀତିପ୍ରଦ ରହିବ।

ଆଜି ଜାନୁଆରୀ ୧୩ ତାରିଖ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ନବାଙ୍କ ବେଶ ଓ ଫୁଲ ମେଲାଣ, ମାଘ କୃଷ୍ଣ ଦଶମୀଯୁକ୍ତ ଏକାଦଶୀ ମଙ୍ଗଳବାର। ରାଶିନକ୍ଷତ୍ର- ବିଶାଖା/ତୁଳା, ଦଶମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ। ସକାଳ ଘ.୦୬।୨୭ ଗତେ, ଘ.୦୭।୧୧ ମଧ୍ୟେ, ଦିବା ଘ.୦୯।୧୧ ଗତେ, ଘ.୧୧।୩୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୩୯ ଗତେ, ଘ.୦୪।୦୦ ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ବିଧାନସଭା ଆସନ...

ଘୋଷଣା କରିଛନ୍ତି ତାହା ସ୍ୱାଗତଯୋଗ୍ୟ। ନରସିଂହ କହିଛନ୍ତି, ୫୦ବର୍ଷ ପୂର୍ବରୁ ବିଧାନସଭା ଆସନ ୧୪୦ରୁ ୧୪୭କୁ ବଢ଼ିଥିଲା। ଏବେ ଏହି ସଂଖ୍ୟା ବଢ଼ିବାର ଆବଶ୍ୟକତା ରହିଛି। ଯଦି ବାସ୍ତବରେ ଏହା ହୁଏ, ରାଜ୍ୟବାସୀଙ୍କ ପାଇଁ ଫଳପ୍ରଦ ହେବ। ବିଜେଡି ବିଧାୟକ ପ୍ରତାପ ଦେବ କହିଛନ୍ତି, ରାଜ୍ୟରେ ଏପ୍ରିଲରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଘର ଗଣନା ହେବ ବୋଲି ନିକଟରେ ରାଜ୍ୟ ଜନଗଣନା ନିର୍ଦ୍ଦେଶକ କହିଛନ୍ତି। ଏହାର ଦ୍ୱିତୀୟ ପର୍ଯ୍ୟାୟ ୨୦୨୭ ମାର୍ଚ୍ଚ ଶେଷ ବେଳକୁ ଜଣାପଡ଼ିବ। ରାଜ୍ୟରେ ଜନସଂଖ୍ୟା ଆଧାରରେ କେତେ ଆସନ ବଢ଼ିବ ତାହାକୁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ନିର୍ଦ୍ଧାରଣ କରାଯିବ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କେବଳ ଲୋକଦେଖାଣିଆ। ବିଜେଡି ସରକାର ସମୟରେ ଲୋକସେବା ଭବନର ଅଧିକ କୋଠା ନିର୍ମାଣ କରିବା ଲାଗି ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ସ୍ଥାନ ଚିହ୍ନଟ ହୋଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟମନ୍ତ୍ରୀ ଯଦି ଏହାକୁ ଦେଖି କହୁଥିବେ, ତେବେ ସେଥିରେ କିଛି କହିବାର ନାହିଁ ବୋଲି ପ୍ରତାପ ଦେବ କହିଛନ୍ତି। ସେହିପରି ବିଜେଡିର ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି, ରାଜ୍ୟରେ ଧାନମଣ୍ଡିଗୁଡ଼ିକରେ ଧାନ ପଡ଼ିଛି ଯେ, ଚାଷୀ କାନ୍ଦୁଛନ୍ତି। ଯଦି ସ୍ଥିତି ଏହିପରି ବଜାୟ ରୁହେ ତେବେ ଚାଷୀ ଆତ୍ମହତ୍ୟା କରିବାକୁ ବାଧହେବେ। ଅନ୍ୟପକ୍ଷରେ ରାଜ୍ୟରେ ଏପର୍ଯ୍ୟନ୍ତ ଜନଗଣନା ଆରମ୍ଭ ହୋଇନାହିଁ। ଚଳିତବର୍ଷ ଏପ୍ରିଲରୁ ଘରଗଣନା ହେବାକୁରହିଛି। ଜନଗଣନା ପରେ ସରକାର ସୀମା ପୁନଃନିର୍ଦ୍ଧାରଣ କରିବେ। ଏହାପରେ କେତେ ଆସନ ବଢ଼ିବ କୁହାଯାଇପାରେ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କେବଳ କପୋଳକଳ୍ପିତ ଛଡ଼ା ଆଉ କିଛି ନୁହେଁ। ମୁଖ୍ୟମନ୍ତ୍ରୀ ଯେଉଁ ଲୋକସେବା ଭବନ ଏବଂ ବିଧାନସଭାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଏଥିପାଇଁ ଟଙ୍କା ବରାଦ କରାଯାଇଛି ନା କେବଳ ଅଟକଳରେ ରହିଛି ବୋଲି ଅଶୋକ ପଣ୍ଡା ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ ଭାଜପା ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ରାଜ୍ୟ ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ଏହାଦ୍ୱାରା ପ୍ରଶାସନ ଗତିଶୀଳ ହେବା ସହିତ ଲୋକଙ୍କୁ ତ୍ୱରିତ୍ ନ୍ୟାୟ ମିଳିବ। ଘୋଷଣା ଅନୁଯାୟୀ ସରକାର କାର୍ଯ୍ୟ କଲେ ଆଗାମୀ ଦିନରେ ଭାଜପା ଅଧିକ ଲୋକାଦୃତ ହୋଇପାରିବ।

## ଉଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଇଡିପିଡା ଇଡିପିଡା
ଦେଲା ମାଉସୀ ନଳିତା ପିତା
ନଳିତା ଶାଗ ପିତା ଲାଗେ
କିନ୍ତୁ ଏହା ଖିଆଯାଏ।**

ସାଧାରଣତଃ ନଳିତା ଶାଗ ପାଟିକୁ ପିତା ଲାଗିଥାଏ। ତେବେ ଏହା ପିତା ଲାଗୁଥିଲେ ମଧ୍ୟ ସ୍ୱାସ୍ଥ୍ୟପକ୍ଷେ ଖୁବ୍ ହିତକର ହୋଇଥିବା ଦୃଷ୍ଟିରୁ ଏହାକୁ ଖାଇବା ଲାଗି ଏଠାରେ ପରାମର୍ଶ ଦିଆଯାଇଛି।

**ଇଆଡ଼େ ପାଣି, ସିଆଡ଼େ ପାଣି
କେମିତି ଯିବି ନ ପାରେ ଜାଣି।**

ଇଆଡ଼େ ପାଣି ସିଆଡ଼େ ପାଣି ଭଳି ଦୁଇପଟରେ ଅସୁବିଧା ଦେଖାଦେଲେ ମଣିଷ ହରଡ଼ଘଣାରେ ପଡ଼ିଯାଏ। ଏପରି ସ୍ଥଳେ କେଉଁଟା କରିବ କେଉଁଟା ନ କରିବ ଏନେଇ ଦ୍ୱନ୍ଦ୍ୱ ଉପୁଜିଥାଏ। କେଉଁ କୂଳରେ ନ ହେବାର ସ୍ଥିତି ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:


ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଗୋଟିଏ କ୍ୟାମ୍ପସରେ...

ଆସନ ସଂଖ୍ୟା ବଢ଼ିବ। ତେଣୁ ଅତ୍ୟାଧୁନିକ ଲୋକସେବା ଭବନ ଏବଂ ବିଧାନସଭା କ୍ୟାମ୍ପସର ଆବଶ୍ୟକତା ରହିଛି। ଏହି ନୂତନ ପ୍ରକଳ୍ପ ପାଇଁ ୩୬୨୩ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏହି ଅବସରରେ ବିଭାଗ ପକ୍ଷରୁ ନୂତନ ଲୋକସେବା ଭବନ ଏବଂ ବିଧାନସଭାର ପରିକଳ୍ପିତ ରୂପ ଥ୍ରିଡି ମାଧ୍ୟମରେ ଆଗକୁ ଅଣାଯାଇଛି।

ମୁଖ୍ୟମନ୍ତ୍ରୀ ପୂର୍ତ୍ତ ବିଭାଗର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ପୂର୍ତ୍ତ ବିଭାଗର ୬୭୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ସମୁଦାୟ ୭୧ଟି ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଭୁବନେଶ୍ୱରର ଯେପରି କାୟାକଳ୍ପ ହେବ, ତାକୁ ଦୃଷ୍ଟିରେ ରଖି ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ୯୫୨ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ନୂଆ ଏଲିଭେଟେଡ କରିଡରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପର ପରିକଳ୍ପିତ ରୂପ ମଧ୍ୟ ବିଭାଗ ପକ୍ଷରୁ ଦେଖାଯାଇଛି। ଏଥିରେ ଜୟଦେବ ବିହାର ଛକ, କଳିଙ୍ଗ ହସ୍ପିଟାଲ ଛକ, ଡମଣା ଛକ ଓ କିଟ୍ ଛକରେ ଚାରିଟି ଫ୍ଲାଏଓଭର ନିର୍ମାଣ କରାଯିବ। ଏହାଦ୍ୱାରା ରାଜ୍ୟର ଏକ ଜନଗହଳିପୂର୍ଣ୍ଣ ସଡ଼କରେ ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ଆସିବ ଏବଂ ଜନସାଧାରଣ କମ୍ ସମୟ ମଧ୍ୟରେ ସୁବିଧାରେ ଯାତାୟାତ କରିପାରିବେ। ଏଥିମଧ୍ୟରୁ ପ୍ରାୟ ୫୬୩୦ କୋଟି ଟଙ୍କା ବିନିଯୋଗରେ ୩୯ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖାଯାଇଥିବା ବେଳେ ପ୍ରାୟ ୧୦୭୦ କୋଟି ଟଙ୍କା ବିନିଯୋଗରେ ୩୨ଟି ପ୍ରକଳ୍ପର ଲୋକାର୍ପିତ ହୋଇଛି। ସଡ଼କ ଭିତ୍ତିଭୂମି ଓ ସଡ଼କ ସୁରକ୍ଷା କ୍ଷେତ୍ରରେ ଏହି ଯୁଗାନ୍ତକାରୀ ପଦକ୍ଷେପଗୁଡ଼ିକ ବିକାଶରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଆଜି ଭାରତ-ଆମେରିକା...

ଦଣ୍ଡାତ୍ମକ ଶୁଳ୍କ ଲଗାଇବାରୁ ଦୁଇଦେଶର ସମ୍ପର୍କରେ ତିକ୍ତତା ଦେଖାଦେଇଥିଲା। ଏଥିସହିତ ନିକଟ ଅତୀତରେ ଅନ୍ୟ କେତେକ ପ୍ରସଙ୍ଗକୁନେଇ ଭାରତ-ଆମେରିକା ସମ୍ପର୍କତିକ୍ତ ହୋଇଛି। ଦୁଇ ଦେଶର ସମ୍ପର୍କ କେବଳ ମିଳିତ ସ୍ୱାର୍ଥରେ ସୀମିତ ନୁହେଁ ବରଂ ସର୍ବୋଚ୍ଚ ସ୍ତରର। ପ୍ରକୃତ ବନ୍ଧୁତ୍ୱରେ ମତଭେଦ ଥାଇପାରେ କିନ୍ତୁ ଶେଷରେ ସବୁବେଳେ ତାହାର ସମାଧାନ ହୋଇଥାଏ ବୋଲି ଗୋର୍ କହିଛନ୍ତି। ୱାଶିଂଟନ ଖୁବ୍‌ଶୀଘ୍ର ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ କରିବାକୁ ଚାହୁଁ ନ ଥିବା ଏହାର ବାଣିଜ୍ୟ ସଚିବ ହୋୱାର୍ଡ ଲୁଟ୍‌ନିକ କହିଥିବାବେଳେ ଚୁକ୍ତି ସ୍ୱାକ୍ଷର ନେଇ ସକ୍ରିୟତାର ସହ କାର୍ଯ୍ୟ ଚାଲିଥିବା ଗୋର୍ କହିଛନ୍ତି। ୨ ଦେଶର ସମ୍ପର୍କ ପାଇଁ ବାଣିଜ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ସୁରକ୍ଷା, ଆତଙ୍କବାଦୀ ନିରୋଧୀ ଅଭିଯାନ, ଶକ୍ତି, ପ୍ରଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଭାରତ, ଆମେରିକା ମିଳିତ ଭାବେ କାର୍ଯ୍ୟ ଜାରି ରଖିବେ ବୋଲି ଗୋର୍ କହିଛନ୍ତି।

## ସଡ଼କ ସୁରକ୍ଷାରେ...

ସୁରକ୍ଷା ଯୋଜନା ସମ୍ମାନ' ଘୋଷଣା କରାଯାଇଛି। କଳିଙ୍ଗା ଘାଟିରେ ଗାଡ଼ି ଚାଳକମାନଙ୍କୁ ସତର୍କ କରାଇବା ପାଇଁ ମୁଖ୍ୟମନ୍ତ୍ରୀ ସତର୍କ ସୂଚନା ଘଣ୍ଟିର ଉଦ୍‌ଘାଟନ କରିଛନ୍ତି। ଘାଟିର ଉଭୟ ପଟୁ ଗାଡ଼ି ଆସୁଥିଲେ ଏଣିକି ସାଇରନ ବାଜି ସତର୍କ କରାଇବ। ଏହା ଏକ ପାଇଲଟ ପ୍ରୋଜେକ୍ଟ ଭାବେ ଆରମ୍ଭ କରାଯାଇଛି। ଏହାର ସଫଳତାକୁ ଦେଖି ଅନ୍ୟାନ୍ୟ ଘାଟି ରାସ୍ତାରେ ତାହା ଆରମ୍ଭ କରାଯିବ। କଟକ, ଭୁବନେଶ୍ୱରର ଟ୍ୱିନ୍‌ସିଟିରେ ଉନ୍ନତ ଟ୍ରାଫିକ ପରିଚାଳନା ପାଇଁ ଆଇଆଇଟି ଖଡଗପୁର ସହିତ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରାଯାଇଥିଲା। ଆଇଆଇଟିର ରିପୋର୍ଟ ପରେ ଏହି ଆଧାରରେ ଦୁଇ ସହରର ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ପରିବେଶ ସୁରକ୍ଷା ପାଇଁ ରାଜ୍ୟ ସରକାର ବୈଦ୍ୟୁତିକ ଯାନ ବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଚାର୍ଜିଂ ଷ୍ଟେଶନର ମଧ୍ୟ ଆବଶ୍ୟକତା ରହିଛି। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ପାଇଁ ୧୫ଟି ଚାର୍ଜିଂ ଷ୍ଟେଶନର ଲୋକାର୍ପଣ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ଆଉ ୮୫ଟି ଚାର୍ଜିଂ ଷ୍ଟେଶନ ନିର୍ମାଣାଧୀନ ଅଛି, ଏଗୁଡିକ ଖୁବ୍‌ଶୀଘ୍ର ଲୋକାର୍ପିତ ହେବ। ଆଗାମୀ ଦିନରେ ଆହୁରି ଅଧିକ ଚାର୍ଜିଂ ଷ୍ଟେଶନ ନିର୍ମାଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ୧୪ ନୂତନ ଅଟଳ ବସ୍‌ଷ୍ଟାଣ୍ଡ ଲୋକାର୍ପିତ

ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ୧୪ଟି ନୂତନ ଅଟଳ ବସ୍‌ଷ୍ଟାଣ୍ଡକୁ ଲୋକାର୍ପିତ କରିଛନ୍ତି। ୧୫୬.୫୩ କୋଟି ଟଙ୍କା ବ୍ୟୟରେ ଏହି ବସ୍‌ଷ୍ଟାଣ୍ଡଗୁଡ଼ିକ ୧୦ ଜିଲାରେ ନିର୍ମିତ ହୋଇଛି। ପୂର୍ବରୁ ୫୫ଟି ଅଟଳ ବସଷ୍ଟାଣ୍ଡ ଲୋକାର୍ପିତ ହୋଇଛି। ଆଗାମୀ ଦିନରେ ରାଜ୍ୟର ସବୁ ଜିଲା, ଉପଖଣ୍ଡ, ପଞ୍ଚାୟତ ସମିତି ଓ ପୌରପାଳିକାରେ ଅଟଳ ବସଷ୍ଟାଣ୍ଡ ପ୍ରତିଷ୍ଠା କରାଯିବ। ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ୪୬ କୋଟି ଟଙ୍କା ମୂଲ୍ୟର ୧୦୦ଟି ନୂତନ ବିଏସ୍-୬ ମାନର ଆଧୁନିକ ବସ୍ ଚଳାଚଳର ଶୁଭାରମ୍ଭ କରାଯାଇଛି। ନିଗମର ପୁରୁଣା ବସ୍ ବଦଳରେ ଏହିସବୁ ପରିବେଶ ଅନୁକୂଳ ଅତ୍ୟାଧୁନିକ ନୂଆ ବସ୍ କିଣାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପରିବହନ ନିଗମ ପକ୍ଷରୁ ପରିଚାଳିତ ବସ୍‌ଗୁଡ଼ିକ ପାଇଁ ସ୍ମାର୍ଟ କାର୍ଡ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଏହି କାର୍ଡ ବ୍ୟବହାର କରି ଯାତ୍ରୀମାନେ କ୍ୟାଶଲେସ୍ ଟିକେଟ୍ କାଟି ସୁବିଧାରେ ଯାତ୍ରା କରିପାରିବେ।

ଏହି ଅବସରରେ ବ୍ରହ୍ମପୁରଠାରେ କ୍ରୁଟ ପକ୍ଷରୁ ନିର୍ମିତ ହୋଇଥିବା ଏକ ଅତ୍ୟାଧୁନିକ ବସ୍ ଡିପୋରୁ ୨୫ଟି ନୂତନ ଇ-ବସ୍ ଚଳାଚଳର ମଧ୍ୟ ଶୁଭାରମ୍ଭ ହୋଇଛି। ଏହି ଅବସରରେ ସମସ୍ତଙ୍କୁ ସୁରକ୍ଷିତ ଯାନ ଚାଳନା ପାଇଁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଡ୍ରାଇଭ୍ ସେଫ୍, କମ୍ ହୋମ୍ ସେଫ୍। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୫ ଜଣ ମହିଳା ଗାଡ଼ି ଚାଳକଙ୍କୁ ଗାଡ଼ି ଚାବି ପ୍ରଦାନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ବିଧାୟକ ବାବୁ ସିଂ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଓଏସ୍ଆର୍‌ଟିସି ସିଏମ୍‌ଡି ଏନ୍‌ବିଏସ୍ ରାଜପୁତ, ପରିବହନ ଆୟୁକ୍ତ ଅମିତାଭ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ।

## ଲେଉଟିଲା ଶୀତ...

ଜି.ଉଦୟଗିରିଠାରେ ସର୍ବନିମ୍ନ ତାପମାତ୍ରା ୪.୮ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ରାଉରକେଲାରେ ୬.୭ ଡିଗ୍ରୀ, ଫୁଲବାଣୀ ୬.୮, ଝାରସୁଗୁଡା ୭, ଦାରିଙ୍ଗବାଡି ୭, କିରେଇ ୮.୮, ସୁନ୍ଦରଗଡ଼ ୯, ନବରଙ୍ଗପୁର ୯, ଅନୁଗୋଳ ୯.୬ ଏବଂ ବୌଦ୍ଧରେ ୯.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

## ରାଉରକେଲାକୁ ଉଡ଼ିବ...

ଶାହା ବିମାନ ଯୋଗେ ରାଉରକେଲାରେ ପହଞ୍ଚିବା ପରେ ପ୍ରଥମେ ଜେପି ହସ୍ପିଟାଲ ଯାଇ ସେଠାରେ ଆହତ ପାଇଲଟ, ସହଯୋଗୀ ଏବଂ ଯାତ୍ରୀମାନଙ୍କୁ ଭେଟିଥିଲେ। ପରେ ସେ ଦୁର୍ଘଟଣାସ୍ଥଳକୁ ଯାଇଥିଲେ। ଏହି ଅବସରରେ ଶାହା କହିଥିଲେ, ଉଡ଼ାନ୍ ସ୍କିମ୍‌ରେ ଏହି ଏୟାରକ୍ରାଫ୍ଟ ପୁଣି ଚାଲିବ। ଆଗାମୀ ଦିନରେ ବଡ଼ ବିମାନ ଚାଲିବ ବୋଲି ସେ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ଶନିବାର ଅପରାହ୍ନରେ ଭୁବନେଶ୍ୱରରୁ ରାଉରକେଲା ଉଡ଼ାଣ ସମୟରେ ବିମାନଟି ଖସିପଡି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦିଲ୍ଲୀର ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ)ର ୬ ଜଣିଆ ଦଳ ଏବଂ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ (ଏଏଆଇବି)ର ୪ ଜଣିଆ ଦଳ ରାଉରକେଲାରେ ପହଞ୍ଚି ରବିବାର ତଦନ୍ତ କରିଛନ୍ତି।




# ସ୍ୱାମୀ ବିବେକାନନ୍ଦ ରାଷ୍ଟ୍ର ନିର୍ମାଣ ଆଧାର, ଚାରିତ୍ରିକ ମୂଲ୍ୟବୋଧର ପ୍ରତୀକ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨।୧(ବନ୍ଦନା ସେଠୀ)

ସ୍ୱାମୀ ବିବେକାନନ୍ଦ ରାଷ୍ଟ୍ର ନିର୍ମାଣର ଆଧାର ଓ ଚାରିତ୍ରିକ ମୂଲ୍ୟବୋଧର ପ୍ରତୀକ। ସେ ଭାରତର ଯୁବ ସମାଜ ପାଇଁ ଅସୀମ ପ୍ରେରଣାର ଉତ୍ସ। ଯୁବବର୍ଗଙ୍କ ପ୍ରତି ତାଙ୍କର ଅତୁଟ ଭରସା ଥିଲା ଏବଂ ଯୁବ ସମାଜ ହିଁ ଭାରତର ଭାଗ୍ୟ ପରିବର୍ତ୍ତନ କରିପାରିବ ବୋଲି ସେ ସର୍ବଦା କହୁଥିଲେ। ବ୍ରହ୍ମଚର୍ଯ୍ୟ, ଶ୍ରଦ୍ଧା, ଶୃଙ୍ଖଳା ଓ ଆତ୍ମବିଶ୍ୱାସକୁ ସେ ଶିକ୍ଷାର ମୂଳମନ୍ତ୍ର ବୋଲି ବିଶ୍ୱାସ କରୁଥିଲେ। ପାଶ୍ଚାତ୍ୟ ବିଜ୍ଞାନ ସହ ବେଦାନ୍ତର ସମନ୍ୱୟକୁ ସେ ଗୁରୁତ୍ୱର ସହ ଗ୍ରହଣ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୋମବାର ଉତ୍କଳ ବିଶ୍ୱ ବିଦ୍ୟାଳୟର ନ୍ୟୁ କନ୍‌ଭେନ୍‌ଶନ ହଲ୍‌ରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପାଳନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ କିପରି ଯୁବସମାଜକୁ ପ୍ରେରଣା ପ୍ରଦାନ କରୁଛି ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ସେ କହିଲେ, ଯୁବ ସଶକ୍ତୀକରଣ ପାଇଁ ଶିକ୍ଷା ସହିତ ସରକାର ବିଭିନ୍ନ ଯୁବ ସେବାମୂଳକ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି। ପ୍ରଶିକ୍ଷଣ, ଦକ୍ଷତା ବୃଦ୍ଧି, ଖେଳକୁଦରେ ଉତ୍କର୍ଷତା ଓ ସାଂସ୍କୃତିକ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ଅନେକ ଯୋଜନା ରୂପାୟଣ କରାଯାଇଛି। ଓଡ଼ିଶା ଏବେ ଦେଶର 'ଖେଳ ରାଜଧାନୀ' ଭାବେ ପରିଚିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ଓ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଲେ, ଓଡ଼ିଶାର ଯୁବବର୍ଗ ଆଜି ବିଶ୍ୱସ୍ତରରେ ନିଜର ପରାକାଷ୍ଠା ପ୍ରଦର୍ଶନ କରୁଛନ୍ତି। ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଫିଟ୍ ଇଣ୍ଡିଆ ମିଶନ ଦେଶବ୍ୟାପୀ ଏକ ଆନ୍ଦୋଳନରେ ପରିଣତ ହେବା ସହ ପ୍ରତ୍ୟେକ ଭାରତୀୟଙ୍କୁ ସୁସ୍ଥ ଓ ସଫଳ ଜୀବନଶୈଳୀ ନିମନ୍ତେ ଅନୁପ୍ରାଣିତ କରୁଛି। ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ବିଧାୟକ ବାବୁ ସିଂ, ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ଡ. ଯଜ୍ଞେଶ୍ୱର ଦଣ୍ଡପାଟ, ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ବିଜୟ କେତନ ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।



ଜାତୀୟ ଯୁବ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅନ୍ୟ ଅତିଥିମାନେ।

## ଜାତୀୟ ଯୁବ ଦିବସ

# ବିଦ୍ୟୁତ୍ ଖୁଣ୍ଟରେ ପିଟିହେଲା ବାଇକ୍, ୨ଭାଇ ମୃତ




ଗୁଣପୁର, ୧୨।୧(ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ସହର ନିକଟସ୍ଥ ଲିମାମେଡ଼ା ଗ୍ରାମ ମୁଖ୍ୟ ରାସ୍ତାରେ ରବିବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ଖୁଣ୍ଟରେ ଏକ ବାଇକ୍ ପିଟିହୋଇଯିବାରୁ ୨ ସମ୍ପର୍କୀୟ ଭାଇଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଗୁଡାରି ବ୍ଲକ କଦମା ପଞ୍ଚାୟତ ନିଲାଗୁଡା ଗ୍ରାମର ମୁନା କିମ୍ବାକା (୨୪) ଏବଂ କ୍ରିଷ୍ଣା କିମ୍ବାକା (୨୧)। ସୂଚନା ଅନୁଯାୟୀ, ମୁନା ଓ କ୍ରିଷ୍ଣା କୌଣସି ବ୍ୟକ୍ତିଗତ କାମରେ ରବିବାର ଗୁଣପୁର ଆସିଥିଲେ। କାମ ସାରି ବିଳମ୍ବିତ ରାତିରେ ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ଲିମାମେଡ଼ା ଗ୍ରାମ ନିକଟସ୍ଥ ମୁଖ୍ୟ ରାସ୍ତାକଡ଼ରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟ ସହ ଧକ୍କା ହୋଇଯାଇଥିଲା। ଦୁର୍ଘଟଣା ପରେ ଉଭୟ ରାସ୍ତା ଉପରକୁ ଛିଟକି ପଡି ଗୁରୁତର ହୋଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାରକରି ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏ ନେଇ ଏକ ମାମଲା ରୁଜୁକରିବା ସହ ଉଭୟଙ୍କ ମୃତଦେହ ଜବତ କରିଥିଲେ ।

# ହାତୀ ଆକ୍ରମଣରେ ବୃଦ୍ଧାଙ୍କ ମୃତ୍ୟୁ

## ୧୩ ଦିନରେ ଗଲାଣି ୩ ଜୀବନ

ବନ୍ତଲା, ୧୨।୧(ସୁଶିତ ସାହୁ)

ଅନୁଗୋଳ ବନାଞ୍ଚଳ କରତପଟା ସେକ୍ସନ ଶଙ୍ଖପୁର ପଞ୍ଚାୟତ ଢିପପଦା ସାହିରେ ସୋମବାର ଭୋର୍ ସମୟରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତା ହେଲେ ଇଚ୍ଛା ଦେହୁରୀ (୭୫)। ଇଚ୍ଛାଙ୍କୁ ମିଶାଇ ଗତ ୧୩ ଦିନରେ ଏହି ବନାଞ୍ଚଳରେ ହାତୀ ଆକ୍ରମଣରେ ମୋଟ ୩ ଜଣଙ୍କ ଜୀବନ ଗଲାଣି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଶଙ୍ଖପୁର ପଞ୍ଚାୟତ ଢିପପଦା ସାହିର ବୃଦ୍ଧା ଇଚ୍ଛା ଶୌଚ ପାଇଁ ଯାଇଥିବାବେଳେ ଏକ ହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀ ଆକ୍ରମଣରେ ସେ ଗୁରୁତର ହୋଇଥିବା ଜାଣି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଖବରପାଇ ଫରେଷ୍ଟର ଲଳିତ କୁମାର ବେହେରା ଓ ରେଞ୍ଜର ଉଦ୍ଧବ ବେହେରା ମେଡିକାଲରେ ପହଞ୍ଚି ବୃଦ୍ଧାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୃଦ୍ଧା ଇଚ୍ଛାଙ୍କ ମୃତ୍ୟୁ ହୋଇଯାଇଥିଲା। ମୃତଦେହ ଗାଁରେ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ସରକାରଙ୍କ ନିୟମ ଅନୁଯାୟୀ ମୃତାଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯିବ ଓ ୨ ଦିନ ଭିତରେ ସେଥିରୁ ଅଗ୍ରିମ ୧ ଲକ୍ଷ ଟଙ୍କା ଦିଆଯିବ ବୋଲି ରେଞ୍ଜର ବେହେରା ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା। ସୂଚନାଯୋଗ୍ୟ, ଅନୁଗୋଳ ବନାଞ୍ଚଳ ସୁନାଭୂଇଁ ଗ୍ରାମର ଝିଲି ବେହେରା (୩୫)ଙ୍କ ଗତ ଡିସେମ୍ବର ୩୧ରେ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଥିଲା। ସେହିପରି ଗତ ୧ ତାରିଖରେ ଗୁରଙ୍ଗ ଖଇରାସାହି ନିକଟରେ ଜଣେ ମାନସିକ ବିକାରଗ୍ରସ୍ତ ଯୁବକଙ୍କ ଜୀବନ ନେଇଥିଲା ହାତୀ। ବନ ବିଭାଗ ପକ୍ଷରୁ ହାତୀଙ୍କ ଉପସ୍ଥିତି ନେଇ ଠିକ୍ ଭାବରେ ଗ୍ରାମବାସୀଙ୍କୁ ସୂଚନା ଦିଆଯାଉ ନ ଥିବାରୁ ଏପରି ଜୀବନହାନି ଘଟୁଥିବା ଅଭିଯୋଗ ହେଉଛି।

# ୪୬ ଜଣ ପାଇଲେ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ପଦକ



ସମାରୋହରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଏବଂ ବରିଷ୍ଠ ଅଧିକାରୀଙ୍କ ସହ ପଦକପ୍ରାପ୍ତ ପୋଲିସ ଅଧିକାରୀ ଓ କର୍ମଚାରୀମାନେ।

କଟକ, ୧୨।୧(କାର୍ତ୍ତିକ ସାହୁ)

ଓଡ଼ିଶା ପୋଲିସ ପକ୍ଷରୁ ଅଧିକାରୀ ଓ କର୍ମଚାରୀମାନଙ୍କୁ ସେବା, କର୍ତ୍ତବ୍ୟନିଷ୍ଠା ଓ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପାଇଁ ସମ୍ବର୍ଦ୍ଧିତ କରାଯାଇଛି। କଟକସ୍ଥିତ ଆର୍.କେ.ପାଢ଼ୀ ମେମୋରିଆଲ ହଲ୍‌ରେ ସୋମବାର ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୁର ଖୁରାନିଆ ଯୋଗଦେଇ ୪୬ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ପଦକ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଛନ୍ତି। ପଦକ ପ୍ରାପ୍ତମାନଙ୍କ ମଧ୍ୟରେ ଆଇଜି (କେନ୍ଦ୍ରାଞ୍ଚଳ) ଡ. ସତ୍ୟଜିତ ନାଏକ, ରାୟଗଡ଼ା ଏସ୍‌ପି ସ୍ୱସ୍ତି ଏସ୍. କୁମାର, କଳାହାଣ୍ଡି ଏସ୍‌ପି ନାଗରାଜ ଦେବରକୋଣ୍ଡା, ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡଲା ରେଡ୍ଡୀ ରାଘବେନ୍ଦ୍ର, କନ୍ଧମାଳ ଏସ୍‌ପି ହରିଶ ବି.ସି., ଗଜପତି ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା, କମାଣ୍ଡାଣ୍ଟ ପ୍ରଫୁଲ୍ଲ କୁମାର ସିଂହ ପ୍ରମୁଖ ରହିଛନ୍ତି। ଏଥିସହ ୩ ଜଣ ଅତିରିକ୍ତ ଏସ୍‌ପି, ୫ ଜଣ ଡିଏସ୍‌ପି, ୫ ଜଣ ଇନ୍ସପେକ୍ଟର, ୭ ଜଣ ସବ୍‌ଇନ୍ସପେକ୍ଟର, ୫ ଜଣ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର, ୫ ଜଣ ହାବିଲଦାର ଓ ୯ ଜଣ କନଷ୍ଟେବଲ/ଓଏପିଏଫ୍/ସିପାହି ଅନ୍ତର୍ଭୁକ୍ତ ଅଛନ୍ତି। ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ନିର୍ଦ୍ଦେଶକ (ଗୋଇନ୍ଦା) ଆର୍.ପି. କୋଚେଙ୍କ ସମେତ ଅନେକ ବରିଷ୍ଠ ପୋଲିସ ଅଧିକାରୀ ସମାରୋହରେ ଉପସ୍ଥିତ ଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପଦକ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା।

# କୁର୍‌କୁରେ ପ୍ୟାକେଟ୍‌ରେ ଥିବା ଖେଳଣା ବିସ୍ଫୋରଣ: ନାବାଳକଙ୍କ ଆଖି ନଷ୍ଟ

ଟିଟିଲାଗଡ, ୧୨।୧
(ସନ୍ତୋଷ ପଟ୍ଟନାୟକ)

କୁର୍‌କୁରେ ପ୍ୟାକେଟ୍‌ରେ ଥିବା ଖେଳଣା ବିସ୍ଫୋରଣ ହେବାରୁ ଜଣେ ନାବାଳକଙ୍କ ଆଖି ନଷ୍ଟ ହୋଇଯାଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ଅଧୀନ ଶଗଡ଼ଘାଟ ଗ୍ରାମରେ। ସୂଚନା ଅନୁଯାୟୀ, ବରଗଡ଼ ଓ ସମ୍ବଲପୁର ଜିଲାରେ ଏକ କମ୍ପାନୀ ପକ୍ଷରୁ କୁର୍‌କୁରେ ତିଆରି କରାଯାଇ ଜରି ପ୍ୟାକେଟ୍‌ରେ ଭର୍ତ୍ତି କରାଯାଉଛି। ଏଥିସହ ପିଲାଙ୍କୁ ଆକର୍ଷିତ କରିବା ପାଇଁ ଉକ୍ତ ପ୍ୟାକେଟ୍‌ରେ ଛୋଟ ଖେଳଣା ମଧ୍ୟ ଦିଆଯାଉଛି। ଏହାର ଦାମ୍ ୫ ଟଙ୍କା ରହିଛି। ପରେ ଉକ୍ତ ପ୍ୟାକେଟ୍ ବିଭିନ୍ନ ଦୋକାନରେ ବିକ୍ରି କରାଯାଉଛି। ଏହି କ୍ରମରେ ଶଗଡ଼ଘାଟ ଗ୍ରାମର ଏକ ଦୋକାନରେ ଉକ୍ତ କୁର୍‌କୁରେ ପ୍ୟାକେଟ୍ ବିକ୍ରି ହେଉଛି। ରବିବାର ସନ୍ଧ୍ୟାରେ ଶଗଡ଼ଘାଟ ଗ୍ରାମର ଲବ ହରପାଳଙ୍କ ପୁଅ ଅଙ୍କେଶ ହରପାଳ(୮) ଉକ୍ତ ଦୋକାନକୁ ଯାଇ ଏହି କୁର୍‌କୁରେ ପ୍ୟାକେଟ୍ କିଣିଆଣି ଘରେ ଖାଇବା ସହ ସେଥିରେ ଥିବା ଖେଳଣାକୁ ନିଆଁରେ ପକାଇ ଦେଇଥିଲେ। ହେଲେ ଖେଳଣାଟି ହଠାତ୍ ବିସ୍ଫୋରଣ ଘଟିବାରୁ ଅଙ୍କେଶଙ୍କ ଆଖିରେ ବାଜି ଗୁରୁତର ହୋଇଥିଲେ। ଚିକିତ୍ସାଲାଗି ତାଙ୍କୁ ଟିଟିଲାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ହେବାବେଳେ ତାଙ୍କ ଆଖି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଡାକ୍ତର କହିଛନ୍ତି। ଏନେଇ ଅଙ୍କେଶଙ୍କ ମା', ବାପା ସୋମବାର ଟିଟିଲାଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ଏଥିସହ ସମ୍ପୃକ୍ତ କୁର୍‌କୁରେ କମ୍ପାନୀ ବନ୍ଦ କରିବା ସହ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ କ୍ଷତିପୂରଣ ପାଇଁ ଦାବି କରିଛନ୍ତି।

# ନୃସିଂହ ଚରଣ ଷଡ଼ଙ୍ଗୀ ପାଇବେ 'ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ'

ଭୁବନେଶ୍ୱର, ୧୨।୧(ବନ୍ଦନା ସେଠୀ)

ଓଡ଼ିଆ ଭାଷା ପ୍ରତି ଅବଦାନ ତଥା ଗବେଷଣା କ୍ଷେତ୍ରରେ ସାହିତ୍ୟିକ ନୃସିଂହ ଚରଣ ଷଡ଼ଙ୍ଗୀଙ୍କୁ ମିଳିବ 'ବ୍ୟାସକବି ଫକୀର ମୋହନ ଓଡ଼ିଆ ଭାଷା ସମ୍ମାନ'। ଏନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜାନୁଆରୀ ୧୪ ବ୍ୟାସକବି ଫକୀର ମୋହନଙ୍କ ଜୟନ୍ତୀ ଅବସରରେ ନୃସିଂହ ଚରଣଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ। ସମ୍ମାନ ବାବଦକୁ ୫ଲକ୍ଷ ଟଙ୍କା ପୁରସ୍କାର ରାଶି ସହ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

# ଡିଆର୍‌ଡିଓରେ ଡ୍ୟୁଟି ବେଳେ ଟଳିପଡ଼ିଲେ ହୋମଗାର୍ଡ

ବାଲେଶ୍ୱର(ବାଞ୍ଛାନିଧି ଦେ)/ବଉଳା
(ଦୁର୍ଗାପ୍ରସାଦ ଆୟଚ), ୧୨।୧

ବାଲେଶ୍ୱର ଜିଲା ଚାନ୍ଦିପୁର ଡିଆରଡିଓରେ କାର୍ଯ୍ୟରତ ଜଣେ ହୋମଗାର୍ଡଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତ ହୋମଗାର୍ଡ ହେଲେ ଅଲେଖ ଜେନା (୪୨)। ତାଙ୍କ ଘର କେନ୍ଦୁଝର ଜିଲା କୁଆଗଡ଼ିଆ ଅଞ୍ଚଳରେ। ରବିବାର ଦ୍ୱିପ୍ରହର ସମୟରେ ଖାଇ ସାରି ସେ ବିଶ୍ରାମ ନେଉଥିଲେ। ହଠାତ୍ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଅନ୍ୟ ହୋମଗାର୍ଡମାନେ ତାଙ୍କୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏ ନେଇ ଚାନ୍ଦିପୁର ଥାନାରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

DADLS-76

ଓଡ଼ିଶା ସରକାର
ଓଡ଼ିଶାର ବରପୁତ୍ର
ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
ତା.୧୩.୦୧.୨୦୨୬
ସକାଳ – ୯ ଘଟିକା
ଏଜି ଛକ, ଭୁବନେଶ୍ୱରସ୍ଥିତ ଓଡ଼ିଶାର ବରପୁତ୍ର
ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ପ୍ରତିମୂର୍ତ୍ତିରେ
ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।
ପୂର୍ବାହ୍ନ ୧୧ ଘଟିକା
ସାଧାରଣ ସଭା ଏବଂ ଆଲୋଚନା ଚକ୍ର
ଜୟଦେବ ଭବନ, ଭୁବନେଶ୍ୱର
- ମୁଖ୍ୟ ଅତିଥି -
ଶ୍ରୀଯୁକ୍ତ ବିଭୁତି ଭୂଷଣ ଜେନା
ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ, ଓଡ଼ିଶା
- ସମ୍ମାନନୀୟ ଅତିଥି -
ଶ୍ରୀଯୁକ୍ତ ଗୋକୁଳାନନ୍ଦ ମଲ୍ଲିକ
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଏମ,ଏସ,ଏମ,ଇ, ଓଡ଼ିଶା
ଗଞ୍ଜାମ ଜିଲ୍ଲାର ସାଂସଦ ଓ ବିଧାୟକଗଣ
ଶ୍ରୀଯୁକ୍ତ ବାବୁ ସିଂ
ବିଧାୟକ ଏକାମ୍ର, ଭୁବନେଶ୍ୱର
ଶ୍ରୀଯୁକ୍ତ ଚନ୍ଦ୍ର ଶେଖର ହୋତା, ସମ୍ପାଦକ, ଓଡ଼ିଶା ସାହିତ୍ୟ ଏକାଡେମୀ
- ମୁଖ୍ୟବକ୍ତା -
ଶ୍ରୀଯୁକ୍ତ ସୌମ୍ୟ ରଞ୍ଜନ ପଟ୍ଟନାୟକ, ଅଧ୍ୟକ୍ଷ, ଇଷ୍ଟର୍ଣ୍ଣ ମିଡିଆ ଗ୍ରୁପ୍
- ଧନ୍ୟବାଦ ଅର୍ପଣ -
ଶ୍ରୀଯୁକ୍ତ ମହେଶ୍ୱର ବରାଡ଼
ସମ୍ପାଦକ, ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱର
ଗଂଜାମର ପ୍ରାଚୀନ ଲୋକନୃତ୍ୟ 'ଭାରତ ଲୀଳା' ପରିବେଷଣ
ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-

# ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ଗୁଞ୍ଜରିତ ହେଲା 'ବନ୍ଦେ ମାତରମ୍'


ଏକ ସ୍କୁଲରେ ସାମୂହିକ 'ବନ୍ଦେ ମାତରମ୍' ଗାନ କରାଯାଉଛି।

## ୨୧ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ କଣ୍ଠରେ ମା' ଭାରତୀର ଜୟଗାନ

ଭୁବନେଶ୍ୱର, ୧୨।୧ (ବନ୍ଦନା ସେଠୀ)

ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ପାଳନ ଅବସରରେ ସୋମବାର ପୂର୍ବାହ୍ନ ୧୧ଟାରେ ରାଜ୍ୟର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ 'ବନ୍ଦେ ମାତରମ୍'ର ସାମୂହିକ ଗାନ କରାଯାଇଛି। ରାଜ୍ୟର ୧୬ହଜାରରୁ ଅଧିକ ଶିକ୍ଷାନୁଷ୍ଠାନରେ ୨୧ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ଜାତୀୟ ଗୀତକୁ ଗାନ କରି ଦେଶପ୍ରୀତିର ବାର୍ତ୍ତା ଦେଇଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଉଚ୍ଚଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ଏହି ଦେଶାତ୍ମବୋଧକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ସହ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ଏକାଠି ହୋଇ ମା' ଭାରତୀଙ୍କ ବନ୍ଦନା କରିଥିଲେ। କାର୍ଯ୍ୟକ୍ରମର ସଫଳ ଆୟୋଜନକୁ ନେଇ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଖୁସିବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଏକ ଐତିହାସିକ ମୁହୂର୍ତ୍ତ ଭାବେ ବର୍ଣ୍ଣନା କରିବା ସହ ଯୁବବର୍ଗଙ୍କ କଣ୍ଠରେ ବନ୍ଦେ ମାତରମ୍‌ର ସାମୂହିକ ଗାନ ରାଷ୍ଟ୍ର ପ୍ରତି ରହିଥିବା ଆମର ଅନନ୍ୟ ସମର୍ପଣ ଭାବର ଏକ ନିଚ୍ଛକ ନିଦର୍ଶନ ବୋଲି ସେ ମତପ୍ରକାଶ କରିଛନ୍ତି।

ଯଦି ମା ଭଗବତୀଙ୍କ କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି ତେବେ ଆଉ ଏପରି କ'ଣ ରହିଛି- ଯାହା ତୁମକୁ ସ୍ପର୍ଶ କରିପାରିବ ? ଆଉ କାହାକୁ ବା ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ମଧ୍ୟ ତୁମକୁ ସକଳ ବାଧା ବିପତ୍ତି ଓ ସଂକଟରୁ ପାରିକରିଦେବ। -ଶ୍ରୀଅରବିନ୍ଦ

-ନବାଙ୍କ ବେଢ଼ା, ମାସାନ୍ତ



# ଇତିହାସର ପ୍ରତିଶୋଧ ବୋକାମି

ନୂଆଦିଲ୍ଲୀରେ ଜାନୁଆରୀ ୧୦ରେ 'ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଏଲଗ୍' ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଭାରତକୁ କେବଳ ସୀମାରେ ନୁହେଁ, ସମସ୍ତ କ୍ଷେତ୍ରରେ ସଶକ୍ତ ହେବାକୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ଆମକୁ ଆମ ଇତିହାସର ପ୍ରତିଶୋଧ ନେବାକୁ ହେବ। ଆମର ଏକ ବିକଶିତ ସଭ୍ୟତା ଥିଲା। ଆମେ କାହାର ମନ୍ଦିର ଭାଙ୍ଗି ନ ଥିଲୁ। ଆମେ କେବେ ବିଦେଶୀଙ୍କ ଉପରେ ଆକ୍ରମଣ କରିନାହୁଁ, ଯେତେବେଳେ ଅବଶିଷ୍ଟ ବିଶ୍ୱ ପଛୁଆ ଥିଲା। ପୂର୍ବତନ ଗୋଇନ୍ଦା ବ୍ୟୁରୋ ମୁଖ୍ୟ ୮୦ ବର୍ଷୀୟ ଡୋଭାଲ ପୁଣି କହିଛନ୍ତି, ଆମ ପୂର୍ବପୁରୁଷମାନେ ବଡ଼ ବଡ଼ ତ୍ୟାଗ କରିଥିଲେ। ସେମାନେ ବଡ଼ ଅପମାନ ସହିଥିଲେ ଓ ଗଭୀର ଅସହାୟତାର ସମୟ ଅତିବାହିତ କରିଥିଲେ। ଆମ ମନ୍ଦିରଗୁଡ଼ିକ ଲୁଟ୍ ହୋଇଥିଲା, ଆଉ ଆମେ ନୀରବ ଦର୍ଶକ ଭାବେ ସବୁକିଛି ଦେଖୁଥିଲୁ। ଏହି ଇତିହାସ ଆଜିର ଯୁବବର୍ଗଙ୍କ ମଧ୍ୟରେ ଅଗ୍ନି ପ୍ରଜ୍ୱଳନ କରିବା ଉଚିତ ବୋଲି ସେ କହିଛନ୍ତି। 'ପ୍ରତିଶୋଧ' ଶବ୍ଦଟି ଉପଯୁକ୍ତ ନ ହୋଇପାରେ ବୋଲି ସ୍ୱୀକାର କରି ସେ କହିଛନ୍ତି ଯେ, ଏହା ସୁରକ୍ଷାରୁ ଆର୍ଥିକ ଓ ସାମାଜିକ ବିକାଶ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଭାରତକୁ ପୁନର୍ନିର୍ମାଣ କରିବା ପାଇଁ ଏକ ଶକ୍ତିଶାଳୀ ପ୍ରେରଣାଦାୟୀ ଶକ୍ତି ହୋଇପାରେ।

ଜଣେ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ଭାଷାକୁ କୂଟନୀତି ଓ ରଣନୀତିକୁ ମିଶାଇ କରି ବିଚାର କରାଯାଇପାରେ। କିନ୍ତୁ ସେ ଯେଉଁଭଳି ଭାବେ 'ପ୍ରତିଶୋଧ' ଭଳି ଶବ୍ଦ ବ୍ୟବହାର କରିଛନ୍ତି, ତାହାକୁ ଭାରତୀୟ ମାନସିକତା କିଭଳି ଗ୍ରହଣ କରିବ ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଦେଶର ବର୍ତ୍ତମାନର ଆଭ୍ୟନ୍ତରୀଣ ସାମ୍ପ୍ରଦାୟିକ ଘୃଣାଭାବ ଓ ଅନ୍ତର୍ଜାତୀୟ ସ୍ତରରେ ଅପମାନଜନକ ଅସହାୟତାର ପରିବେଶରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଐତିହାସିକ ଅନ୍ୟାୟକୁ ଉଠାଇବା ଦେଶର ସୂକ୍ଷ୍ମ ସାମାଜିକ ସମ୍ବନ୍ଧକୁ ଆହୁରି ଦୁର୍ବଳ କରିବା ସହ ବିଶ୍ୱସ୍ତରରେ ଭାରତର ପ୍ରତିଛବିକୁ କ୍ଷତି ପହଞ୍ଚାଇପାରେ। ଜାତୀୟ ଉଦ୍ଦେଶ୍ୟକୁ ଐତିହାସିକ ପ୍ରତିଶୋଧ ଭାବରେ ଚିତ୍ରଣ କରିବା ଦେଶକୁ ସର୍ବଦା ନିଜେ ଶିକାର ମାନସିକତାରେ ବୁଡ଼ାଇବାର ଚେଷ୍ଟା ବୋଲି କୁହାଯାଇପାରେ। ଦେଶରେ ବେକାରି, ଅସମାନତା ଓ ଲୋକଙ୍କ ଦୈନନ୍ଦିନ ଚଳଣି ଖର୍ଚ୍ଚ ବୃଦ୍ଧି ଆଦି ସମସ୍ୟାରୁ ସମ୍ଭବତଃ ଦୃଷ୍ଟି ହଟେଇବା ପାଇଁ ଏଭଳି ଆହ୍ୱାନ ଦିଆଯାଇଛି। ଅତୀତର ପ୍ରତିଶୋଧ ନେବା ଭଳି ଭାଷା ପ୍ରୟୋଗ ଦେଶର ଶୀର୍ଷ ନିରାପତ୍ତା ଅଧିକାରୀଙ୍କଠାରୁ ଆସିବା ପଡ଼ୋଶୀ କିମ୍ବା ମିତ୍ରରାଷ୍ଟ୍ରଗୁଡ଼ିକୁ ଅସ୍ଥିର କରିପାରେ। କାରଣ ସବୁ ପଡ଼ୋଶୀଙ୍କ ସହ ଭାରତର ଏବେ ଅପଡ଼ ସମ୍ପର୍କ ବିଷୟ ଜଣାଶୁଣା। ଭୂରାଜନୈତିକ ସ୍ଥିତିରେ ଭାରତକୁ ନିଜର ଶକ୍ତି ଓ ସାମର୍ଥ୍ୟ ବିଷୟରେ ଜଣାଇବା ପାଇଁ ବ୍ୟାଖ୍ୟାନର ସାହାରା ନେବାକୁ ପଡୁଛି। କହିବାକୁ ଗଲେ ଡୋଭାଲ ଯେଉଁ ସ୍ୱରରେ ତାଙ୍କ ବକ୍ତବ୍ୟ ରଖିଛନ୍ତି, ତାହା ରାଜନୈତିକ ନେତାଙ୍କ କ୍ଷେତ୍ରରେ ହୁଏତ ଶୋଭା ପାଇଥାଆନ୍ତା। କିନ୍ତୁ ଦେଶର ଶୀର୍ଷ ସୁରକ୍ଷା ଅଧିକାରୀଙ୍କଠାରୁ ଏହା ଉଚ୍ଚାରିତ ହେବା ସମସ୍ୟା ଡାକିପାରେ। ବୈଦେଶିକ ବା କୂଟନୈତିକ ଭାଷା ମାପିଚୁପି କୁହାଯାଇଥାଏ। ବାସ୍ତବ ଦୃଷ୍ଟିକୋଣରୁ ଦେଖିଲେ ଇତିହାସକୁ ପ୍ରତିଶୋଧ ନିଆଯାଇପାରିବ ନାହିଁ। କେବଳ ତା'ଠାରୁ ଶିକ୍ଷା ନେଇ ଭବିଷ୍ୟତରେ କିଭଳି ସେହି ଭୁଲ୍‌ର ପୁନରାବୃତ୍ତି ନ ହେବ ସେହିଦିଗରେ ଏବର ମଣିଷ ସଜାଗ ହେବା କଥା। ଅତୀତରେ ଯଦି କିଛି ଅନ୍ୟାୟ ଘଟିଥାଏ, କଦାପି ଏବେ ସୁଧୁରାଯାଇପାରିବ ନାହିଁ, ମୃତକଙ୍କୁ ପୁନର୍ଜୀବିତ କରାଯାଇପାରିବ ନାହିଁ ଏବଂ ଯନ୍ତ୍ରଣାକୁ ପୋଛି ଦିଆଯାଇପାରିବ ନାହିଁ। କୁହାଯାଇଥାଏ ପୁରୁଣା କଥାକୁ ରୋମନ୍ଥନ କରିବା କେବଳ ସମୟର ଅପଚୟ। ମାନବ ଜାତିର ଇତିହାସରେ ପ୍ରତ୍ୟେକ ସମାଜ କୌଣସି ନା କୌଣସି ରୂପରେ ଅତ୍ୟାଚାରର ଶିକାର ହୋଇଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଅତୀତର ଭୁଲ୍‌ରୁ ଶିକ୍ଷା ନେବା ଓ ସମସ୍ତଙ୍କ କଲ୍ୟାଣ ସୁନିଶ୍ଚିତ କରୁଥିବା ଏକ ସମାଜ ହୁଏତ ପୁନଃନିର୍ମାଣ କରାଯିବାର ଚେଷ୍ଟା ବର୍ତ୍ତମାନର ପିଢ଼ି କରିବା ଦରକାର।

ଏଠାରେ କେତୋଟି ଉଦାହରଣ ଦେଖାଯାଉ। ଜାପାନ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଦୁଇଟି ପରମାଣୁ ବୋମାରେ ନଷ୍ଟ ହେବା ସହ ଅପମାନଜନକ ପରାଜୟ ଭୋଗିଥିଲା। କିନ୍ତୁ ସେ ବିନାଶ ଓ ପରାଜୟକୁ ଆର୍ଥିକ ପୁନରୁତ୍ଥାନରେ ପରିଣତ କଲା। ପ୍ରତିଶୋଧ ଖୋଜିବା ବଦଳରେ ସେ ବିଶ୍ୱସ୍ତରୀୟ ଔଦ୍ୟୋଗିକ ଶକ୍ତି ହୋଇ ଇତିହାସର ଜବାବ ଦେଲା। ସେହିପରି ଜର୍ମାନୀ ମଧ୍ୟ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଧ୍ୱଂସ ହୋଇଥିଲା। କିନ୍ତୁ ବିଳାପ ଓ ଘୃଣା କରିବା ବଦଳରେ ସେ ୟୁରୋପର ସବୁଠାରୁ ଶକ୍ତିଶାଳୀ ଅର୍ଥନୈତିକ ଶକ୍ତି ଭାବେ ଉଭା ହୋଇପାରିଛି। ଇହୁଦୀମାନେ ଦୀର୍ଘ ସମୟ ଧରି ଗଣହତ୍ୟା ଓ ଅପମାନର ଶିକାର ହୋଇଆସିଛନ୍ତି। କିନ୍ତୁ ଆଜି ଇସ୍ରାଏଲ ମଧ୍ୟପ୍ରାଚ୍ୟରେ ଶକ୍ତିଶାଳୀ ରାଷ୍ଟ୍ର ଭାବେ ନିଜକୁ ଗଢ଼ିତୋଳି ସେଠାକାର ସମଗ୍ର ଭୂଖଣ୍ଡ ଉପରେ ପ୍ରଭାବ ବିସ୍ତାର କରିପାରିଛି।

ଏବକାର ଭାରତୀୟ ଯୁବପିଢ଼ି ବୁଝିବା ଦରକାର 'ଭାରତ' ବୋଲି କୌଣସି ଗୋଟିଏ ଦେଶ କେବେ ନ ଥିଲା। ଏହି ସମଗ୍ର ଭୂଖଣ୍ଡରେ ଅନେକ ରାଜା ମହାରାଜାଙ୍କ ଶାସନ ଦୀର୍ଘ ଶତାବ୍ଦୀ ଧରି ଚାଲିଆସିଥିଲା। ଯେଉଁ ଅଞ୍ଚଳକୁ ଭାରତବର୍ଷ ବୋଲି କୁହାଯାଉଥିଲା ଏହି ଉପମହାଦେଶର ଉତ୍ତର ଭାଗରେ ଏକ ସୀମିତ ଅଞ୍ଚଳ ମାତ୍ର, ଯେଉଁଥିରେ ଓଡ଼ିଶା ଓ ତାମିଲନାଡୁ ଭଳି ରାଜ୍ୟ ମଧ୍ୟ ସାମିଲ ନ ଥିଲେ। ୧୯୪୭ ମସିହାରେ ବ୍ରିଟିଶ ଶାସନରୁ ସ୍ୱାଧୀନତା ପାଇବା ପରେ ତତ୍କାଳୀନ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଏକ ମୁଖ୍ୟ ମୁଣ୍ଡବ୍ୟଥା ଥିଲା କେଉଁଭଳି ଉପାୟରେ ସେତେବେଳର ୫୬୨ ରାଜା ମହାରାଜାଙ୍କୁ ଧନଲୋ ବାପଲୋ କହି କିମ୍ବା ଧମକାଇ ଏକତ୍ରିତ କରି ଗୋଟିଏ ଦେଶ ସୃଷ୍ଟି କରିବେ। ଯଦି କେହି ଭାବୁଥାଏ ଯେ, ହିନ୍ଦୁଧର୍ମ ଏହି ଉପମହାଦେଶର ସମସ୍ତଙ୍କୁ ଯୋଡୁଥିଲା, ତେବେ ତାହା ମଧ୍ୟ ଏକ ତ୍ରୁଟିପୂର୍ଣ୍ଣ ଧାରଣା। ସେହି ହିନ୍ଦୁ ଧର୍ମରେ ବିଭିନ୍ନ ଅଞ୍ଚଳର ବିଭିନ୍ନ ଠାକୁରାଣୀ ଠାକୁରଙ୍କୁ ପୂଜା କରାଯାଉଥିଲା। ଓଡ଼ିଶାର କୌଣସି ଗ୍ରାମାଞ୍ଚଳରେ ପୁରାତନ ରାମ ମନ୍ଦିର ଦେଖିବାକୁ ମିଳେନାହିଁ। ସେହିଭଳି ଉତ୍ତରପ୍ରଦେଶ କିମ୍ବା ରାଜସ୍ଥାନରେ ପୁରୁଣା ଜଗନ୍ନାଥ ମନ୍ଦିର ମଧ୍ୟ ଖୋଜିଲେ ମିଳିବ ନାହିଁ। ଯଦି ଧର୍ମକୁ ନେଇ ଦେଶ ସୃଷ୍ଟି ହେଉଥାଆନ୍ତା, ତେବେ ୟୁରୋପ ଗୋଟିଏ ଦେଶ ହୋଇଥାଆନ୍ତା ଏବଂ ସେହିଭଳି ଦକ୍ଷିଣ ଆମେରିକା ମଧ୍ୟ ଗୋଟିଏ ଭାଷା ଓ ଗୋଟିଏ ଧର୍ମ ଯୋଗୁ (ବ୍ରାଜିଲ ବ୍ୟତୀତ) ଗୋଟିଏ ଦେଶ ହୋଇଥାଆନ୍ତା। ଭାରତରେ ଭାଷା ସମ୍ପୂର୍ଣ୍ଣ ଭିନ୍ନ ଏବଂ ଧର୍ମର ବିବିଧ ରୂପ ରହିଛି। ତେଣୁ ବିଦେଶୀ ଆକ୍ରମଣକାରୀମାନେ ଡୋଭାଲଙ୍କ ପୂର୍ବପୁରୁଷଙ୍କ ଉପରେ କେଉଁଭଳି ଅତ୍ୟାଚାର କରିଥିଲେ, ତାହା ସମ୍ଭବତଃ କେହି ଓଡ଼ିଆ ଜାଣି ନ ଥିବେ। କିନ୍ତୁ ଓଡ଼ିଶାର ଇତିହାସ ସମ୍ପର୍କରେ କ୍ଷୁଦ୍ର ଜ୍ଞାନ ଥିବା ବ୍ୟକ୍ତି ଜାଣିଥିବେ ଯେ, ଓଡ଼ିଶା ମାଟି ଉପରେ ବର୍ଗୀ ବା ମରାଠା ହିନ୍ଦୁମାନେ ଆମର ପୂର୍ବପୁରୁଷଙ୍କୁ ବହୁମାତ୍ରାରେ ନିର୍ଯାତନା ଦେଇଥିଲେ।

ଏବର ସମୟରେ ଭାରତୀୟମାନେ ଦେଶର ନେତୃତ୍ୱଙ୍କଠାରୁ ଅତ୍ୟଧିକ ବକ୍ତବ୍ୟ ଓ ଅନାବଶ୍ୟକ ବୋଲି ଶୁଣୁଛନ୍ତି। ପ୍ରକୃତରେ ଦେଖିଲା ବେଳକୁ ଦେଶବାସୀଙ୍କ ଜୀବନ ଅତ୍ୟନ୍ତ ଆର୍ଥିକ କଷ୍ଟ ଦେଇ ଗତି କରୁଛି। ବୈଦେଶିକ ନୀତିର ବିଫଳତା ଭାରତକୁ ପ୍ରାୟ ଏକଘରିଆ କରିଦେଲାଣି। ଏଭଳି କଠିନ ସମୟରେ ଆମ ନେତା ଓ ନୀତି ନିର୍ଦ୍ଧାରକମାନେ ଭବିଷ୍ୟତକୁ ଅନିଶା କରିବା ଦରକାର। ବିଶ୍ୱସ୍ତରରେ ଦେଖାଦେଉଥିବା ପରିବର୍ତ୍ତନ ସହ ତାଳ ମିଳାଇ ଅଗକୁ ବଢ଼ିବାକୁ ପଡ଼ିବ। ଆମେରିକା, ଚାଇନା ଓ ରୁଷିଆ ଭବିଷ୍ୟତ ପାଇଁ ନିଜ ନିଜ ପ୍ରଭାବ କ୍ଷେତ୍ର ଗଢ଼ିଛନ୍ତି। ଭାରତ ଏବେ ମଧ୍ୟ ନିଷ୍ପତ୍ତି ନେଇପାରୁ ନାହିଁ କେଉଁ କ୍ଷେତ୍ରରେ ନିଜର ପ୍ରଭାବ ବିସ୍ତାର କରି ଏକ ଅନନ୍ୟ ରାଷ୍ଟ୍ର ଭାବେ ପ୍ରାସଙ୍ଗିକତା ବହନ କରିବ। କ୍ଷୁଦ୍ର ଆଭ୍ୟନ୍ତରୀଣ ରାଜନୈତିକ ଫାଇଦା ପାଇଁ ଇତିହାସକୁ ରୋମନ୍ଥନ କରି ସମୟ ନଷ୍ଟ କରାଯିବାର ସମୟ ଅତିକ୍ରାନ୍ତ ହେଲାଣି ବୋଲି ନୀତି ନିର୍ଦ୍ଧାରଣ କରୁଥିବା ବର୍ଗ ହେଜିବା ଦରକାର।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | 9 | | | | | | | 4 |
| | | | | | 1 | | | |
| 2 | | 5 | | | | | | 3 |
| 7 | | | | 4 | 2 | | 3 | |
| | 8 | | | 6 | | | | |
| | | 9 | | | | 5 | 6 | |
| | 4 | | | | 7 | 6 | | 1 |
| | | | | | | | | |
| | | | 3 | | 6 | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 4 | 1 | 9 | 8 | 3 | 5 | 2 |
| 5 | 1 | 3 | 4 | 7 | 2 | 9 | 8 | 6 |
| 2 | 8 | 9 | 5 | 6 | 3 | 7 | 1 | 4 |
| 3 | 5 | 7 | 8 | 4 | 1 | 2 | 6 | 9 |
| 8 | 9 | 2 | 6 | 3 | 7 | 1 | 4 | 5 |
| 1 | 4 | 6 | 2 | 5 | 9 | 8 | 7 | 3 |
| 6 | 7 | 8 | 3 | 2 | 5 | 4 | 9 | 1 |
| 9 | 2 | 5 | 7 | 1 | 4 | 6 | 3 | 8 |
| 4 | 3 | 1 | 9 | 8 | 6 | 5 | 2 | 7 |

ଗତକାଲିର ଉତ୍ତର

# 'ୟେସ୍' କହିଲେ ସବୁ ଶେଷ



ଡ. ତପନ କୁମାର ପାଳ

ଆପଣଙ୍କୁ ଶୀର୍ଷକଟି ଆଶ୍ଚର୍ଯ୍ୟଜନକ ଲାଗିପାରେ। ଆମ ଭାରତୀୟ କଥିତ ଭାଷାରେ ୟେସ୍ ଅର୍ଥ ଗ୍ରହଣୀୟତା। ଏହା ଏକ ପ୍ରତିକାତ୍ମକ ଭଲ ପାଇବାର ଭାବନାକୁ ଚିତ୍ରିତ କରିଥାଏ। ଆମ୍ଭେମାନେ ଅନେକ କ୍ଷେତ୍ରରେ ୟେସ୍ ଶବ୍ଦଟି ବ୍ୟବହାର କରିଥାଉ। ତେବେ ଆମେ ଯେଉଁ ୟେସ୍‌ର ଆଲୋଚନା କରୁଛୁ ତାହା ନିଶ୍ଚିନ୍ତ ଭାବେ ଯେତିକି ଚିନ୍ତାଜନକ ସେତିକି ଆଶ୍ଚର୍ଯ୍ୟକର ମଧ୍ୟ। ବର୍ତ୍ତମାନ ଡିଜିଟାଲ ଆରେଷ୍ଟପରି ଏହି ଭୟାନକ ଅଦୃଶ୍ୟ 'ୟେସ୍ ସ୍କାମ୍' ଲୋକଙ୍କୁ କାଙ୍ଗାଳ କରିଦେଉଛି। ଆଖି ପିଛୁଳାକେ ଅନେକଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଅର୍ଥରାଶି ଉଭାନ ହୋଇଯାଉଛି। ମୋବାଇଲରେ ବିଶେଷକରି ମେସେଜ ବ୍ୟବସ୍ଥାରେ ଏପରି ସ୍କାମ୍‌ରମାନଙ୍କ ଅଦୃଶ୍ୟ ଚେହେରାକୁ କେହି ଦେଖି ପାରୁନାହାନ୍ତି ଆଉ ପୋଲିସର ସାଇବର ବିଭାଗ ଏହାକୁ ଠାବ କରିବା ମଧ୍ୟ ମୁସ୍କିଲ ହୋଇପଡୁଛି।

ଆପଣ ମୋବାଇଲରେ ପ୍ରାୟତଃ ଆର୍ଥିକ କାରବାର କରୁଥିବେ। ଭାରତରେ ଡିଜିଟାଲ ବ୍ୟବସ୍ଥା ଲୋକମାନଙ୍କୁ ସୁଲଭ, ହାତପାହାନ୍ତାରେ ତତ୍କାଳ ସେବା ପ୍ରଦାନ କରୁଥିବାରୁ ଅନେକେ ଏହାକୁ ବିଶେଷ ଭାବେ ଗ୍ରହଣ କରୁଛନ୍ତି। ତେବେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆମର ଆଜିର ଆଲୋଚନାଟି ରଖୁଛୁ। ଆପଣ ମୋବାଇଲ ବ୍ୟବହାର କରୁଥିବା ସମୟରେ ଧରନ୍ତୁ କେହି ଜଣେ ପ୍ରଥମେ ଆପଣଙ୍କୁ କଲ୍ କରି ଆପଣଙ୍କ ନାଁ ଧରି ପ୍ରଶ୍ନଟି ପଚାରିବ। ଅପର ପାର୍ଶ୍ୱ ଜଣଙ୍କ ଆପଣଙ୍କ ନାଁ ଧରି ପଚାରୁଛି ଅର୍ଥ ଆପଣ ବିନା ଦ୍ୱିଧାରେ 'ୟେସ୍' ନିଶ୍ଚିନ୍ତ ଭାବେ କହିବେ। କାରଣ ଏହା ଏକ କଥୋପକଥନର ସର୍ବନିମ୍ନ ଶାଳୀନତା। ତେବେ ଆପଣଙ୍କର ଏହି ଗୋଟିଏ 'ୟେସ୍' ଶବ୍ଦ ଆପଣଙ୍କୁ କାଙ୍ଗାଳ କରିଦେବ। ସେହି ୟେସ୍ କହିବାର କିଛି କ୍ଷଣ ଭିତରେ ଆପଣଙ୍କ ଆକାଉଣ୍ଟରେ ଥିବା ତମାମ ଅର୍ଥରାଶିକୁ ଅଦୃଶ୍ୟ ଅନ୍‌ଲାଇନର ସାଇବର ଠକ ପୂରାପୂରି ପୋଛି ଦେଇଥିବେ। ହଁ, କେହି କେହି ଓଟିପି ସମ୍ପର୍କରେ ପ୍ରଶ୍ନ ପଚାରି ପାରନ୍ତି, ତେବେ ଏହି ନୂଆ ୟେସ୍ ମାୟାଜାଲରେ ଆପଣଙ୍କୁ କୌଣସି ଓଟିପି ଦେବାକୁ ପଡ଼ିବ ନାହିଁ। ସାଇବର କ୍ଷେତ୍ରରେ ଭୟାନକ ଠକମାନେ ଏଭଳି ଅନେକ ପ୍ରଶ୍ନ ପଚାରି ପାରନ୍ତି, ଯାହାର ଉତ୍ତର କେବଳ 'ୟେସ୍', ଯାହାକୁ ଓଡ଼ିଆରେ ହଁ କୁହାଯାଏ। ସେମାନଙ୍କର ବ୍ୟବସ୍ଥା ହେଉଛି ଆପଣଙ୍କଠାରୁ କେବଳ ୟେସ୍ ଶବ୍ଦଟି ଗ୍ରହଣ କରିବା। ଏହାପଛର ଯେଉଁ ଅଦୃଶ୍ୟ ଠକାମିର କାରନାମା ରହିଛି ତାହା ଜାଣିଲେ ଦେହ ଶୀତେଇ ଉଠିବ। କାରଣ ୟେସ୍ ଶବ୍ଦଟି କହୁଥିବା ଆପଣଙ୍କ କଣ୍ଠସ୍ୱରର ରେକର୍ଡ଼ ହିଁ ସେମାନଙ୍କ ପାଇଁ ଯଥେଷ୍ଟ। ଆପଣଙ୍କ କଣ୍ଠସ୍ୱରରେ ଥିବା ୟେସ୍ ଶବ୍ଦକୁ ନେଇ ସାଇବର ଅପରାଧୀମାନେ ନୂଆ ଆକାଉଣ୍ଟ ଖୋଲିଥାନ୍ତି। ପରବର୍ତ୍ତୀ ସମୟରେ ଏଥିରେ କେବଳ ଦେଣନେଣ ହୋଇନଥାଏ ବରଂ ମୋଟାଅଙ୍କର ଋଣ ମଧ୍ୟ ଆବେଦନ ହୋଇଥାଏ। ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରମାଣ ସ୍ୱରୂପ ଆପଣଙ୍କ ୟେସ୍ କଣ୍ଠସ୍ୱରକୁ ଭଏସ୍ ବାୟୋମେଟ୍ରିକ ସିଷ୍ଟମ ବ୍ୟବସ୍ଥାରେ ଗ୍ରହଣ କରି



ଭଏସ୍ କଲ୍ ଜରିଆରେ ଋଣ ମଞ୍ଜୁର କରିଥାନ୍ତି। ବର୍ତ୍ତମାନ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଜଣଙ୍କର କଣ୍ଠସ୍ୱର ମଧ୍ୟ ବ୍ୟାଙ୍କ ଆକାଉଣ୍ଟର ପାସ୍‌ୱାର୍ଡ ବି ହୋଇପାରେ।

ୟେସ୍ ଅଦୃଶ୍ୟ, ଭୟାନକ ଠକମାନଙ୍କଠାରୁ ରକ୍ଷା ପାଇବା ପାଇଁ ସର୍ବପ୍ରଥମେ ଗୋଟିଏ କଥାକୁ ଭଲ ଭାବେ ମନେରଖନ୍ତୁ ଯେ, ଆପଣ କୌଣସି ଅଜଣା ବ୍ୟକ୍ତି ବା ସଂସ୍ଥାଠାରୁ ଆପଣଙ୍କ ସମ୍ବନ୍ଧିତ ଫୋନ୍ କଲ୍ ପାଉଥିଲେ ସର୍ବନିମ୍ନ ଭାବେ ୟେସ୍ କିମ୍ବା ହଁ ଆଦୌ କୁହନ୍ତୁ ନାହିଁ। ଅନେକ କ୍ଷେତ୍ରରେ ଦେଖାଯାଏ କେତେକ ଆକାଉଣ୍ଟଧାରୀଙ୍କର ଖାତା ଖୋଲିଲା ବେଳେ ଭଏସ ବାୟୋମେଟ୍ରିକ୍ସ ଅଥେଣ୍ଟିକେଶନ୍ ସିଷ୍ଟମ ରଖିଥାନ୍ତି, ତେଣୁ ଏ କ୍ଷେତ୍ରରେ ତୁରନ୍ତ ନିଜର ଖାତା ଖୋଲିଥିବା ବ୍ୟାଙ୍କକୁ ଯାଇ ଏହି ବ୍ୟବସ୍ଥାକୁ ତୁରନ୍ତ ଡିଜାବଲ୍ କରନ୍ତୁ, ଯାହାଦ୍ୱାରା ଆପଣ ଏହି ୟେସ୍ ସ୍କାମ୍‌ର ଭୟାନକ ଠକାମିରୁ ବର୍ତ୍ତି ପାରିବେ। ସେହିପରି ଆଉ ଏକ ଅଦୃଶ୍ୟ ଅନ୍‌ଲାଇନ ଠକଙ୍କ କାରନାମା ହେଉଛି 'ଜାମ୍ ଡିପୋଜିଟ ସ୍କାମ୍'। ଉଦାହରଣସ୍ୱରୂପ, ବ୍ୟାଙ୍କ ସହିତ ଜଡ଼ିତ ହୋଇଥିବା ଆପଣଙ୍କ ଫୋନ୍‌କୁ ଧରାଯାଉ ଏକ ସୂଚନା ଆସିବ ଯେ ଆପଣଙ୍କ ପାସ୍‌ବୁକରେ କିଛି ଟଙ୍କା କ୍ରେଡିଟ ବା ଜମା ହୋଇଛି। ତେଣୁ ଆପଣ ନିଶ୍ଚିନ୍ତ ନିଜର ୟୁପିଆଇ ଆକାଉଣ୍ଟ ଖୋଲି ସର୍ବପ୍ରଥମେ ଏହି ବିଷୟରେ ଜାଣିବା ପାଇଁ ଆଗ୍ରହ ରଖିବେ। ତେବେ ଏଇଠି ଆପଣ ପୂରାପୂରି ଫସିଯିବା ଥୟ। କାରଣ ଅଦୃଶ୍ୟ ଅନ୍‌ଲାଇନ ଠକମାନେ ଯଥେଷ୍ଟ ପୂର୍ବରୁ ପ୍ରସ୍ତୁତ ହୋଇ ଏକ ବଡ଼ଧରଣର କ୍ୟାଶ ୱିଥଡ୍ରୟାଲ ରିକ୍ୱେଷ୍ଟ ପଠାଇ ନିଜର ଯୋଜନା ପ୍ରସ୍ତୁତ କରିସାରିଥିବେ। ଆପଣ ନିଜର ଆକାଉଣ୍ଟ ଜାଣିବା ପାଇଁ ୟୁପିଆଇ ଖୋଲିଲା ବେଳକୁ ଯେତେବେଳେ ନିଜେ ପିନ୍ ନମ୍ବରଟି ପ୍ରଦାନ କରିବେ ଏହା ସ୍ୱୟଂକ୍ରିୟ ଭାବେ ଆକସେସ୍ ହୋଇଯିବ, ଯାହାର ପରିଣାମ ସ୍ୱରୂପ କିଛି କ୍ଷଣ ଭିତରେ ଆପଣଙ୍କ ଆକାଉଣ୍ଟରୁ ଟଙ୍କା ଉଭାନ ହୋଇଯିବ।

ଆମ୍ଭମାନଙ୍କ ଭିତରେ ୟୁପିଆଇ ବହୁଳ ବ୍ୟବହାର ହେଉଛି। ତେବେ ଏଯାବତ୍ ଅନେକେ ପେମେଣ୍ଟ ରିକ୍ୱେଷ୍ଟ ସମ୍ପର୍କରେ କିଛି ଜାଣନ୍ତି ନାହିଁ। ତେଣୁ କୌଣସି ପରିସ୍ଥିତିରେ ଅଜଣା ମେସେଜ ପଢ଼ି ତୁରନ୍ତ ମନଇଚ୍ଛା ସେମାନଙ୍କ କଥା ଗ୍ରହଣ କରନ୍ତୁ ନାହିଁ। କାରଣ ଏହା ପଛରେ ଏପରି କିଛି ଠକାମିର ଲିଙ୍କ୍ ରହିଥାଏ, ଯାହାକୁ ଆପଣ ଟଚ୍ କରିବାମାତ୍ରେ ସ୍କାମରମାନେ ଜାଲ୍ ଏସ୍‌ଏମ୍‌ଏସ୍ ଗେଟୱେ ଦ୍ୱାରା ଆକାଉଣ୍ଟକୁ ଟଙ୍କା ଆସିବା ପରି ଏକ ଧାରଣା ତିଆରି କରନ୍ତି। ସେହି ଏସ୍‌ଏମ୍‌ଏସ୍‌ରେ ୟୁପିଆଇ ଆକାଉଣ୍ଟ ଖୋଲିବାର ବିକଳ୍ପ ବି ରହିଥାଏ। ତେଣୁ ଏହି କ୍ଷେତ୍ରରେ ଆଦୌ ନିଜର ୟୁପିଆଇ ଆକାଉଣ୍ଟ ଖୋଲନ୍ତୁ ନାହିଁ। ହଁ, ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମେସେଜଗୁଡ଼ିକ କେଉଁ ବିଧିବଦ୍ଧ ସେଣ୍ଟରରୁ ଆସିଛି ତାହା ଯାଞ୍ଚ କରନ୍ତୁ। ବର୍ତ୍ତମାନ ଲୋକଙ୍କ ଭିତରେ ସଚେତନତା ବଢୁଥିବାରୁ ହ୍ୟାକରମାନେ ସେହିପରି ଠକାମିର ନୂଆ ନୂଆ ତରିକା ଆପଣେଇଲେଣି। ତେଣୁ ବର୍ତ୍ତମାନ ଆଇଭିଆର କଲ୍ ଦ୍ୱାରା ଠକିବାର ଏକ ନୂଆ ଫନ୍ଦି ସାଇବର ଠକମାନେ ଆପଣାଉଛନ୍ତି। ଆଇଭିଆର କଲ୍‌ଗୁଡ଼ିକ ଟ୍ରାଇ ଦ୍ୱାରା ନିୟନ୍ତ୍ରିତ ହେବା ସତ୍ତ୍ୱେ ଠକଙ୍କ ରାଜୁତି କିନ୍ତୁ କମୁନାହିଁ। ଏ କ୍ଷେତ୍ରରେ ସରକାରଙ୍କର ଗୁରୁତ୍ୱପୂର୍ଣ୍ଣ ଓ ଜରୁରିକାଳୀନ ଭୂମିକା ରହିଛି। ସେହିପରି ବିଭିନ୍ନ ପ୍ରକାର ଥାର୍ଡ଼ ପାର୍ଟି ଦ୍ୱାରା ଆପ୍ ବ୍ୟବସ୍ଥାକୁ ଗ୍ରହଣ କରି ଠକମାନେ ଟଙ୍କା ଗାଏବ କରିଥାନ୍ତି। ତେଣୁ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସତର୍କତା କୁହାଯିବ ଆପଣ ଆପ୍ ଷ୍ଟୋରରୁ ଆପ୍ ଇନ୍‌ଷ୍ଟଲ କରିବା ପୂର୍ବରୁ ସେ ଆପ୍‌ର ଡେସ୍କ୍ରିପଶନ ପଢ଼ିବା ସହ ଭଲ କରି ପରଖିବା ଉଚିତ। କୌଣସି ପରିସ୍ଥିତିରେ କାହାକୁ ମୋବାଇଲକୁ ଆସିଥିବା ଓଟିପି କହିବେ ନାହିଁ। ଏଭଳି କିଛିଟା ସତର୍କତା ଅବଲମ୍ବନ କଲେ, ଆମେ କିଛି ମାତ୍ରାରେ ନିଜକୁ ସୁରକ୍ଷା ଦେଇପାରିବା। ସାଧାରଣତଃ ଅସହଜରେ ଟଙ୍କା ପାଇବା ଲୋଭରେ ଲୋକେ ଠକାମିର ଶିକାର ହୁଅନ୍ତି। ସହଜରେ ଟଙ୍କା ଉପାର୍ଜନ କରିବାର କୌଣସି ଉପାୟ ପୃଥିବୀରେ ନାହିଁ। ଏଇ କଥା ଥରେ ବୁଝିଗଲେ ଆଉ କେହି ଆପଣଙ୍କୁ ଠକିପାରିବେ ନାହିଁ।

ଆପଣଙ୍କ ଆକାଉଣ୍ଟକୁ ଯଦି ଅଚାନକ କୌଣସି ଭାବରେ କିଛି ଟଙ୍କା କ୍ରେଡ଼ିଟ ହୋଇଯାଇଛି ତେବେ ଆପଣ 'ରାତାରାତି ବଡ଼ଲୋକ ହୋଇଗଲେ ବୋଲି' ଏହି ବିଚାର ଆଦୌ କରନ୍ତୁ ନାହିଁ। କାରଣ କ୍ରେଡ଼ିଟ ସମ୍ବନ୍ଧରେ ସୂଚନାକୁ ଆପଣ ତତ୍‌କ୍ଷଣାତ ନ ଦେଖି ବରଂ କିଛି ସମୟ ପରେ ଏହାକୁ ଦେଖନ୍ତୁ। କାରଣ କିଛି ସମୟ ଅତିକ୍ରମ କରିଗଲେ ହ୍ୟାକରମାନେ ଆପଣଙ୍କୁ ଲୁଟିବା ପାଇଁ ଯେଉଁ କ୍ୟାଶ ୱିଥଡ୍ରୟାଲ ରିକ୍ୱେଷ୍ଟ ଯୋଜନାବଦ୍ଧ ଭାବେ କରିସାରିଥିବେ ତାହା ଇତିମଧ୍ୟରେ ଇନ୍‌ଭାଲିଡ ହୋଇସାରିଥିବ। ସେହିପରି କୌଣସି ପରିସ୍ଥିତିରେ ଆଦୌ ଭୁଲ୍ ପିନ୍ ମାରନ୍ତୁ ନାହିଁ। କାରଣ ପ୍ରଥମ ପିନ୍‌ରେ ହିଁ ହ୍ୟାକରମାନେ ରିକ୍ୱେଷ୍ଟ ଆକସେସ୍ କରିବା ପାଇଁ ସେମାନଙ୍କର ଠକାମିର ଜାଲ ବିଛେଇ ଥାଆନ୍ତି। ଆପଣ ଭୁଲ୍ ପିନ୍ ମାରିବା ଦ୍ୱାରା ସେ ରିକ୍ୱେଷ୍ଟ କ୍ୟାନ୍‌ସେଲ ହୋଇଯାଏ। ଆପଣମାନଙ୍କର ସତର୍କତା କେବଳ ଆପଣଙ୍କୁ ନିଜର ଠକାମିରୁ ବଞ୍ଚାଇବ ନାହିଁ ବରଂ ବ୍ୟାଙ୍କ ପାଇଁ ଏକ ଅଯଥା ଆର୍ଥିକ ଝମେଲାରୁ ବଞ୍ଚାଇପାରିବ। ଆଜିର ସମୟରେ ଡିଜିଟାଲ ବ୍ୟବସ୍ଥା ଗୋଦରା କୋଡ଼େ ଯେତେ ମାଡ଼େ ସେତେ ପରି ଚାଲିଛି। ତେଣୁ ଆପଣ ଉପରୋକ୍ତ ସତର୍କତାଗୁଡ଼ିକ ଗ୍ରହଣ କରି ବ୍ୟାଙ୍କିଙ୍ଗ କାରବାର କରି ନିଜର ଅର୍ଥକୁ ସୁରକ୍ଷିତ ରଖନ୍ତୁ ଏବଂ ଆପଣଙ୍କ ଆକାଉଣ୍ଟ ଖୋଲିଥିବା ବ୍ୟାଙ୍କକୁ ଅଯଥା ଝମେଲାରୁ ବଞ୍ଚାଇବାରେ ସକ୍ଷମ ହୁଅନ୍ତୁ।

ଏସ୍‌ବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି,
ତୁଳସୀପୁର, କଟକ
ମୋ :୯୯୩୭୬୫୮୩୬୨

# ବୁଦ୍ଧଙ୍କ ଦେଶରେ ମନ୍ଦିର କଳି



ଲଳିତେନ୍ଦୁ ପଲାଉରୀ

ଦକ୍ଷିଣପୂର୍ବ ଏସିଆର ଦୁଇ ପଡ଼ୋଶୀ ଦେଶ ଥାଇଲାଣ୍ଡ-କାମ୍ବୋଡିଆ। ଭଗବାନ୍ ବୁଦ୍ଧଙ୍କୁ ଅନୁସରଣ କରୁଥିବା ଏହି ଦୁଇ ଦେଶର ୮୦ପ୍ରତିଶତ ଅଧିବାସୀ ବୌଦ୍ଧ ଧର୍ମାବଲମ୍ବୀ। ବିଶ୍ୱ ମାନଚିତ୍ରରେ ଥାଇଲାଣ୍ଡର ପର୍ଯ୍ୟଟନ ଅର୍ଥନୀତି ବେଶ୍ ସମୃଦ୍ଧ। ଯଦିଓ କୃଷି ଓ ପର୍ଯ୍ୟଟନ ଉପରେ କାମ୍ବୋଡିଆବାସୀ ନିର୍ଭର କିନ୍ତୁ ଥାଇଲାଣ୍ଡ ଭଳି ବିକଶିତ ନୁହେଁ। ଥାଇଲାଣ୍ଡ ଚାଇନାର ବନ୍ଧୁ ହୋଇଥିବା ବେଳେ କାମ୍ବୋଡିଆ ହେଉଛି ଆମେରିକାର ବନ୍ଧୁ। ଟ୍ରମ୍ପଙ୍କୁ ନୋବେଲ ପୁରସ୍କାର ଚୟନ ଚର୍ଚ୍ଚାରେ ପ୍ରଥମେ କାମ୍ବୋଡିଆ ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ହକ୍‌ଦାର ବୋଲି ମତ ରଖିଥିଲା। ବୁଦ୍ଧ ଉପାସକଙ୍କ ଏହି ଦୁଇ ଦେଶ ମଧ୍ୟରେ ଦୁଇଟି ପ୍ରାଚୀନ ମନ୍ଦିରକୁ ନେଇ ବିବାଦ ବେଶ୍ ପୁରୁଣା। ଅନେକ ଥର ଏହି ବିବାଦ ସମାଧାନ ପାଇଁ ଉଦ୍ୟମ ବିଫଳ ହୋଇଛି। ୨୦୨୫ ଅକ୍ଟୋବରରେ ମାଲେସିଆରେ ଆୟୋଜିତ ଆସିଆନ ଶିଖର ବୈଠକରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଥାଇଲାଣ୍ଡ-କାମ୍ବୋଡିଆ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷର କରିବାରେ ସଫଳ ହୋଇଥିଲେ ମଧ୍ୟ ଏହା ବେଶି ଦିନ ତିଷ୍ଠିପାରିନି। ୨୦୨୫ ଶେଷ ଭାଗରେ ଥାଇଲାଣ୍ଡ-କାମ୍ବୋଡିଆ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିଲା। ଥାଇଲାଣ୍ଡ କାମ୍ବୋଡିଆ ସୀମାରେ ଏୟାର ଷ୍ଟ୍ରାଇକ କରି ପ୍ରଥମେ ଶାନ୍ତି ରାଜିନାମାକୁ ଉଲ୍ଲଂଘନ କରିଥିବା କାମ୍ବୋଡିଆ ଅଭିଯୋଗ କରିଛି। ଥାଇଲାଣ୍ଡର ଏଫ୍-୧୬ ଲଢୁଆ ବିମାନରେ ମଧ୍ୟ କାମ୍ବୋଡିଆର ଧର୍ମସ୍ଥଳଗୁଡ଼ିକୁ ଟାର୍ଗେଟ କରିଥିଲା ଆଉ ଆକ୍ରମଣକୁ ଯଥାର୍ଥ ବୋଲି ଦର୍ଶାଇଥିଲା ଥାଇଲାଣ୍ଡ। କାମ୍ବୋଡିଆ ସେନା ମନ୍ଦିରରେ ଅସ୍ତ୍ରଶସ୍ତ୍ର ରଖି ଏହାକୁ ସାମରିକ ଘାଟି ଭାବେ ବ୍ୟବହାର କରୁଥିବା ଥାଇଲାଣ୍ଡ ଆପତ୍ତି ଉଠାଇଥିଲା। ତେଣୁ ଉଭୟ ଦେଶ ମଧ୍ୟରେ ଛକାପଞ୍ଝା ସହ ଯୁଦ୍ଧସ୍ଥିତି ଉପୁଜିଛି। କାମ୍ବୋଡିଆ ସୀମାରେ ଥିବା ସ୍କୁଲଗୁଡ଼ିକୁ ସୁରକ୍ଷା ଦୃଷ୍ଟିକୋଣରୁ ବନ୍ଦ କରାଯାଇଛି। ଉଭୟ ଦେଶର ସେନା ଆଲର୍ଟ ମୋଡ୍‌ରେ ରହିଛନ୍ତି। ଗତ ୨ମାସ ମଧ୍ୟରେ ଉତ୍ତେଜନା ଓ ସଂଘର୍ଷରେ ୧୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି।

କହିବାକୁ ଗଲେ ଥାଇଲାଣ୍ଡ ଏବଂ କାମ୍ବୋଡିଆ ମଧ୍ୟରେ ବିବାଦ ୧୧୮ ବର୍ଷ ପୁରୁଣା। ଦୁଇ ଦେଶର ସୀମାରେ ଥିବା ଦୁଇଟି ପ୍ରାଚୀନ ଶିବ ମନ୍ଦିରକୁ ନେଇ ବିବାଦ ବାରମ୍ବାର ହିଂସାତ୍ମକ ରୂପ ନେଉଛି। ଏହି ମନ୍ଦିର ଦୁଇଟି ହେଲା ପ୍ରିୟାହ ଭିହେର ଏବଂ ଟା ମୁଏନ ଥାମଁ ମନ୍ଦିର। ଉଭୟ ମନ୍ଦିରକୁ ଥାଇଲାଣ୍ଡ ଓ କାମ୍ବୋଡିଆ ସେମାନଙ୍କର ବୋଲି ଦାବି କରୁଛନ୍ତି। ୨୦୦୮ରେ ୟୁନେସ୍କୋ ଏହି ମନ୍ଦିର ଦୁଇକୁ ବିଶ୍ୱ ଐତିହ୍ୟ ସ୍ଥଳୀ ଅନ୍ତର୍ଭୁକ୍ତ କରିବା ପରେ ବିବାଦ ଅଧିକ ଘନୀଭୂତ ହୋଇଛି। ୨୦୧୩ରେ ଅନ୍ତର୍ଜାତୀୟ ନ୍ୟାୟାଳୟ ନିର୍ଦ୍ଦେଶ ଥିଲା କେବଳ ମନ୍ଦିର ନୁହେଁ, ଆଖପାଖ ଅଞ୍ଚଳ ମଧ୍ୟ କାମ୍ବୋଡିଆର। ଥାଇଲାଣ୍ଡ ଏହି ନିଷ୍ପତ୍ତିକୁ ସ୍ୱୀକାର କରୁନି। ଗତବର୍ଷ ଜୁନ୍ ୧୫ରେ ଦୁଇ ଦେଶ ମଧ୍ୟରେ ବିବାଦ ବଢ଼ିଥିଲା।



ସେହି ସମୟରେ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଥିବା ପି.ସିନାୱାତ୍ରା କାମ୍ବୋଡିଆର ନେତା ହୁନ ସେନଙ୍କ ସହ ଫୋନରେ କଥା ହୋଇ ଥିବା ଘଟଣା ସୋସିଆଲ ମିଡିଆରେ ଆସିବା ପରେ ଦେଶରେ ବିରୋଧାଭାସ ଓ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବି ଜୋରଦାର ହୋଇଥିଲା। ଦେଶବ୍ୟାପୀ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ପି. ସିନାୱାତ୍ରାଙ୍କ ବିରୋଧରେ ଅସନ୍ତୋଷ ଦେଖାଇଥିଲା। ଶେଷରେ ପ୍ରଧାନମନ୍ତ୍ରୀ ସିନାୱାତ୍ରାଙ୍କୁ ପଦରୁ ବହିଷ୍କାର କରାଯାଇଥିଲା। ପି. ସିନାୱାତ୍ରା ଦେଶବାସୀଙ୍କୁ କ୍ଷମା ମାଗିଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ପଦରୁ ହଟିବାକୁ ବାଧ୍ୟ ହୋଇଥିଲେ। ପୂର୍ବରୁ ଫ୍ରାନ୍ସ ଦ୍ୱାରା ଶାସିତ କାମ୍ବୋଡିଆ ସ୍ୱାଧୀନତା ପରେ ଏହାର ୮ଶହ କିମି ସୀମାବର୍ତ୍ତି ଅଞ୍ଚଳର ସାର୍ବଭୌମତ୍ୱକୁ ନେଇ ଥାଇଲାଣ୍ଡ ସହ ବିବାଦ ମଧ୍ୟ ରହିଛି। ଏହାସହ ୧୯୬୨ରେ ଇଣ୍ଟରନ୍ୟାଶନାଲ କୋର୍ଟ ଅଫ ଜଷ୍ଟିସ ଏହି ପ୍ରାଚୀନ ଶିବ ମନ୍ଦିରକୁ କାମ୍ବୋଡିଆର ଅଂଶ ଭାବରେ ଘୋଷଣା କରିଥିଲେ। କିନ୍ତୁ ଥାଇଲାଣ୍ଡର କିଛି ଜାତୀୟତା ବାଦୀ ଗୋଷ୍ଠୀ ଏହାକୁ ଚ୍ୟାଲେଞ୍ଜ କରି ଆସୁଛନ୍ତି।

ଥାଇଲାଣ୍ଡ ଓ କାମ୍ବୋଡିଆ ସୀମାରେ ନିର୍ମିତ ଉଭୟ ପ୍ରାଚୀନ ଶିବ ମନ୍ଦିରକୁ ନକ୍‌ସାରେ କାମ୍ବୋଡିଆର ବୋଲି ଉଲ୍ଲେଖ କରିଥିଲା ଫ୍ରାନ୍ସ। ସେତେବେଳେ କିନ୍ତୁ ଥାଇଲାଣ୍ଡ ପକ୍ଷରୁ ଏହାକୁ ବିରୋଧ କରାଯାଇ ନ ଥିଲା। ପରେ ବିବାଦ ଉଗ୍ର ହୋଇଥିଲା। ସେହି ଶିବ ମନ୍ଦିର ଦୁଇଟିକୁ ନେଇ ବିବାଦ ବଢୁଛି। ନିକଟରେ କାମ୍ବୋଡିଆ ସୈନିକମାନେ ମୁଏନ ଥାଁମ ମନ୍ଦିରକୁ ତାରଜାଲିଘେରା କରିଥିବା ବେଳେ ଥାଇଲାଣ୍ଡ ସୈନିକମାନେ ରକେଟ ଓ ଡ୍ରୋନ ମାଡ଼ କରି ଏହାକୁ ଉଡ଼ାଇ ଦେଇଥିଲେ। ଟା ମୁଏନ ଥାଁମ ମନ୍ଦିର ଏଭଳି ସ୍ଥାନରେ ଅବସ୍ଥିତ, ଏହା କେଉଁ ଦେଶରେ ସାମିଲ ରହିବ ତାହା ନିର୍ଦ୍ଦିଷ୍ଟ ନିଷ୍ପତ୍ତି ହୋଇପାରୁନି। ତେବେ କାମ୍ବୋଡିଆ କହିବା କଥା ଖମେର ସାମ୍ରାଜ୍ୟ କାମ୍ବୋଡିଆର ଅଂଶ ହୋଇଥିବାବେଳେ ଏହା କାମ୍ବୋଡିଆବାସୀଙ୍କ ଉପାସନା ପୀଠ ରହି ଆସିଛି। ଖମେର ସାମ୍ରାଜ୍ୟ କାମ୍ବୋଡିଆର ଏକ ଶକ୍ତିଶାଳୀ ସଭ୍ୟତା। ନବମ ଶତାବ୍ଦୀରୁ ୧୫ଶହ ଶତାବ୍ଦୀ ଯାଏ ଏହା ସମୃଦ୍ଧ ଥିଲା। ଖମେରମାନେ ଉଭୟ ଥାଇଲାଣ୍ଡ ଓ ଭିଏତ୍‌ନାମର କିଛି ଅଞ୍ଚଳକୁ ଶାସନ କରିଥିବା କାମ୍ବୋଡିଆ ପକ୍ଷରୁ କୁହାଯାଇଛି। ସେପଟେ ଥାଇଲାଣ୍ଡ କହୁଛି ଏହି ମନ୍ଦିର ଚାରିପଟ ଥିବା ଜମି ତାହାର। ଥାଇଲାଣ୍ଡ ପ୍ରିୟାହ ଭିହେର ମନ୍ଦିର ଉପରେ ବାରମ୍ବାର ନିୟନ୍ତ୍ରଣ ଦାବି କରୁଛି, ଯାହାକୁ ନେଇ କାମ୍ବୋଡିଆ ୧୯୫୯ରେ ମାମଲାକୁ ଅନ୍ତର୍ଜାତୀୟ କୋର୍ଟରେ ଉପସ୍ଥାପନ କରିଥିଲା। ୧୯୬୨ରେ ଅଦାଲତ କହିଥିଲେ ଏହି ମନ୍ଦିର କାମ୍ବୋଡିଆର ଏବଂ ଥାଇଲାଣ୍ଡ ତା'ର ସୈନିକ ହଟାଇବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଥାଇଲାଣ୍ଡ ଏହାକୁ ସ୍ୱୀକାର କରିଥିଲେ କିନ୍ତୁ ଆଖପାଖ ଅଞ୍ଚଳ ନିଜର ବୋଲି ଦାବି କରୁଛି।

ବାଲିପନ୍ତାଳ,ନଗର,ଅସ୍ତରଙ୍ଗ,ପୁରୀ
ମୋ: ୯୭୭୮୬୯୭୦୩୬

## ଏଇ ଭାରତରେ

ହିମାଳୟ ଜୈବ ବିବିଧତାର ଗନ୍ତାଘର। ଏହା ହେଉଛି ଦୁର୍ଲଭ ଔଷଧୀୟ ବୃକ୍ଷ ଓ ପୁଷ୍ପର ଭଣ୍ଡାର। ଏପରିକି ସେଠାରେ ଥିବା ଆହୁରି ଅନେକ ବୃକ୍ଷ ସମ୍ପର୍କରେ ଉଦ୍ଭିଦବିଜ୍ଞାନୀମାନେ ତଥ୍ୟ ହାସଲ କରିପାରିନାହାନ୍ତି। ତେବେ ଯେଉଁସବୁ ବିରଳ ବୃକ୍ଷ ସମ୍ପର୍କରେ ଏବେ ଜଣାପଡ଼ିଛି ସେଗୁଡ଼ିକ ମଧ୍ୟରୁ ହିମାଳୟର ଆଶ୍ଚର୍ଯ୍ୟ ଭାବେ ଜଣାଶୁଣା ସିକିମ୍ ସୁନ୍ଦରୀ ଅନ୍ୟତମ। ଏହାର ବିରଳ ଫୁଲ ଅନେକ ଦଶନ୍ଧି ପରେ ଗତ ବର୍ଷ ଡିସେମ୍ବରରେ ଫୁଟିବା ଆରମ୍ଭ ହୋଇଛି, ଯାହା ପ୍ରକୃତିପ୍ରେମୀ ଓ ଉଦ୍ଭିଦବିଜ୍ଞାନୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହା ପୂର୍ଣ୍ଣ ରୂପେ ଫୁଟିଲା ପରେ ଅତ୍ୟନ୍ତ ଆକର୍ଷଣୀୟ ହୋଇଛି। ସିକିମ୍ ସୁନ୍ଦରୀ ଗଛ ଅନେକ ବର୍ଷ ଅନ୍ତରରେ ୨ ମିଟର ଉଚ୍ଚଯାଏ ବଢ଼େ ଓ ଫୁଲ ଫୁଟେ। ଏହି ସମୟରେ ଏହା ଏକ ଟାୱାର ଭଳି ଦେଖାଯାଏ। ମଞ୍ଜି ଧରିବା ପରେ ଗଛର ଜୀବନଚକ୍ର ସମ୍ପୂର୍ଣ୍ଣ ହୋଇଥାଏ। ସମୁଦ୍ର ପତ୍ତନଠାରୁ ୪,୦୦୦ରୁ ୪,୮୦୦ ମିଟର ଉଚ୍ଚରେ ଫୁଟେ ଏହି ଫୁଲ। ସ୍ଥାନୀୟ ଲୋକେ ଏହାକୁ ବିଶେଷକରି ପାରମ୍ପରିକ ଚିକିତ୍ସାରେ ବ୍ୟବହାର କରିଥାନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୩ ଜାନୁଆରୀ ୧୯୭୭

- ଉପରାଷ୍ଟ୍ରପତି ବି.ଜି. ଜଟ୍ଟି ଶହୀଦନଗରଠାରେ 'ଇଣ୍ଡିଆନ ମେଟାଲ୍ସ କମ୍ପାନୀ ଦାତବ୍ୟ ସଂସ୍ଥା' ପକ୍ଷରୁ ପ୍ରତିଷ୍ଠିତ ହେଉଥିବା ଏକ ଅବସର ବିନୋଦନ କେନ୍ଦ୍ର ଓ ଶିଶୁ ଉଦ୍ୟାନର ଭିତ୍ତି ସ୍ଥାପନ କରିଛନ୍ତି।
- ଚାଷନଳା କୋଇଲା ଖଣି ଦୁର୍ଘଟଣାରେ କ୍ଷତିଗ୍ରସ୍ତ ପରିବାରଙ୍କୁ ମାଗଣା ଜମି, ଚାକିରି ସହ ପରିବାର ପିଛା ୧୦୦୦ ଟଙ୍କା ଲେଖାଏ ଆର୍ଥିକ ସହାୟତା ଦେବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ମଧୁବାବୁ ପେନ୍‌ସନ ହିତାଧିକାରୀ ହଟହଟା

ମହାଶୟ,

ପୂର୍ବରୁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ନୂତନ ବିନ୍ୟାସରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ହେବାରୁ ଆଇଏଫ୍‌ଏସ୍‌ସି କୋଡ୍ ପରିବର୍ତ୍ତନ ଯୋଗୁ ସାରଙ୍ଗଯୋଡ଼ି ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଶାଖାରୁ ମଧୁବାବୁ ପେନ୍‌ସନ ଯୋଜନା ଭତ୍ତା ପାଉଥିବା ହିତାଧିକାରୀମାନେ ନଭେମ୍ବର ଓ ଡିସେମ୍ବର ୨୦୨୫ର ଭତ୍ତା ପାଇ ନାହାନ୍ତି। ଫଳରେ ସେମାନେ ଦୁର୍ଦ୍ଦିନରେ ରହିଛନ୍ତି। ସତ୍ୟବାଦୀ ବ୍ଲକ୍ ମଣ୍ଡଳ ଉନ୍ନୟନ ଅଧିକାରୀ କ'ଣ ଏହି ଅସୁବିଧା ସମ୍ବନ୍ଧରେ ଜ୍ଞାତ ନୁହନ୍ତି ? କ'ଣ କଲେ ହିତାଧିକାରୀମାନେ ଭତ୍ତା ପାଇବେ ସେ କଥା କୁହାଯାଉନାହିଁ। କିନ୍ତୁ ସାରଙ୍ଗଯୋଡ଼ି ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଶାଖାରେ ଅନୁସନ୍ଧାନ କଲେ ସେମାନେ ବ୍ଲକ୍‌ରୁ ଟଙ୍କା ଆସିନାହିଁ ବୋଲି କହୁଛନ୍ତି। ଯଦି ଏହା ସତ ହୁଏ ତେବେ ପ୍ରଶାସନିକ ଉଦାସୀନତା ଯୋଗୁ ହିତାଧିକାରୀମାନେ ଭତ୍ତା ପାଇବାରେ ବିଳମ୍ବ ହେଉଛି ବୋଲି ବୁଝିବାକୁ ପଡ଼ିବ। ଅତି ଶୀଘ୍ର ସମସ୍ୟା ସମାଧାନକରି ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଉ।

-ରାମଚନ୍ଦ୍ର ଦାଶ,ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ,ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସଖିରେ ସେହି ମତି ବରଷା କରେ ରତି
ଧାରାରେ ଉପୁଜାଇ ପୁଲକ
ତନୁରେ ତନୁ ମିଶି ନ ମାନେ ଦିବା ନିଶି
ନ ପଡ଼େ ତିଳେ କାହା ପଲକ ।
-(ବର୍ଷାରତି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଉନ୍ନୟନ କାର୍ଯ୍ୟର ସମୀକ୍ଷାକଲେ ଏମ୍‌ପି, ବିଧାୟକ

ଗୁଡାରି,୧୨।୧(ପ୍ରମୋଦ କୁମାର ପତି)



ବୈଠକରେ ଏମ୍‌ପି, ବିଧାୟକଙ୍କ ସହ ଉପସ୍ଥିତ ଅଧିକାରୀ।

ରାୟଗଡା ଜିଲ୍ଲା ଗୁଡାରି ବ୍ଲକ କାର୍ଯ୍ୟାଳୟରେ ସୋମବାର ଉନ୍ନୟନ କାର୍ଯ୍ୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଓ ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଯୋଗଦେଇ ସରକାରଙ୍କ ସମସ୍ତ ଯୋଜନା ଏବଂ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ବ୍ଲକରେ ବିଭିନ୍ନ ଯୋଜନାରେ ଉନ୍ନତିମୂଳକ କାର୍ଯ୍ୟ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଗୁଡାରିରୁ ରାଜଧାନୀ ଭୁବନେଶ୍ୱର ଏବଂ ବିଶାଖାପାଟଣା ସରକାରୀ ବସ୍ ଚଳାଚଳ ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ଫୁଲବାଣୀରୁ ବ୍ରହ୍ମପୁର ଭାୟା ଗୁଡାରି ଦେଇ ଜାତୀୟ ରାଜପଥ ନିର୍ମାଣ ନିମନ୍ତେ ଆଲୋଚନା କରାଯାଇଥିଲା ଏବଂ ଏ ନେଇ ଲୋକସଭାରେ ଏମ୍‌ପି ସପ୍ତଗିରି ପୂର୍ବରୁ ଉପସ୍ଥାପନା କରିଥିବା ସୂଚନା ଦେଇଛନ୍ତି। ସମୀକ୍ଷା ବୈଠକରେ ବିଡ଼ିଓ ସଚ୍ଚିସ୍ମିତା ବେହେରା, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବରଙ୍କ ସମେତ ବ୍ଲକସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକ ପରେ ଲୋକନାଥପୁର ହାଇସ୍କୁଲ ପରିସରରେ ଏମ୍‌ପିଙ୍କ ପାଣ୍ଠିରୁ ୫ ଲକ୍ଷ ଟଙ୍କା ବିନିମୟରେ ଏକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନା କରାଯାଇଥିଲା। ଉଭୟ ନେତା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ କିଛି ସମୟ ବିତାଇଥିଲେ ଏବଂ ଭଲ ପାଠ ପଢ଼ିବା ସହ ଖେଳରେ ରୁଚି ରଖି ନିଜ ବିଦ୍ୟାଳୟର ନାମକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ। ଶେଷରେ ଗୁଡାରି ଏନ୍‌ଏସି ଗେଷ୍ଟ ହାଉସରେ ଦଳୀୟ ନେତା ଓ କର୍ମୀଙ୍କ ସହ ସାଙ୍ଗଠନିକ ବୈଠକରେ ଯୋଗଦେଇ ବ୍ଲକର ବିଭିନ୍ନ ସମସ୍ୟା ପଚାରିଥିଲେ। ଏହାଛଡ଼ା ସଂଗଠନ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେବା ସହ ବିଭିନ୍ନ ସମସ୍ୟା ନେଇ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଦରଖାସ୍ତ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରୁ ଆସିଥିବା ପଞ୍ଚାୟତ ସଭାପତି, ବ୍ଲକ ସଭାପତି କେ. ରାମ କ୍ରିଷ୍ଣା, ଏନ୍‌ଏସି ସଭାପତି ରାମଚନ୍ଦ୍ର ନନ୍ଦ, ବ୍ଲକ ଓ ଏନ୍‌ଏସି ଏମ୍‌ପି ପ୍ରତିନିଧିଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗଦେଇଥିଲେ। ଏହି ଅବସରରେ ସ୍ଥାନୀୟ କଂଗ୍ରେସ ନେତା ଓ କର୍ମୀ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ଉଭୟ ନେତାଙ୍କୁ ସ୍ୱାଗତ କରିଥିଲେ।

## କଂଗ୍ରେସ ଛାଡ଼ିଲେ ଶଙ୍କର

ରାୟଗଡ଼ା,୧୨।୧
(ଆଶିଷ ରଞ୍ଜନ ପଣ୍ଡା)



ଶଙ୍କର ଜିଲାକାରା।

ରାୟଗଡା ଜିଲା କଂଗ୍ରେସର ଆଗ ଧାଡ଼ିର ନେତା ଶଙ୍କର ଜିଲାକାରା ଦଳ ଛାଡିଛନ୍ତି। ସେ ନିଜର ଇସ୍ତଫାପତ୍ର ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଜିଲା କଂଗ୍ରେସ ସଭାପତି ଆପଲାସ୍ୱାମୀ କାଡ୍ରାକାଙ୍କ ନିକଟକୁ ପଠାଇଛନ୍ତି। ଶଙ୍କର ଜିଲା କଂଗ୍ରେସର ପୂର୍ବତନ ସଭାପତି ଏବଂ ବର୍ତ୍ତମାନ ଅନୁସୂଚିତ ଜନଜାତି ସେଲ୍‌ର ଅଧ୍ୟକ୍ଷ ରହିଛନ୍ତି। ଧାର୍ମିକ ପରିଚୟ ପାଇଁ ତାଙ୍କୁ ପଦୋନ୍ନତି ଦିଆଯାଉନାହିଁ। ଦଳ ପାଇଁ ନିଷ୍ଠାର ସହିତ କାମ କଲେ ମଧ୍ୟ ପୁରସ୍କୃତ ମିଳୁ ନ ଥିବା ସେ ତାଙ୍କ ଇସ୍ତଫାପତ୍ରରେ ଦର୍ଶାଇଛନ୍ତି। ମୋର ଦୃଢ଼ ପରିଶ୍ରମ ପାଇଁ ଜିଲାର ୩ ବିଧାୟକ ଓ ଏମ୍‌ପି ବିଜୟ ଲାଭ କରିଥିଲେ। କିନ୍ତୁ ଏହାପରେ ମୋତେ ଅଣଦେଖା କରାଯାଉଛି ବୋଲି ଶଙ୍କର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ତେବେ ଶଙ୍କର ଇସ୍ତଫା ଦେବାପରେ ଜିଲା କଂଗ୍ରେସରେ ହଲଚଲ ସୃଷ୍ଟି ହୋଇଛି। କାରଣ ଶଙ୍କର ଯେଉଁ ଅଞ୍ଚଳର ବାସିନ୍ଦା ତାହା ହେଉଛି କଂଗ୍ରେସ ଦଳର ଗଡ। ସେହି ଅଞ୍ଚଳର ଭୋଟରେ ହିଁ ସର୍ବଦା କଂଗ୍ରେସ ବିଜୟୀ ହୋଇ ଆସୁଛି।

## ବସ୍ ଧକ୍କାରେ ବାଇକ୍ ଚାଳକ ମୃତ

ଗୁଣପୁର,୧୨।୧, (ସଂକେତ ପାତ୍ର )

### କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଗୁଣପୁର ସହରର ବ୍ରିଜ୍ ଛକର ହନୁମାନ ମନ୍ଦିର ନିକଟରେ ରବିବାର ସନ୍ଧ୍ୟାରେ ଏକ ଘରୋଇ ବସ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣେ ଗୁଣପୁର ବ୍ଲକ ପୁଟାସିଂ ଥାନା ଅନ୍ତର୍ଗତ ମାନିଗୁଆଲ ଗ୍ରାମର ଅନିଲ ଶବର (୩୫)। କ୍ଷତିପୂରଣ ଦାବିରେ ଉତ୍ତେଜିତ ଲୋକେ ସୋମବାର ରାସ୍ତା ଅବରୋଧ କରିଥିଲେ। ରାସ୍ତାରୋକୋ ଯୋଗୁ ଉଭୟ ଯାତାୟତ ଠପ ହୋଇଯାଇଥିଲା। ଘଟଣାସ୍ଥଳରେ ଗୁଣପୁର ପୋଲିସ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିଥିଲେ। ପୁଟାସିଂ ପଞ୍ଚାୟତ ସରପଞ୍ଚ ଉପସ୍ଥିତିରେ ଗୁଣପୁର ଥାନା ଆଇଆଇସି କମଳକାନ୍ତ କହ୍ନର ଓ ମୃତକଙ୍କ ପରିବାର ମଧ୍ୟରେ ବୁଝାମଣା ହେବା ସହ ଦୁର୍ଘଟଣା ଘଟାଇଥିବା ବସ୍ କ୍ଷତିପୂରଣ ଦେବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିଲେ। ଅନିଲ ରବିବାର ସନ୍ଧ୍ୟାରେ ବାଇକରେ ଆସୁଥିବାବେଳେ ହନୁମାନ ମନ୍ଦିର ନିକଟରେ ଏକ ଘରୋଇ ବସ୍ ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସେ ଗୁରୁତର ଅବସ୍ଥାରେ ରାସ୍ତାରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଗୁଣପୁର ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ଡାକ୍ତର ତାଙ୍କୁ ବ୍ରହ୍ମପୁର ବଡମେଡିକାଲକୁ ସ୍ଥାନାନ୍ତର କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ସୋମବାର ତାଙ୍କର ମୃତ୍ୟୁ ଘଟିଛି।



ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

## ମୁନିଗୁଡ଼ାରେ କଂଗ୍ରେସର ମିଶ୍ରଣ ପର୍ବ



କଂଗ୍ରେସରେ ଯୋଗଦେଇଥିବା ନୂଆ ନେତା ଓ କର୍ମକର୍ତ୍ତା।

ମୁନିଗୁଡ଼ା,୧୨।୧
(ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ା ଫରେଷ୍ଟ ବଙ୍ଗଳା ପରିସରରେ ବ୍ଲକ୍ କଂଗ୍ରେସ ତରଫରୁ ସୋମବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ନୀଳାମ୍ବର ବିଭାର ଓ ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବେହେରାଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମୁଖ୍ୟ ଅତିଥିଭାବେ ବିଧାୟକ ନୀଳମାଧବ ହିକକା, ଏମ୍‌ପି ପ୍ରତିନିଧି ରଜନୀକାନ୍ତ ପଡାଲ, ମୁନିଗୁଡ଼ା ଗ୍ରାମପଞ୍ଚାୟତ ସରପଞ୍ଚ ସରସ୍ୱତୀ ଶବର, ସମିତି ସଭ୍ୟା ମମତା ପ୍ରାସ୍କାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମୁନିଗୁଡା ଓ ଶରଧାପୁର ପଞ୍ଚାୟତର ବିଭିନ୍ନ ଦଳର ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା କର୍ମୀ କଂଗ୍ରେସରେ ଯୋଗଦାନ କରିଛନ୍ତି।

ବିଶେଷକରି ମୁନିଗୁଡାର ପୁରୋହିତ ଜଗବନ୍ଧୁ ପଣ୍ଡା, ଯୁବନେତା ଉତ୍ତମ ବେହେରା, ଦିଲୀପ ଭତ୍ରା, ଡମ୍ବରୁ ଭାଞ୍ଜି, ଭଗବତୀ ବେହେରା, ସାଦନ ସାରକା, ବନମାଳୀ ମାଝୀ, ଦୁର୍ଯ୍ୟୋ ସାରକା, ନର୍ମଦା ସ୍ୱାଇଁ, ରଜନୀ ଶବର, ଭାନୁ ସାହୁ, ରିତା ସାହୁ, ଲିଲି ସାହୁଙ୍କ ସମେତ ପ୍ରାୟ ୨୫ରୁ ଉର୍ଦ୍ଧ୍ୱ କଂଗ୍ରେସରେ ସାମିଲ ହୋଇଥିଲେ। ସେହିପରି ଶରଧାପୁର ପଞ୍ଚାୟତର ଜଗନାଥ ଜାକେସିକା, ଲୋଚି ଦେବଡକା, ରାଜୁ ସୁନା, ଭରତ ଡଙ୍ଗରି, ମଧୁ ଦଣ୍ଡା, ସନ୍ତୁ ବ୍ରେଡ଼ୋକାଙ୍କ ସମେତ ଅନ୍ୟମାନେ ଯୋଗଦାନ କରିଥିଲେ। ନୂତନ ସମସ୍ତ ନେତା ଓ କର୍ମୀଙ୍କୁ ବିଧାୟକ ନୀଳମାଧବ ହିକକାଙ୍କ ସମେତ ଅନ୍ୟ ଅତିଥିମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିବା ସହ ଆଗାମୀ ଦିନରେ ସମସ୍ତେ ମିଳିମିଶି କାର୍ଯ୍ୟ କରି ଦଳକୁ ଆହୁରି ଅଧିକ ମଜବୁତ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଭୁବନେଶ୍ୱରରୁ ଦଳ କିପରି କାର୍ଯ୍ୟ କରିବ ସେନେଇ ରୂପରେଖା ପ୍ରସ୍ତୁତ କରିବାକୁ ପଡ଼ିବ ବୋଲି କହିଥିଲେ। ପରେ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମାଲିକାର୍ଜୁନ ଖାର୍ଗେ, ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ ଓ ରାଜ୍ୟ ସଭାପତି ଭକ୍ତ ଚରଣ ଦାସଙ୍କ ବିକାଶ ଚିନ୍ତାଧାରା ଓ କାର୍ଯ୍ୟ କୌଶଳରେ ଅନୁପ୍ରାଣିତ ହୋଇ କଂଗ୍ରେସ ଦଳରେ ଯୋଗଦାନ କରିଛୁ ବୋଲି ଯୋଗଦାନ କରିଥିବା ନେତା ଓ କର୍ମୀମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉକ୍ତ ମିଶ୍ରଣ ପର୍ବରେ କଂଗ୍ରେସର ଜିଲ୍ଲା ଅନୁସୂଚିତ ଜାତି ଅଧ୍ୟକ୍ଷ ରମେଶ ପାଲକା, ତେଲେଙ୍ଗାପଦର ସମିତି ସଭ୍ୟ ଅନଙ୍ଗ ନାଗ, ଯୁବନେତା ବାଦଲ ବେହେରା, ଲାଡି ଗୌରୀ, ରାକେଶ ବେହେରାଙ୍କ ସମେତ ଅନେକ ନେତା ଓ କର୍ମୀ ଉପସ୍ଥିତ ରହିଥିଲେ।

## ଜିଆଇଇଟିରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ

ଗୁଣପୁର,୧୨।୧(ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ପରିସରରେ ସୋମବାର ଜାତୀୟ ସେବା ଯୋଜନା ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଉପ କୁଳପତି ଡ. ଏଭିଏନ୍‌ଏଲ୍ ଶର୍ମା, ରେଜିଷ୍ଟ୍ରାର ଡ ଏନ୍‌ଭିଜେ ରାଓ, ପରୀକ୍ଷା ନିୟନ୍ତ୍ରକ ପି ବିଜୟ କୁମାର, ସ୍କୁଲ ଅଫ୍ ଏଗ୍ରିକଲ୍ଚରର ଡିନ୍ ଡ. ଭି. ଏସ୍. ଦେବଦାସ ପ୍ରମୁଖ ଯୋଗଦେଇ ସ୍ୱାମିଜୀଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣକରି ତାଙ୍କ ଜୀବନୀ ବିଷୟରେ କହିଥିଲେ। ଅଧ୍ୟାପକ ଡ. ଆଶିଷ କୁମାର ସାମଲ, ଡ. ଏସ୍.ଏନ୍ . ଦାସ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ବାଣୀ ପ୍ରସାଦ ନାୟକ, ଘନିଷ୍ଟା ପୃଷ୍ଟି, ପ୍ରମୋଦ କୁମାର ପଣ୍ଡା, ରଞ୍ଜିତ କୁମାର ପାଣିଗ୍ରାହୀ, ଡ. ପ୍ରତିଭା କର, ଡ. ସୁମନ ମିଶ୍ର, ଡ. ଜ୍ୟୋତିର୍ମୟ ମିଶ୍ର, କ୍ରୀଡା ଅଧିକାରୀ ରବୀନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସାମୂହିକ ଭାବେ ବନ୍ଦେ ମାତରମ୍ ସଙ୍ଗୀତ ଗାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।

## ପୀଡ଼ିତାଙ୍କ ପରିବାରକୁ ଭେଟିଲା ଜିଲା ଭିନ୍ନକ୍ଷମ ମହାସଂଘ



ମହାସଂଘ ସଭାପତି ଓ ସମ୍ପାଦକ ଥାନା ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଗୁଡାରି,୧୨।୧ (ପ୍ରମୋଦ କୁମାର ପତି)

### ଦିବ୍ୟାଙ୍ଗ ଯୁବତୀଙ୍କୁ ଗଣବଳାତ୍କାର ଘଟଣା

ଗତ ୫ ତାରିଖରେ ଗୁଡାରି ଥାନା ଅନ୍ତର୍ଗତ ନାଇରା ଗ୍ରାମ ନିକଟରେ ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ୩ ଜଣ ଯୁବକ ଗଣବଳାତ୍କାର କରିଥିବା ନେଇ ପୀଡିତାଙ୍କ ମା' ଥାନାରେ ଏତେଲା ଦେଇଥିଲେ। ଏହି ଘଟଣାରେ ଗୁଡାରୀ ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଏହି ଘଟଣାରେ ରାୟଗଡା ଜିଲା ଭିନ୍ନକ୍ଷମ ମହାସଂଘର ସଭାପତି ଶିଶିର ରାହୁଲ, ସମ୍ପାଦକ ଅମରେନ୍ଦ୍ର ନାଥ ପ୍ରମୁଖ ନାଇରା ଯାଇ ପୀଡିତାଙ୍କ ପରିବାରଙ୍କୁ ଭେଟି ସମସ୍ତ ବିଷୟ ବୁଝିଥିଲେ। ମହାସଂଘ ତାଙ୍କ ପରିବାର ସହ ରହିଛି ଏବଂ ସମସ୍ତ ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଗୁଡାରି ଥାନାକୁ ଯାଇ ଥାନା ଅଧିକାରୀଙ୍କ ସହ କେଶ୍ ସମ୍ପର୍କରେ ପଚାରିଥିଲେ। ଏସ୍‌ପି ଏହି ଘଟଣାକୁ ଗୁରୁତର ସହ ନେବା ସହ ପୀଡିତାଙ୍କୁ ଉଚିତ ନ୍ୟାୟ ଦିଆଯିବ ବୋଲି କହିଥିବା ଇନ୍ସପେକ୍ଟର ସୂଚନା ଦେଇଥିଲେ।

## ୩୧ ଗାଁକୁ ଯୋଡ଼ି ହେଲା ମୁଖ୍ୟମନ୍ତ୍ରୀ ବସ୍ ସେବା

ରାୟଗଡ଼ା,୧୨।୧
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ମୋଟ ୩୧ଟି ନୂତନ ଗାଁ ସହିତ ଯୋଡ଼ି ହୋଇଛି ମୁଖ୍ୟମନ୍ତ୍ରୀ ବସ୍ ସେବା । ରାୟଗଡ଼ା ସଦର ମହକୁମାସ୍ଥିତ ବସଷ୍ଟାଣ୍ଡଠାରୁ ଭର୍ଚୁଆଲରେ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି । ରାୟଗଡ଼ା ବ୍ଲକର ବଡ଼ଚେକା, ଚମ୍ପିକୋଟା, ଚମ୍ପି, ରମ୍ଭୁ ଏବଂ ଡିମ୍ବାକୁଟିକୁ ନୂତନ ଭାବେ ବସ୍ ସୋମବାରଠାରୁ ଯାତାୟତ କରିଥିବା ଓଏସ୍‌ଆରଟିସି ମ୍ୟାନେଜର ସୌମ୍ୟ ରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି । ଏଥିସହିତ ବିଭିନ୍ନ ବ୍ଲକର ଅନ୍ୟ ୨୬ଟି ଗାଁକୁ ମଧ୍ୟ ସୋମବାରଠାରୁ ବସ୍ ସେବା ଆରମ୍ଭ ହୋଇଛି ।



ମୁଖ୍ୟମନ୍ତ୍ରୀ ବସ୍ ସେବା ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ଲଳିତ ସାଗର ଚନ୍ଦ୍ରପୁର ଥାନାର ନୂଆ ଆଇଆଇସି

ଚନ୍ଦ୍ରପୁର, ୧୨।୧( ବିଜୟ ପ୍ରସାଦ ଉଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ସଦର ମହୋକୁମାରେ ଥିବା ଥାନାର ନୂଆ ଭାରପ୍ରାପ୍ତ ଅଧିକାରୀ ଭାବେ ସୋମବାର ଲଳିତ ସାଗର ଜୈନ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାରେ ପୋଲିସକୁ ସହାୟତା କରିବାକୁ ସେ ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।


## ୭୪ ବ୍ୟକ୍ତିଗତ, ୧୫ ସାମୂହିକ ଅଭିଯୋଗର ଶୁଣାଣି

ଗୁଣପୁର୧୨।୧(ସଂକେତ ପାତ୍ର)

### ରାମନାଗୁଡ଼ାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ରାୟଗଡା ଜିଲା ପ୍ରଶାସନ ପକ୍ଷରୁ ରାମନାଗୁଡା ବ୍ଲକ ସଭାଗୃହଠାରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବୈଠକରେ ଖଣ୍ଡୀୟ ବନ ଅଧିକାରୀ ସଚିନ ଆନାସାହେବ ଓହୋଲ, ଉପ ଆରକ୍ଷୀ ଅଧିକାରୀ ଅମୂଲ୍ୟ କୁମାର ଧର, ଅତିରିକ୍ତ ଜିଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ମନୀଷା ଦାସ, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ମମତାରାଣୀ ସାହୁ ଏବଂ ରାମନଗୁଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୮୯ଟି ଅଭିଯୋଗର ଶୁଣାଣି ହୋଇଥିବାବେଳେ ସେଥିରୁ ୭୪ଟି ବ୍ୟକ୍ତିଗତ ଏବଂ ୧୫ଟି ସାମୂହିକ ଦରଖାସ୍ତ ପଞ୍ଜୀକରଣ ହୋଇଥିଲା। ସମସ୍ତ ଅଭିଯୋଗ ଅତିରିକ୍ତ ଜିଲାପାଳ ଗ୍ରହଣ କରିବା ପରେ ଅଭିଯୋଗକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ଦରଖାସ୍ତଗୁଡିକ ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ।

ଏହି ଅବସରରେ ଲିମାପଦର ଗ୍ରାମର ଗୌରାଙ୍ଗ ପଣ୍ଡାଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଶିବିରରେ ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଲଳିତ ମୋହନ ପଟ୍ଟନାୟକ, ଅବକାରୀ ନିରୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତ, ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ଲୋକନାଥ ଯାଦବ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଲିଡ଼ ବ୍ୟାଙ୍କ ଅଧିକାରୀ ଦେବେନ୍ଦ୍ର ବାଉରୀ, ରାମନଗୁଡା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ବିଡିଓ ପ୍ରଦ୍ୟୁମ୍ନ ମଣ୍ଡଳ, ଜିଲା ଜରୁରୀକାଳୀନ ଅଧିକାରୀ ଧବେଇ ନାୟକ, ଜିଲା ଅଭିଯୋଗ ଶୁଣାଣି ଅଧିକାରୀ ଶିବ ପ୍ରସାଦ ସାହୁଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।




ଅଧିକାରୀମାନେ ଅଭିଯୋଗର ଶୁଣାଣି କରୁଛନ୍ତି।


**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ
ଭୁବନେଶ୍ୱର – 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹ 31,08,600/- ଟଙ୍କା ଆନୁମାନିକ ମୂଲ୍ୟ ରେ **ନିଜର ଷ୍ଟାଫ କ୍ୱାଟର୍ସ, ବରମୁଣ୍ଡା, ଭୁବନେଶ୍ୱର, ଓଡ଼ିଶାରେ ବ୍ଲକ ଜି, ଏଚ୍, ଆଇ, ଜେ, କେ, ଏଲ୍ (ଚତୁର୍ଥ ଶ୍ରେଣୀ) ର ବାହ୍ୟ ମରାମତି ଏବଂ ପୁନଃ ପେଣ୍ଟିଂ କାର୍ଯ୍ୟ** ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି 75 ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **28 ଜାନୁଆରୀ, 2026 ଅପରାହ୍ନ 02:00 ଟା** ଅଟେ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର



**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. ST-OT-HIRING-VEHICLE-532, ତା.06.01.2026ରିଖ

**କାର୍ଯ୍ୟର ନାମ :** 30 ମାସ ଅବଧି ନିମନ୍ତେ ସିଗ୍ନାଲିଙ୍ଗ୍ ପରିସମ୍ପତ୍ତି (Asset)ଗୁଡ଼ିକର ରକ୍ଷଣାବେକ୍ଷଣ, ବ୍ରେକ୍‌ଡାଉନ୍ ସ୍ଥଳରେ ଉପସ୍ଥିତ (Attending Breakdown) ହେବା ଏବଂ ଯାତ୍ରା ସମୟରେ ଅଟକ (En-route Detention)କୁ ଦୂର କରିବା ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର (ସଙ୍କେତ)/ବାଲୁଗାଁ, ସିନିୟର ସେକ୍ସନ ଇଂଜିନିୟର (ସଙ୍କେତ)/ବ୍ରହ୍ମପୁର ଅଧୀନରେ ସିଗ୍ନାଲିଙ୍ଗ୍ କର୍ମଚାରୀ ତଥା ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ ଦିନରାତି ଚାଳକ ସହିତ TATA 207-DI କିମ୍ବା ଅନୁରୂପ ଦୁଇ ଗୋଟି ବହୁ ଉପଯୋଗିତା ବିଶିଷ୍ଟ ସଡ଼କ ଗାଡ଼ି ଭଡ଼ା ସୂତ୍ରରେ ନେବା ।

**ଟେଣ୍ଡର ମୂଲ୍ୟ :** ₹ 35,40,000.00, EMD : ₹ 70,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 3,540/-

ବିଡ୍ ଆରମ୍ଭ ହେବା ତାରିଖ : ତା.14.01.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.01.2026ରିଖ 1100 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-993/Q/25-26



**MUNICIPAL OFFICE: KENDRAPARA**
ପୌରପାଳିକା କାର୍ଯ୍ୟାଳୟ: କେନ୍ଦ୍ରାପଡ଼ା
E-mail:kendraparamunicipality@gmail.com
Notice No.118/KM, Date:09.01.26
"e" Procurement Notice

**No.C-2037:** Bid documents consisting of work, Estimate Cost, Cost of tender paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.
1. Tender Reference No.EO_KM_03_2025-26.
2. Total No. of Work: 01 to 85 Nos.
3. Estimated Cost: Rs.2,05,380/- to Rs.1,26,94,989/-.
4. Period of Completion: 60 days to 120 days.
5. Date & Time of Bidding: Dt.19.01.26 at 11.00 AM to Dt.03.02.26 at 5.00 P.M.
6. Last Date & Time for receipt of bids in the portal: Dt.03.02.26 at 5.00 P.M.
7. Bids received Online shall be opened on: Dt.04.02.26 at 11.00 AM.
8. Name & Address of the Officer Inviting Bid: Executive Officer, Kendrapara Municipality.

Further details can be seen from the procurement portal i.e. www.tendersorissa.gov.in.
OIPR-
Sd./- Executive Officer, Kendrapara Municipality



**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସୂଚନା ପ୍ରଯୁକ୍ତି ବିଭାଗ
୧୪ତମ ମହଲା, କେନ୍ଦ୍ରୀୟ କାର୍ଯ୍ୟାଳୟ ଭବନ
ଶହୀଦ ଭଗତ ସିଂ ମାର୍ଗ, ଫୋର୍ଟ, ମୁମ୍ବାଇ - ୪୦୦୦୦୧

**ପରିବେଶୀୟ ମଞ୍ଜୁରୀ**

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷ (SEIAA), ଓଡ଼ିଶା ପରିବେଶୀୟ ମଞ୍ଜୁରୀ ଫାଇଲ୍ ସଂ. ୫୨୦୧୧୬/୭୭-ଇନ୍‌ଫ୍ରା୨/୦୧-୨୦୨୫, ତାରିଖ: ଜାନୁଆରୀ ୦୭, ୨୦୨୬ ଜରିଆରେ "ଇଡ୍‌କୋ ପ୍ଲଟ୍ ନଂ. ଏସ୍୫-ଏଚ୍-୦୫, ଇଏମସି ପାର୍କ, ଇନଫୋଭ୍ୟାଲି II, ଯାଆଁଳା, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା ରେ ୧୮.୫୫ ଏକର କ୍ଷେତ୍ରରେ ଆରବିଆଇ ଗ୍ରୀନଫିଲ୍ଡ ଡାଟା ସେଣ୍ଟର ଏବଂ ଉଦ୍ୟୋଗସ୍ତରୀୟ ପ୍ରଶିକ୍ଷଣ ପ୍ରତିଷ୍ଠାନକୁ" ପରିବେଶୀୟ ମଞ୍ଜୁରୀ ପ୍ରଦାନ କରିଛନ୍ତି ।

**ଉପରୋକ୍ତ ପରିବେଶୀୟ ମଞ୍ଜୁରୀ ପତ୍ରର ନକଲ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାରେ ଉପଲବ୍ଧ ଏବଂ ତାହାକୁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC)ର ପରିବେଶ ପୋର୍ଟାଲ୍ ୱେବସାଇଟ୍ (www.parivesh.nic.in) ରେ ମଧ୍ୟ ଦେଖାଯାଇପାରିବ ।**

ସ୍ଥାନ: ମୁମ୍ବାଇ
ପ୍ରଭାରୀ ମୁଖ୍ୟ ମହାପ୍ରବନ୍ଧକ



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, KESINGA**
E_mail:eerwkesinga@yahoo.com
e-Procurement Notice
BID IDENTIFICATION NO.RWKSNG-online-08/25-26

**No.O-2027:**1. Name of Works: Building works & Road Works (As per annexure). 2. Total No. of Work: 18 Nos. 3. Estimated Cost: Rs.1.46 Lakhs to Rs.34.11 lakhs (Approximately). 4. E.M.D.: Please refer DTCN. 5. Cost of Tender Document: As per annexure. 6. Class of Contractor: 'D' 'C' & 'B' Class. 7. Period of Completion: As per annexure. 8. Other Details: As per DTCN.

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division, Kesinga | RWKSNG-online-09/ 25-26 | 13.01.2026 at 11.00 A.M. | 21.01.2026 upto 17.00 P.M. | 19.01.2026 upto 11.00 A.M. | 22.01.2026 at 11.00 A.M. |

Further details can be seen from the Website i.e. www.tenderodisha.gov.in
OIPR-
Sd./- Superintending Engineer, Rural Works Division, Kesinga



**GOVERNMENT OF ODISHA**
**PANCHAYATIRAJ & D.W. DEPARTMENT**
**OFFICE OF THE PANCHAYAT SAMITI, RAGHUNATHPUR**
'e' mail ID: ori-raghunathpur@nic.in
No.i-470
'e' Procurement Notice No. BDO-RPS-02 of 2025-26

| | | |
|---|---|---|
| 1 | Number of the Work | 02 (Two) Nos. |
| 2 | Tender Amount (Approx.) | Rs.23.43 Lakh (Each) |
| 3 | EMD (Online) | Rs.23,500.00 |
| 4 | Tender Paper Cost (Online) (Non-Refundable) | Rs.6,000.00 |
| 5 | Class of Contractor | "C" & "B" Class Contractor |
| 6 | Period of Completion | 06 (Six) Calendar Months |

| Procurement Officer | Bid Identification No. | Availability of Tender | | Last date & time for seeking tender clarification | Date & Time of Opening of BID | Place of Opening of Bid |
|---|---|---|---|---|---|---|
| | | From | To | | | |
| Block Development Officer, Raghunathpur | BDO-RPS-02/2025-26 | 13.01.2026 at 10.00 Hours | 28.01.2026 at 17.30 Hours | 22.01.2026 upto 1.00 P.M. during office hours on working days | 29.01.2026 upto 11.00 AM during office hours | O/o the Panchayat Samiti, Raghunathpur |

Further details can be seen from the Govt. website "https://tendersodisha.gov.in"
All corrigendum/ cancellation of tender if any, will only be uploaded in the above website.
OIPR-
Sd./- BLOCK DEVELOPMENT OFFICER, RAGHUNATHPUR



**DISTRICT PROJECT OFFICE, RTE-SS, JAGATSINGHPUR**
Notice No. 54/2026 Date : 09.01.2026
NOTICE INVITING TENDER (NIT)
**Printing & Supply of Question cum Answer Sheets, Answer Keys, Oral Questions for Summative Assessment -II (SA-II) for Classes-I to IV and VI, VII and Annual Examination for Classes-V& VIII 2026**

Sealed tenders are invited from the reputed & credible printers/ firms / agencies having up to date DIC, TAN/PAN, GST registration certificate for Printing & Supply of Question cum Answer Sheets, Answer Keys, Oral Questions for Summative Assessment -II (SA-II) for Classes-I to IV and VI, VII and Annual Examination for Classes-V& VIII 2026 in respect of all Govt. & Govt. Aided (Primary and Upper Primary schools) of Jagatsinghpur District.

The details are also available in NIC website i.e www.jagatsinghpur.nic.in/http://jagatsinghpur.odisha.gov.in & www.opepa.in.

By Order of Collector-cum-Chairperson, SS, Jagatsinghpur
Sd./- DEO-cum-DPC
SS, Jagatsinghpur

# ୮ଟା ୪୫ରେ ଡିଏନ୍‌କେ ପଡ଼ିଆରେ ପତାକା ଉତ୍ତୋଳନ

**ଉମରକୋଟ, ୧୨।୧ (ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର କୋଣ୍ଡାଗାଁ ରୋଡ୍ ସ୍ଥିତ କଲ୍ୟାଣ ମଣ୍ଡପରେ ଉମରକୋଟ ତହସିଲଦାର ମେଗବାନ ବାଗଙ୍କ ଅଧକ୍ଷତାରେ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପୌରାଧକ୍ଷା ରାଧା ଭତ୍ରା, ଏମ୍ପି ପ୍ରତିନିଧି ରାମ ନାୟକ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ଏସ୍‌ଡିପିଓ ଶୁଭେନ୍ଦୁ ଶବର, ଓକିଲ ସଙ୍ଘ ସଭାପତି ପ୍ରଶାନ୍ତ ସାହୁ, ପୂର୍ବତନ ନଗରପାଳ ଖାଡ଼େଶ୍ୱର ମହାନ୍ତି, ପୌରାଞ୍ଚଳର ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ପୋଲିସ, ଅଗ୍ନିଶମ ବିଭାଗ, ପୌର କର୍ମଚାରୀଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ସାଧାରଣତନ୍ତ୍ର ଦିବସକୁ ଶୃଙ୍ଖଳାର ସହ ପାଳନ କରାଯିବା ନେଇ ଅଧିକାରୀଙ୍କଠାରୁ ମତାମତ ନିଆଯାଇଥିଲା।

ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ଉପଜିଲାପାଳ ସକାଳ ୮ଟା ୪୫ରେ ଡିଏନ୍‌କେ ଖେଳ ପଡ଼ିଆରେ ପତାକା ଉତ୍ତୋଳନ କରିବେ। ପୌରାଞ୍ଚଳର ଅଧ୍ୟ ଅଫିସ ଓ ସ୍କୁଲଗୁଡ଼ିକ ୭ଟା୩୦ ସୁଦ୍ଧା ପତାକା ଉତ୍ତୋଳନ କାର୍ଯ୍ୟ ସାରିବାକୁ ନିଷ୍ପତ୍ତି ହୋଇଛି।

ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଡିଏନକେ କ୍ଲବ, ଉତ୍କଳ କଳା ସଂସଦ ଦାୟିତ୍ୱ ତୁଲାଇବେ। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଉମରକୋଟ ପୋଲିସ ନଜର ରଖିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସଫେଇ ପାଇଁ ପୌର କାର୍ଯ୍ୟାଳୟକୁ ଦାୟିତ୍ୱ ଦିଆଯାଇଛି। ୨୧, ୨୨ ଓ ୨୪ ତାରିଖ ଦିନ ପଡ଼ିଆରେ ପରେଡ ଅଭ୍ୟାସ କରାଯିବ। ମୋଟ ୨୨ ଟ୍ରୁପ ପରେଡରେ ସାମିଲ ହେବେ। ଯଦି କୌଣସି ଟ୍ରୁପ ବିଶୃଙ୍ଖଳା କଲେ ସେହି ବିଦ୍ୟାଳୟକୁ ଏକ ବର୍ଷ ପାଇଁ କାର୍ଯ୍ୟକ୍ରମରୁ ବାଦ ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆ ଯାଇଥିଲା। ୧୬ରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବକ୍ତୃତା, ୧୭ରେ ସଦାଶିବ ସୁକୁମାର ଉଚ୍ଚ ବିଦ୍ୟାଳୟରେ ଚିତ୍ରାଙ୍କନ, ୧୯ରେ ଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାଳୟରେ ସଙ୍ଗୀତ ଓ ୨୦ରେ ବିଜୁ ପଟ୍ଟନାୟକ ମହିଳା ବିଦ୍ୟାଳୟରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜାନୁଆରୀ ୧୮ରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। ପ୍ରତ୍ୟେକ ବିଦ୍ୟାଳୟରୁ ଗୋଟିଏ ଦଳ ହିଁ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଭାଗ ନେଇପାରିବେ ବୋଲି ନିଷ୍ପତ୍ତି ନିଆ ଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ଚିତ୍ତରଞ୍ଜନ ପାତ୍ର, ମନୋଜ ନାୟକ, ଏସ୍‌ଆଇ ସୌମେନ୍ଦ୍ର ସେଠ, ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ, ବରିଷ୍ଠ ରାଜସ୍ୱ ସହାୟକ ରବୀନ୍ଦ୍ର କୁମାର ସାହୁ, କନିଷ୍ଠ ରାଜସ୍ୱ ସହାୟକ ପ୍ରକାଶ ଚନ୍ଦ୍ର ମିଶ୍ର, ଗୁଲୁ ସାହୁ, ଅଶୋକ ଓଙ୍ଗରି, ବ୍ରଜମୋହନ କାଣ୍ଡି, ଚନ୍ଦନା ମଲ୍ଲିକ, ଅମରେଶ ମହାନ୍ତି, ପ୍ରଶାନ୍ତ ଘୋଷଙ୍କ ସହ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଉପସ୍ଥିତ ଥିଲେ। ରାଜସ୍ୱ ନିରୀକ୍ଷକ ରାଜେଶ ଦେଓରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ**
- ପରେଡରେ ଭାଗନେବେ ୨୨ ଟ୍ରୁପ୍
- ବିଶୃଙ୍ଖଳା କଲେ ବର୍ଷେ ପାଇଁ କାର୍ଯ୍ୟକ୍ରମରୁ ବାଦ୍

# ରାସ୍ତା ନିର୍ମାଣ ପ୍ରତିବାଦରେ ରାସ୍ତାରୋକୋ



ଜନପ୍ରତିନିଧି, ସାହିବାସିନ୍ଦା ଓ ଅନ୍ୟମାନେ ରାସ୍ତାରୋକୋ କରିଛନ୍ତି।

**ନବରଙ୍ଗପୁର, ୧୨।୧ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ସହରର ୨୬ ନମ୍ବର ଜାତୀୟ ରାଜପଥରୁ ନୂଆବନ୍ଧ ସାହି ହନୁମାନ ମନ୍ଦିର ଛକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହେଉନାହିଁ। କୋର୍ଟ, କଲେଜ, ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ, ମେଡିକାଲ ଆଦି ଯିବାକୁ ଏହି ନୁଆବନ୍ଧ ସାହି ରାସ୍ତା ବ୍ୟବହାର ହେଉଛି। କିନ୍ତୁ ବାରମ୍ବାର ଦାବି ସତ୍ତ୍ୱେ ଏହି ରାସ୍ତା ନିର୍ମାଣ ହେଉ ନ ଥିବାରୁ ସୋମବାର ସାହି ବାସିନ୍ଦା ଓ ଜନସାଧାରଣ ରାସ୍ତାରେ ବ୍ୟାନର ବାନ୍ଧି ଅବରୋଧ କରିଥିଲେ। ସ୍ଥାନୀୟ କାଉନସିଲର ଏମ୍. ମୂରଲୀ କ୍ରିଷ୍ଣାଙ୍କ ସହ ଏମ.ମୁରଲୀ କ୍ରିଷ୍ଣା, ପି.ଭାସ୍କର, ନଳିନୀ ପଟ୍ଟନାୟକ, ମଦନ ମୋହନ ପାତ୍ର, ନାରାୟଣ ପଣ୍ଡା, ଉମା ପାତ୍ର, ଅସିତ୍ ଦେଓ, ସାନୁଜ ପାତ୍ର, ରୁନା ବିଧାର, ଲାଲୁ ନନ୍ଦ, କାମେଶ୍ୱେ ରାଓ, ଭିକି ପାତ୍ର, ଜଗା ପାଢ଼ି, ତାପସ ପାତ୍ର, ବୁନୁ ବେବର୍ତ୍ତା, ବିବେକା ପାତ୍ର, ନିଲୁ ପାତ୍ର, ଗୌରାଙ୍ଗ ପାଢ଼ୀ, କଲମ ସାହୁ, ଗୋପାଳ ମିଶ୍ର, ଫକୀର, ସଞ୍ଜୀବ ବେବର୍ତ୍ତା, ନରସିଂହ ପାଢ଼ୀ ପ୍ରମୁଖ ସାହି ବାସିନ୍ଦା ଧାରଣା ଦେଇଥିଲେ। ବ୍ୟସ୍ତବହୁଳ ରାସ୍ତା ଓ ଡ୍ରେନ ନିର୍ମାଣ ସମ୍ପୂର୍ଣ୍ଣ ନ ହେବାରୁ ଧୂଳିଧୂସର ରାସ୍ତାପାଇଁ ଜନ ସାଧାରଣ ହନ୍ତସନ୍ତ ହେଉଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆନଯିବାରୁ ବାଧ୍ୟହୋଇ ରାସ୍ତା ଅବରୋଧ କରାଯାଇଥିବା ସେମାନେ କହିଛନ୍ତି। ପୂର୍ବାହ୍ନ ୧୦ ଟାରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ନିର୍ବାଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଲିଖିତ ପ୍ରତିଶ୍ରୁତି ଦେବାପାଇଁ ଆନ୍ଦୋଳନକାରୀ ଅଡ଼ି ବସିଥିଲେ। ଫେବୃଆରୀ ୨୦ ସୁଦ୍ଧା ସାହି ରାସ୍ତା ଓ ନାଳ ନିର୍ମାଣ ଶେଷ କରିବାକୁ କରିବାକୁ ଯନ୍ତ୍ରୀଦ୍ୱୟ ଲିଖିତ ଭାବେ ଦେବାପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଛି।

# ବାଲି ଚାଲାଣକାରୀ, ସହଯୋଗୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ନବରଙ୍ଗପୁର, ୧୨।୧ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲାର କୋଷାଗୁମୁଡ଼ା ବ୍ଲକରେ ଅବୈଧ ବାଲି ଖନନ ଓ ଚାଲାଣ କରାଯାଉଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସୋମବାର ସାମାଜିକ କର୍ମୀ ସୁଭାଶିଷ ପଟ୍ଟନାୟକ କୋଷାଗୁମୁଡ଼ା ବ୍ଲକରେ ହୋଇଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି। ତୁରନ୍ତ ତଦନ୍ତ କରି ବାଲି ମାଫିଆ ଓ ଚାଲାଣବେଳେ ସେମାନଙ୍କୁ ସହଯୋଗ କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଉପଜିଲାପାଳ ପ୍ରକାଶ କୁମାର ମିଶ୍ର କୋଡିଙ୍ଗା ତହସିଲଦାର ତୁଳା ମୁଦୁଲିଙ୍କୁ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଶୁଭାଶିଷଙ୍କ ଅଭିଯୋଗ ଅନୁଯାୟୀ, କିଛିସପ୍ତାହ ପୂର୍ବରୁ (ସିଜି-୧୭ଏଚ୍-୨୩୫୬) ନମ୍ବର ବିଶିଷ୍ଟ ଏକ ଟିପ୍ପର୍ ଓ ଏକ ଏକ୍ସକାଭେଟର୍ ବାଲିଖନନ ସହ ଚାଲାଣ ପାଇଁ ପ୍ରସ୍ତୁତ କରୁଥିବାବେଳେ ଧରାପଡ଼ିଥିଲା। ଘଟଣା ସମ୍ପର୍କିତ ଭିଡିଓ ଫୁଟେଜ୍ ମଧ୍ୟ ଆସିଥିଲା। ନିୟମାନୁସାରେ ଏହି ଗାଡ଼ି ଓ ଯନ୍ତ୍ରପାତି ଉପରେ କଠୋର ଆଇନଗତ ପଦକ୍ଷେପ ଓ ନ୍ୟାୟିକ ପ୍ରକ୍ରିୟା ହେବା କଥା। କିନ୍ତୁ କେବଳ ୫୦ ହଜାର ଟଙ୍କା ଜରିମାନା ଆଦାୟ କରି ତାହାକୁ ଛାଡ଼ି ଦିଆଯାଇଛି ବୋଲି ଅଭିଯୋଗ କରିଥିଲେ। ଉକ୍ତ ଟିପ୍ପର୍‌ଟି ପଡ଼ୋଶୀ ଛତିଶଗଡ଼ର ଓ ୧୦ ବର୍ଷରୁ ଅଧିକ ପୁରୁଣା ବୋଲି କୁହାଯାଉଛି। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଧରିବା ବେଳେ ଉକ୍ତ ଟିପ୍ପର ପାଖରେ କୌଣସି ବୈଧ ଦଲିଲପତ୍ର ମଧ୍ୟ ନଥିଲା। ତେବେ କାହାର ଚାପରେ ଓ କେଉଁ ପରିସ୍ଥିତିରେ ଏତେ ସହଜରେ ଗାଡ଼ି ଛଡ଼ା ଗଲା ତାହାର ଯାଞ୍ଚ କରିବାକୁ ଶୁଭାଶିଷ ଦାବି କରିଛନ୍ତି।

# ୫ ଅଭିଯୋଗର ସମାଧାନ, ହିତାଧିକାରୀଙ୍କୁ ସହାୟତା



ସହାୟତା ପାଇଥିବା ହିତାଧିକାରୀଙ୍କ ସହ ଅଧିକାରୀମାନେ।

**କୋଷାଗୁମୁଡ଼ା, ୧୨।୧ (ପ୍ରସାଦ ବିଷୋୟୀ)**

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଏସ୍‌ପି ମଡକର ସନ୍ଦୀପ ସମ୍ପଦଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ବ୍ଲକ ଅଧ୍ୟକ୍ଷା ସର୍ବେଶ୍ୱରି ମାଝୀ, ସିଡିଏମ୍‌ଓ ଡ ମଳୟ ପ୍ରଧାନଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୩୦ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୯ ବ୍ୟକ୍ତିଗତ ଓ ୧୧ଟି ସାମୁହିକ ସମସ୍ୟା ଥିଲା। ୫ ଅଭିଯୋଗର ସମାଧାନ ତତକ୍ଷଣାତ କରାଯାଇଥିଲା। ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଚିହ୍ନଟ ଦିବ୍ୟାଙ୍ଗମାନଙ୍କୁ ୧୧ଟି ହୁଇଲ ଚେୟାର, ୭ ଜଣ ଅଙ୍ଗହୀନ ଦିବ୍ୟାଙ୍ଗଙ୍କୁ କୃତିମ ଅଙ୍ଗ ପ୍ରଦାନ ନିମନ୍ତେ ମଞ୍ଜୁରୀ ଦିଆଯାଇଛି।

# କୋଡ଼ିଙ୍ଗା ନବନିର୍ମିତ ବସ୍‌ଷ୍ଟାଣ୍ଡ ଲୋକାର୍ପିତ



କୋଡ଼ିଙ୍ଗାରେ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ ଅବସରରେ ଡାବୁଗାଁ ବିଧାୟକ ଓ ଅନ୍ୟ ଅତିଥିମାନେ।

**କୋଡ଼ିଙ୍ଗା, ୧୨।୧ (ସମରେନ୍ଦ୍ର ପଟ୍ଟନାୟକ)**

ନବରଙ୍ଗପୁର ଜିଲା କୋଡ଼ିଙ୍ଗାରେ ନୂତନ ଭାବେ ନିର୍ମିତ ବସ ଷ୍ଟାଣ୍ଡକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭର୍ଚ୍ଚୁଆଲରେ ଉଦ୍‌ଘାଟନ କରିଛନ୍ତି। ୯ କୋଟି ୩୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ବସ ଷ୍ଟାଣ୍ଡକୁ ଅଟଳ ବସ ଷ୍ଟାଣ୍ଡ ଭାବେ ନାମିତ କରାଯାଇଛି। କୋଡ଼ିଙ୍ଗାରେ ବସ୍‌ଷ୍ଟାଣ୍ଡ ଉଦ୍‌ଘାୟନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ମହେଶ୍ୱର ସ୍ୱାଇଁ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝି, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, କୋଷାଗୁମୁଡ଼ା ବିଡିଓ ଆଶିଷ ତ୍ରିପାଠୀ, ଜିଲା ଭାଜପା ସଭାପତି କୁଞ୍ଜ ବିହାରୀ ଦାସ, ପୂର୍ବତନ ନବରଙ୍ଗପୁର ଏମ୍‌ପି ପର୍ଶୁରାମ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବଗୋଷ୍ଠୀ ଦେଶର ମେରୁଦଣ୍ଡ

**କୋଡ଼ିଙ୍ଗା, ୧୨।୧ (ସମରେନ୍ଦ୍ର ପଟ୍ଟନାୟକ)**

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗାସ୍ଥିତ ରାଜ ଚଉରିଆ ଉଚ୍ଚ ବିଦ୍ୟାଳୟରେ ନବରଙ୍ଗପୁର ସ୍ଥିତ ଏନ୍‌ଏସ୍‌ଏସ୍ ଓ ୱାଇଆର୍‌ସି ପକ୍ଷରୁ ସ୍ୱାମି ବିବେକାନନ୍ଦଙ୍କ ଜନ୍ମ ଜୟନ୍ତୀ ତଥା ଯୁବ ଦିବସ ସୋମବାର ପାଳିତ ହୋଇଛି। ସ୍କୁଲ ଉପାଧ୍ୟକ୍ଷ ବିବେକ କୁମାର ମହଲ୍ଲିକ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ସାମାଜିକ କର୍ମୀ ବିଶ୍ୱ ମୋହନ ତ୍ରିପାଠୀ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଯୁବ ଗୋଷ୍ଠୀ ଦେଶର ମେରୁଦଣ୍ଡ। ସେମାନଙ୍କୁ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସୁନାଗରିକ ହେବାକୁ ଆହ୍ୱାନ ଦେଇଥିଲେ। ଏଥିରେ ଓଡିଆ ବିଭାଗର ଅଧ୍ୟାପକ ଡ ରବି ନାରାୟଣ ପାଣିଗ୍ରହୀ, ୱାଇଆର୍‌ସି ସଂଯୋଜକ ଅଖିଳ ଭଞ୍ଜ, ପ୍ରଦୀପ ସାମନ୍ତ, ସୀମାଞ୍ଚଳ ପଟ୍ଟନାୟକ ସସ୍ମିତା ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଡ ରବି ନାରାୟଣ ପାଣିଗ୍ରହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ଘଟଣାରେ ଜଣେ ମୃତ, ୧ ଗୁରୁତର

**ଡାବୁଗାଁ, ୧୨।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକସ୍ଥିତ ଜୟଗୁରୁ ମନ୍ଦିର ନିକଟରେ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି। ସେ ହେଲେ ଉମରକୋଟ ଥାନା ଅଧୀନ ଭିକ୍ଷା ଗ୍ରାମର ଗଣେଶ ଭତ୍ରା (୨୮)।

ସୂଚନାନୁଯାୟୀ, ଉମରକୋଟ ଅଞ୍ଚଳର ଏକ ଫାଇନାନ୍ସ କମ୍ପାନୀରେ ଗଣେଶ ଓ ରାଇଘର ଥାନା ଅଞ୍ଚଳର ହରେଶ ହରିଜନ କାମ କରୁଥିଲେ। ସେମାନେ ରବିବାର ବାଇକ୍ (ସିଜି-୨୭କେ-୩୨୮୫)ରେ ଇନ୍ଦ୍ରାବତୀ ଯାଇ ଫେରିବାବେଳେ ରତି ପ୍ରାୟ ୧୧ଟାରେ ଜୟଗୁରୁ ମନ୍ଦିର ନିକଟରେ ଦୁର୍ଘଟଣା ଘଟିଥିଲା। ଗଣେଶ ଓ ହରେଶଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଗଣେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ହରେଶଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମୃତକଙ୍କ ବାପା ବୁଦ୍ଧୁ ଭତ୍ରା ସୋମବାର ଡାବୁଗାଁ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଏତଲା ଆଧାରରେ ଥାନା ଏଏସ୍‌ଆଇ ଗୋପାଳକୃଷ୍ଣ ହାଲୱା ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ ସହ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନା କେସ ନଂ ୭/୨୬ ରେ ଏକ ମାମଲା ରୁଜୁ ହୋଇଛି।

# ୧୪ରୁ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ କଂଗ୍ରେସର ଧାରଣା

**ନବରଙ୍ଗପୁର, ୧୨।୧ (ସଦାଶିବ ପ୍ରହରାଜ)**

**ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ନାମ ପରିବର୍ତ୍ତନର ପ୍ରତିବାଦ**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଇବାକୁ କେନ୍ଦ୍ର ସରକାର ଚକ୍ରାନ୍ତ କରୁଥିବା ନବରଙ୍ଗପୁର ଜିଲା କଂଗ୍ରେସ ଅଭିଯାଗ କରିଛି। ସୋମବାର ଜିଲା କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ଏହା ପ୍ରତିବାଦରେ ଆସନ୍ତା ୧୪ରେ ସହରରେ ଥିବା ମହାତ୍ମା ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ଦଳ ପକ୍ଷରୁ ଧାରଣା ଦିଆଯିବ। ଏହାପରେ ମଧ୍ୟ ସରକାରଙ୍କ ନିଦ ନ ଭାଙ୍ଗିଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କାରାଯିବ ବୋଲି ଖବରଦାତା ସମ୍ମିଳନିରେ ଜିଲା କଂଗ୍ରେସ କମିଟି ସଭାନେତ୍ରୀ ଡା. ଲିପିକା ମାଝୀ ଚେତାବନୀ ଦେଇଛନ୍ତି।

ନବରଙ୍ଗପୁର ଜିଲା କଂଗ୍ରେସ କମିଟି ସଭାନେତ୍ରୀ ଡା. ଲିପିକା ମାଝୀ ଓ ପୂର୍ବତନ ସଭାପତି ମୁନା ତ୍ରିପାଠୀ ଏହି ଖବରଦାତା ସମ୍ମିଳନୀରେ କେନ୍ଦ୍ର ସରକାରଙ୍କ ଏହା ହୀନ ମାନସିକତା କହି ସମାଲୋଚନା କରିଥିଲେ। ମହାତ୍ମାଙ୍କ ନାମ ହଟାଇବା ଦେଶବାସୀଙ୍କ ଭାବାବେଗ ପ୍ରତି କୁଠାରାଘାତ ବୋଲି ସେମାନେ କହିଛନ୍ତି। କେବଳ ନାମ ପରିବର୍ତ୍ତନ ନୁହେଁ ଯୋଜନାର ମୂଳରୁ ଶୀର୍ଷ ପର୍ଯ୍ୟନ୍ତ ବହୁ ପରିବର୍ତ୍ତନ ଆଣିବାସହ ଦେବାସୀଙ୍କ ସ୍ୱାର୍ଥ ବଦଳରେ ନିଜ ଦଳର ସ୍ୱାର୍ଥ ଚରିତାର୍ଥ କରିବାପାଇଁ ଅପପ୍ରୟାସ କରିଛନ୍ତି। ଯାହା ଅକ୍ଷମଣୀୟ ବୋଲି ସେମାନେ କହିଛନ୍ତି। ଏହି ଯୋଜନାରେ ଦିନ ମଜୁରିଆଙ୍କୁ ବାର୍ଷିକ ରୋଜଗାର ମିଳୁଥିଲା। ସ୍ଥାନୀୟ ଶ୍ରମିକମାନେ ନିଜ ଅଞ୍ଚଳରେ କର୍ମସଂସ୍ଥାନ ପାଇବାଦ୍ୱାରା ଦାଦନ ସମସ୍ୟା ସମାଧାନ ହେଉଥିଲା। ତେବେ ଶ୍ରମିକଙ୍କ ସମସ୍ୟାକୁ ଗୁରୁତ୍ୱ ବଦଳରେ କେନ୍ଦ୍ର ସରକାର ମହାତ୍ମା ଗାନ୍ଧୀଙ୍କ ନାମ ପରିବର୍ତ୍ତନ କରିବା ଗ୍ରହଣୀୟ ନୁହେଁ ବୋଲି ଲିପିକା ମାଝୀ କହିଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଯେଉଁଭଳି ସମ୍ମାନ ପ୍ରଦର୍ଶନ କରାଯାଉଥିଲା ବର୍ତ୍ତମାନର ଭାଜପା ସରକାର ସେହି ପୋଥିରେ ଡୋରୀ ବାନ୍ଧିବାସହ ଯୋଜନାର ନାମ ପରିବର୍ତ୍ତନ ବାହାନାରେ ମହାତ୍ମାଙ୍କ ପ୍ରତି ଚରମ ଅବହେଳା ପ୍ରଦର୍ଶନ କରିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ମଣ୍ଡିରେ ଚାଷୀ ଲୁଣ୍ଠିତ ହେଉଥିବା ବେଳେ ରାଜ୍ୟ ଓ କେନ୍ଦ୍ର ସରକାର କାମ ବଦଳରେ ନାମ ପରିବର୍ତ୍ତନ ରାଜନୀତିରେ ବ୍ୟସ୍ତ ରହିଛନ୍ତି। ଯାହାକୁ କଂଗ୍ରେସ ବରଦାସ୍ତ କରିବନାହିଁ ଓ ସାରା ଦେଶରେ ଏଭଳି ହୀନ ମାନସିକତାର ପର୍ଦ୍ଦାଫାଶ କରିବ ବୋଲି ଚେତାବନୀ ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ସାହୁ, ତୁଫାନ ଷଡ଼ଙ୍ଗୀ, ଗଣେଶ ପଟ୍ଟନାୟକ, ଏ. ଶିବରାମ ରାଜୁ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତାମାନେ।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ
ଭୁବନେଶ୍ୱର – 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹ 31,08,600/- ଟଙ୍କା ଆନୁମାନିକ ମୂଲ୍ୟ ରେ ନିଜର ଷ୍ଟାଫ କ୍ୱାଟର୍ସ, ବରମୁଣ୍ଡା, ଭୁବନେଶ୍ୱର, ଓଡ଼ିଶାରେ ବ୍ଲକ ଜି, ଏଚ୍, ଆଇ, ଜେ, କେ, ଏଲ୍ (ଚତୁର୍ଥ ଶ୍ରେଣୀ) ର ବାହ୍ୟ ମରାମତି ଏବଂ ପୁନଃ ପେଣ୍ଟିଂ କାର୍ଯ୍ୟ ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି 75 ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ 28 ଜାନୁଆରୀ, 2026 ଅପରାହ୍ନ 02:00 ଟା ଅଟେ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।

 କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. ST-OT-HIRING-VEHICLE-532, ତା.06.01.2026ରିଖ

**କାର୍ଯ୍ୟର ନାମ :** 30 ମାସ ଅବଧି ନିମନ୍ତେ ସିଗ୍ନାଲିଙ୍ଗ୍ ପରିସମ୍ପତ୍ତି (Asset)ଗୁଡ଼ିକର ରକ୍ଷଣାବେକ୍ଷଣ, ବ୍ରେକ୍‌ଡାଉନ୍ ସ୍ଥଳରେ ଉପସ୍ଥିତ (Attending Breakdown) ହେବା ଏବଂ ଯାତ୍ରା ସମୟରେ ଅଟକ (En-route Detention)କୁ ଦୂର କରିବା ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର (ସଙ୍କେତ)/ବାଲୁଗାଁ, ସିନିୟର ସେକ୍ସନ ଇଂଜିନିୟର (ସଙ୍କେତ)/ବ୍ରହ୍ମପୁର ଅଧିନରେ ସିଗ୍ନାଲିଙ୍ଗ୍ କର୍ମଚାରୀ ତଥା ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ ଦିନରାତି ଚାଳକ ସହିତ TATA 207-DI କିମ୍ବା ଅନୁରୂପ ଦୁଇ ଗୋଟି ବହୁ ଉପଯୋଗିତା ବିଶିଷ୍ଟ ସଡ଼କ ଗାଡ଼ି ଭଡ଼ା ସୂତ୍ରରେ ନେବା।

ଟେଣ୍ଡର ମୂଲ୍ୟ : ₹ 35,40,000.00, EMD : ₹ 70,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 3,540/-

ବିଡ୍ ଆରମ୍ଭ ହେବା ତାରିଖ : ତା.14.01.2026ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.01.2026ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡରର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-993/Q/25-26

**MUNICIPAL OFFICE: KENDRAPARA**
**ପୌରପାଳିକା କାର୍ଯ୍ୟାଳୟ: କେନ୍ଦ୍ରାପଡ଼ା**
E-mail:kendraparamunicipality@gmail.com
Notice No.118/KM, Date:09.01.26
**"e" Procurement Notice**

**No.C-2037:** Bid documents consisting of work, Estimate Cost, Cost of tender paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.
1. Tender Reference No.EO_KM_03_2025-26.
2. Total No. of Work: 01 to 85 Nos.
3. Estimated Cost: Rs.2,05,380/- to Rs.1,26,94,989/-.
4. Period of Completion: 60 days to 120 days.
5. Date & Time of Bidding: Dt.19.01.26 at 11.00 AM to Dt.03.02.26 at 5.00 P.M.
6. Last Date & Time for receipt of bids in the portal: Dt.03.02.26 at 5.00 P.M.
7. Bids received Online shall be opened on: Dt.04.02.26 at 11.00 AM.
8. Name & Address of the Officer Inviting Bid: Executive Officer, Kendrapara Municipality.

Further details can be seen from the procurement portal i.e. www.tendersorissa.gov.in.
OIPR-
Sd./- Executive Officer, Kendrapara Municipality

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସୂଚନା ପ୍ରଯୁକ୍ତି ବିଭାଗ
୧୪ତମ ମହଲା, କେନ୍ଦ୍ରୀୟ କାର୍ଯ୍ୟାଳୟ ଭବନ
ଶହୀଦ ଭଗତ ସିଂ ମାର୍ଗ, ଫୋର୍ଟ, ମୁମ୍ବାଇ - ୪୦୦୦୦୧

**ପରିବେଶୀୟ ମଞ୍ଜୁରୀ**

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷ (SEIAA), ଓଡ଼ିଶା ପରିବେଶୀୟ ମଞ୍ଜୁରୀ ଫାଇଲ୍ ସଂ. ୫୨୦୧୧୬/୭୭-ଇନ୍‌ଫ୍ରା୨/୦୧-୨୦୨୫, ତାରିଖ: ଜାନୁଆରୀ ୦୭, ୨୦୨୬ ଜରିଆରେ ''ଇଡ୍‌କୋ ପ୍ଲଟ୍ ନଂ. ଏସ୍‌୫-ଏଚ୍-୦୫, ଇଏମସି ପାର୍କ, ଇନଫୋଭ୍ୟାଲି II, ଯାଆଁଳା, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା ରେ ୧୮.୫୫ ଏକର କ୍ଷେତ୍ରରେ ଆରବିଆଇ ଗ୍ରୀନଫିଲ୍ଡ ଡାଟା ସେଣ୍ଟର ଏବଂ ଉଦ୍ୟୋଗସ୍ତରୀୟ ପ୍ରଶିକ୍ଷଣ ପ୍ରତିଷ୍ଠାନକୁ'' ପରିବେଶୀୟ ମଞ୍ଜୁରୀ ପ୍ରଦାନ କରିଛନ୍ତି।

**ଉପରୋକ୍ତ ପରିବେଶୀୟ ମଞ୍ଜୁରୀ ପତ୍ରର ନକଲ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାରେ ଉପଲବ୍ଧ ଏବଂ ତାହାକୁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC)ର ପରିବେଶ ପୋର୍ଟାଲ୍ ୱେବସାଇଟ୍ (www.parivesh.nic.in) ରେ ମଧ୍ୟ ଦେଖାଯାଇପାରିବ।**

ସ୍ଥାନ: ମୁମ୍ବାଇ — ପ୍ରଭାରୀ ମୁଖ୍ୟ ମହାପ୍ରବନ୍ଧକ

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, KESINGA**
E_mail:eerwkesinga@yahoo.com
**e-Procurement Notice**
**BID IDENTIFICATION NO.RWKSNG-online-08/25-26**

**No.O-2027:**1. Name of Works: Building works & Road Works (As per annexure). 2. Total No. of Work: 18 Nos. 3. Estimated Cost: Rs.1.46 Lakhs to Rs.34.11 lakhs (Approximately). 4. E.M.D.: Please refer DTCN. 5. Cost of Tender Document: As per annexure. 6. Class of Contractor: 'D' 'C' & 'B' Class. 7. Period of Completion: As per annexure. 8. Other Details: As per DTCN.

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division, Kesinga | RWKSNG-online-09/ 25-26 | 13.01.2026 at 11.00 A.M. | 21.01.2026 upto 17.00 P.M. | 19.01.2026 upto 11.00 A.M. | 22.01.2026 at 11.00 A.M. |

Further details can be seen from the Website i.e. www.tenderodisha.gov.in
OIPR-
Sd./- Superintending Engineer, Rural Works Division, Kesinga

**GOVERNMENT OF ODISHA**
**PANCHAYATIRAJ & D.W. DEPARTMENT**
**OFFICE OF THE PANCHAYAT SAMITI, RAGHUNATHPUR**
'e' mail ID: ori-raghunathpur@nic.in
No.i-470
'e' Procurement Notice No. BDO-RPS-02 of 2025-26

| | | |
|---|---|---|
| 1 | Number of the Work | 02 (Two) Nos. |
| 2 | Tender Amount (Approx.) | Rs.23.43 Lakh (Each) |
| 3 | EMD (Online) | Rs.23,500.00 |
| 4 | Tender Paper Cost (Online) (Non-Refundable) | Rs.6,000.00 |
| 5 | Class of Contractor | "C" & "B" Class Contractor |
| 6 | Period of Completion | 06 (Six) Calendar Months |

| Procurement Officer | Bid Identification No. | Availability of Tender | | Last date & time for seeking tender clarification | Date & Time of Opening of BID | Place of Opening of Bid |
|---|---|---|---|---|---|---|
| | | From | To | | | |
| Block Development Officer, Raghunathpur | BDO-RPS-02/2025-26 | 13.01.2026 at 10.00 Hours | 28.01.2026 at 17.30 Hours | 22.01.2026 upto 1.00 P.M. during office hours on working days | 29.01.2026 upto 11.00 AM during office hours | O/o the Panchayat Samiti, Raghunathpur |

Further details can be seen from the Govt. website "https://tendersodisha.gov.in"
All corrigendum/ cancellation of tender if any, will only be uploaded in the above website.
OIPR-
Sd./- BLOCK DEVELOPMENT OFFICER, RAGHUNATHPUR

**DISTRICT PROJECT OFFICE, RTE-SS, JAGATSINGHPUR**
Notice No. 54/2026 Date : 09.01.2026
**NOTICE INVITING TENDER (NIT)**
**Printing & Supply of Question cum Answer Sheets, Answer Keys, Oral Questions for Summative Assessment -II (SA-II) for Classes-I to IV and VI, VII and Annual Examination for Classes-V& VIII 2026**

Sealed tenders are invited from the reputed & credible printers/ firms / agencies having up to date DIC, TAN/PAN, GST registration certificate for Printing & Supply of Question cum Answer Sheets, Answer Keys, Oral Questions for Summative Assessment -II (SA-II) for Classes-I to IV and VI, VII and Annual Examination for Classes-V& VIII 2026 in respect of all Govt. & Govt. Aided (Primary and Upper Primary schools) of Jagatsinghpur District.

The details are also available in NIC website i.e www.jagatsinghpur.nic.in/http://jagatsinghpur.odisha.gov.in & www.opepa.in.

By Order of Collector-cum-Chairperson, SS, Jagatsinghpur
Sd./- DEO-cum-DPC
SS, Jagatsinghpur

# ସ୍ୱଦେଶୀ ବିଚାରଧାରା ପହଞ୍ଚାଇବା ଲକ୍ଷ୍ୟ

କୋରାପୁଟ,୧୨।୧(ଅମିତାଭ ବେହେରା)



କାର୍ଯ୍ୟକ୍ରମରେ ଅତିଥିମାନେ ସ୍ୱଦେଶୀ ସଂକଳ୍ପ କରୁଛନ୍ତି।

## ସ୍ୱଦେଶୀ ସଂକଳ୍ପ ଦୌଡ଼, ସ୍ୱଦେଶୀ ସଂକଳ୍ପ ଯାତ୍ରା ରଥ ଶୁଭାରମ୍ଭ

କୋରାପୁଟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ସ୍ୱଦେଶୀ ଜାଗରଣ ମଞ୍ଚ ତତ୍ତ୍ୱାବଧାନରେ ସ୍ୱଦେଶୀ ସଂକଳ୍ପ ଦୌଡ଼ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭାରତକୁ ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ଭାବେ ଆତ୍ମନିର୍ଭର କରିବା ଓ ସ୍ୱଦେଶୀ ବିଚାର ଧାରାକୁ ଜନମାନସରେ ପହଞ୍ଚାଇବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ମୁଖ୍ୟ ଅତିଥି କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ ସବୁଜ ପତାକା ଦେଖାଇ ଦୌଡର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ କୋରାପୁଟ ନଗରପାଳ ଲଲାଟ ରଞ୍ଜନ ସେଠୀ, ସରକାରୀ ଡିଏଭି ମହାବିଦ୍ୟାଳୟ ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକ ଯୋଗଦେଇଥିଲେ। କୋରାପୁଟ ଷ୍ଟାଡିୟମରୁ ଗଣଦୌଡ଼ ଆରମ୍ଭ ହୋଇ ପୂଜାରିପୁଟ, ଜଗନ୍ନାଥ ମନ୍ଦିର ଛକ ପୋଷ୍ଟ ଅଫିସ ଛକ, ସିନେମା ହଲ, ଦକ୍ଷତା ବିକାଶ ତାଲିମ କେନ୍ଦ୍ର ଦେଇ ହାଇସ୍କୁଲ ପଡିଆରେ ପହଞ୍ଚିଥିଲା। ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ହାଇସ୍କୁଲ ପଡିଆରେ ବିଧାୟକ ରଘୁରାମ ମାଛ ଦୈନନ୍ଦିନ ଜୀବନରେ ସ୍ୱଦେଶୀ ଅପଣାଇବାକୁ ସମସ୍ତଙ୍କୁ ସ୍ୱଦେଶୀ ସଂକଳ୍ପ କରାଇଥିଲେ। ଏହି ଦୌଡ଼ କେବଳ ଏକ ଶାରୀରିକ ଗତିବିଧି ନୁହେଁ ବରଂ ସ୍ୱଦେଶୀ ଆପଣାଇ ଆତ୍ମନିର୍ଭର ଭାରତ ଗଠନ କରିବା ତଥା ରାଷ୍ଟ୍ରହିତ ପ୍ରତି ସଂକଳ୍ପର ଏକ ପ୍ରତୀକ ବୋଲି ସ୍ୱଦେଶୀ ଜାଗରଣ ମଞ୍ଚ ରାଜ୍ୟ ସହ ସଂଯୋଜକ ମନୋରଞ୍ଜନ ରାଉତରାୟ କହିଥିଲେ। କୋରାପୁଟ ଉଚ୍ଚ ବିଦ୍ୟାଳୟ ପଡିଆରୁ ସ୍ୱଦେଶୀ ସଂକଳ୍ପ ଯାତ୍ରା ରଥକୁ ବିଧାୟକ ମାଛ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ଦକ୍ଷିଣ-ପଶ୍ଚିମ ଓଡ଼ିଶାର ୧୪ ଜିଲା ବୁଲି ସ୍ୱଦେଶୀ ସନ୍ଦେଶ ପ୍ରଚାର କରିବ ବୋଲି ଆୟୋଜକ କହିଛନ୍ତି। ମଞ୍ଚର ରବି ନାରାୟଣ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ସଂଯୋଜକ ମୃତ୍ୟୁଞ୍ଜୟ ଶତପଥୀ ଧନ୍ୟବାଦ ଦେଇଥିଲେ।

# ୬୪ ଅଭିଯୋଗ ଶୁଣିଲେ ଅତିରିକ୍ତ ଜିଲାପାଳ

ବନ୍ଧୁଗାଁ,୧୨।୧(ବେଣୁଧର ଲାବାଲା)

କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ ସଭାଗୃହରେ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ ତପନ କୁମାର ନାଏକ ୬୪ ଅଭିଯୋଗ ଶୁଣିଥିଲେ। ସେଥିରୁ ୪୯ ଗୋଷ୍ଠୀଗତ ଓ ୨୪ ବ୍ୟକ୍ତିଗତ ଅଭିଯୋଗ ଥିଲା। ସ୍ଥାନୀୟ ବିଡିଓ ମିନତୀ ଜଗଦେବଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଭାଗର ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ସଦର ପଞ୍ଚାୟତର କୁଞ୍ଜେରୀ, ତକଡ଼ାବାରି ଓ କୁମୁଟିଝରଣା ଗାଁକୁ ରାସ୍ତା ନିର୍ମାଣ, ପିଇବା ପାଣି ଟ୍ୟାଙ୍କି ନିର୍ମାଣ ହେବା ସତ୍ତ୍ୱେ ପାଣି ଆସୁ ନ ଥିବା, କିଛି ଅର୍ଦ୍ଧନିର୍ମିତ ପାଣି ଟାଙ୍କି ସମ୍ପୂର୍ଣ୍ଣ କରିବା ଆଦି ଅଭିଯୋଗ ହୋଇଥିଲା। ଲୋକେ ଜମିପଟ୍ଟା, ଘରଡ଼ିହ ପଟ୍ଟା, ଜଙ୍ଗଲ ଜମି ପଟ୍ଟା, ଜମି ବନ୍ଧକ ଓ ଚେକ ଡେମ ନିର୍ମାଣ ସହ ବ୍ଲକର କିଛି ଉନ୍ନତିମୂଳକ କାର୍ଯ୍ୟ ଶେଷ ହୋଇଥିଲେ ସୁଦ୍ଧା ଯନ୍ତ୍ରୀ ସ୍ଥାନୀୟ ସରପଞ୍ଚମାନଙ୍କ ଫୋନ ନ ଉଠାଉ ଥିବା ଗୋଷ୍ଠୀଗତ ଅଭିଯୋଗ ହୋଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ ସରିଥିଲେ ସୁଦ୍ଧା ଏଯାଏ ଟଙ୍କା ନ ପାଇବା ଓ ଶେଷ ବିଲ ଟଙ୍କା ପାଇ ନ ଥିବା ବ୍ୟକ୍ତଗତ ଅଭିଯୋଗ କରିଥିଲେ। ଶିବିରରେ ଅତିରିକ୍ତ ଏସ୍‌ପି, ଆଇଟିଡିଏ ପ୍ରୋଜେକ୍ଟ ଏଡମିଷ୍ଟେଟର ସ୍ନେହପ୍ରଭା ମାଝି, ତହସିଲଦାର ସୋନାଲି ପାତ୍ର, ଡିପିଓ ଯୁଗଳ କିଶୋର ନାଏକ, ଡିଁଓ ଅର୍ଜୁନ ନାଏକ, ସିଡିପିଓ ଗୀତାଞ୍ଜଳୀ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତସ୍ତରୀୟ ଜନଶୁଣାଣି: ୬ ଅଭିଯୋଗ ପଞ୍ଜୀକୃତ

ନନ୍ଦପୁର,୧୨।୧(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ପ୍ରଶାସନ ପକ୍ଷରୁ ହିକିମପୁଟ ପଞ୍ଚାୟତ କାର୍ଯ୍ୟାଳୟ ବୈଠକ ଗୃହରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖିଲୁଆ ଗ୍ରାମବାସୀ ୩ ମାସ ହେବ ଗ୍ରାମର ଅଚଳ ସୌରଚାଳିତ ପାନୀୟ ଜଳ ପ୍ରକଳ୍ପର ମରାମତି ନେଇ କର୍ତ୍ତୃପକ୍ଷ ପଦକ୍ଷେପ ନେଉ ନ ଥିବାରୁ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଲୁଜିଙ୍ଗ ଗ୍ରାମବାସୀ ପାନୀୟଜଳ କଷ୍ଟ ନେଇ ଅଭିଯୋଗ କରିଥିଲେ। ହିକିମପୁଟ ପଞ୍ଚାୟତ ସଦର ମହକୁମାରେ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ, ସରବାପୁଟ ପ୍ରାଥମିକ ବିଦ୍ୟାଳୟର ସୁରକ୍ଷା ପାଚେରି ନିର୍ମାଣ, ଖିଲୁଆ ପ୍ରାଥମିକ ବିଦ୍ୟାଳୟ ମରାମତି ଓ ଅଲେଖଗୁଡ଼ା ଗ୍ରାମରେ ଏକ ଭାଗବତ ଟୁଙ୍ଗି ନିର୍ମାଣ କରିବା ଆଦି ୬ ସମସ୍ୟା ସମ୍ବଳିତ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଶିବିରରେ ବିଡିଓ ଦୁର୍ଗାପ୍ରସାଦ ଦୋରା, ସରପଞ୍ଚ ଯମୁନା ବଡ଼ନାୟକ, ସମିତିସଭ୍ୟ ପ୍ରମିଳା ସୀସା ସମସ୍ତ ୱାର୍ଡ ସଭ୍ୟ, ସିଡିପିଓ ମିନତୀବାଳା ପଟ୍ଟନାୟକ, ଡା. ବିଶନାଥ ସାହୁ, ସହକାରୀ ଶିକ୍ଷାଧିକାରୀ ଗୁରୁନାଥ ମାଝୀ ଓ ବ୍ଲକ୍‌ର କାର୍ଯ୍ୟରତ ସମସ୍ତ ସହଯୋଗୀ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ୬ ଅଭିଯୋଗ ପଞ୍ଜୀକୃତ କରାଯାଇଛି। ଜିଲା ପ୍ରଶାସନ ଓ ସହଯୋଗୀ ବିଭାଗର ଅଧିକାରୀଙ୍କ ସହ ଆଲୋଚନାକରି ସମସ୍ୟାଗୁଡ଼ିକ ସମାଧାନ କରାଯିବ ବୋଲି ବିଡିଓ ଦୋରା ସୂଚନା ଦେଇଛନ୍ତି।

# ଭର୍ଚୁଆଲରେ ଲମତାପୁଟ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନକଲେ ମୁଖ୍ୟମନ୍ତ୍ରୀ

କୋରାପୁଟ/ଲମତାପୁଟ,୧୨।୧
(ଅମିତାଭ ବେହେରା/ଭକ୍ତରାମ ବାଙ୍କିଆ)



କୋରାପୁଟ ଜିଲା ଲମତାପୁଟରେ ଅଟଳ ବସ୍‌ଷ୍ଟାଣ୍ଡ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସି ମାଧ୍ୟମରେ ସୋମବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ୧.୨ ଏକର ବିସ୍ତୃତ ଏହି ବସ୍‌ଷ୍ଟାଣ୍ଡରେ ଅତ୍ୟାଧୁନିକ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ରହିଛି। ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ବସିବା ବ୍ୟବସ୍ଥା,ଉଭୟ ମହିଳା ଓ ପୁରୁଷଙ୍କ ପାଇଁ ଶୌଚାଳୟ ବ୍ୟବସ୍ଥା ରହିଛି। ଏଣ୍ଟ୍ରି ଓ ବାହାରିବା ପାଇଁ ୨ ଅଲଗା ଗେଟ୍, ୨ ଟିକେଟ କାଉଣ୍ଟର, ଅଫିସର ଚ୍ୟାମ୍ବର, ମିଶନ ଶକ୍ତି କାଫେ, ଗାଡ଼ି ଡ୍ରାଇଭର ଓ କଣ୍ଡକ୍ଟରଙ୍କ ବିଶ୍ରାମ ଗୃହ ରହିଛି। ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସିସିଟିଭି ବ୍ୟବସ୍ଥା ସହ ପାର୍କିଂ ବ୍ୟବସ୍ଥା କରାଯାଇଛି। ବସ୍‌ଷ୍ଟାଣ୍ଡ ଯୋଗୁ ପ୍ରାୟ ୫୦ହଜାର ଲୋକ ସୁବିଧା ପାଇବେ। ୧୧୭ ଗ୍ରାମ, ୧୧ ପଞ୍ଚାୟତବାସୀ ଉପକୃତ ହେବେ। କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ୨ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଲମତାପୁଟ ପଞ୍ଚାୟତ ଅଧ୍ୟକ୍ଷ ତାପସ କୁମାର ଚାଲାଣ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ବେଣୁଧର ଶବର, ବିଡିଓ ଜୟନ୍ତ କୁମାର ମେହେର, ତହସିଲଦାର ଦିବାକର ବାଘ, ଆଞ୍ଚଳିକ ପରିହନ ଅଧିକାରୀ ରାଜେଶ ମାରାଣ୍ଡି, ଜିଲା ପରିବହନ ବିଭାଗର ପରିଚାଳକ ଅରଶ୍ରୀ ସାହୁ, ସହାୟକ ପରିଚାଳକ ପ୍ରକାଶ କୁମାର ନାୟକ ଓ ବ୍ଲକ୍ ସୁପରଭାଇଜର ସୁଦୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କୋରାପୁଟ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଧାରାଣୀ ସରକାର ମଞ୍ଚ ପରିଚାଳନା କରିଥିଲେ।

# ପରିତ୍ୟକ୍ତ କୂଅରୁ ହରିଣ ଛୁଆ ଉଦ୍ଧାର

ନନ୍ଦପୁର,୧୨।୧
(ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ ମାଳି ବେଲଗାଁ ପଞ୍ଚାୟତ ଖୁଜେଲ ଗ୍ରାମର ପ୍ରାୟ ୨୦ ଫୁଟ ଗଭୀର ପରିତ୍ୟକ୍ତ କୂଅରୁ ଏକ ହରିଣ ଛୁଆ ଉଦ୍ଧାର ହୋଇଛି। ଖୁଜେଲ ଗାଁର ମହେଶ ଖିଲ, ମହାଦେବ ଖେମୁଣ୍ଡୁ, ଅର୍ଜୁନ ମାଣ୍ଡି, ଧନୁର୍ଯ୍ୟାୟ ଖେମୁଣ୍ଡୁ, ଖଗେଶ ମୁଦୁଲି, ଜୀବନ ମୁଦୁଲି ଓ ଲକ୍ଷ୍ମଣ ଖିଲ ହରିଣର ଆର୍ତ୍ତନାଦ ଶୁଣି ସୁରକ୍ଷିତ ଭାବେ ଉଦ୍ଧାର କରି ନନ୍ଦପୁର ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚି ସାମାନ୍ୟ ଆହତ ଥିବା ହରିଣ ଛୁଆକୁ ନେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସୁସ୍ଥ ହେବା ପରେ ସନ୍ଧ୍ୟାରେ ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦିଆଯାଇଛି। ଗ୍ରାମବାସୀଙ୍କ ସହଯୋଗ ପ୍ରଶଂସନୀୟ ବୋଲି ବନପାଳ ଗୋପୀନାଥ ପାଙ୍ଗି କହିଛନ୍ତି।

# ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

କୋରୁକୋଣ୍ଡା,୧୨।୧
(ଶିବଦତ୍ତ ସାହୁ )


ମୃତ ପ୍ରଣବ କିଶୋର ଖାଡେଙ୍ଗା।

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ବାଲିମେଲା-ଜୟପୁର ମୁଖ୍ୟ ରାସ୍ତାର ଚିତାପାରି ୩ ଗ୍ରାମ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲିମେଳା ସହରର ଡ୍ରଗ ଲାଇନ ଆଖଣ୍ଡଳମଣି ମନ୍ଦିର ଲାଇନର ପ୍ରଣବ କିଶୋର ଖାଡେଙ୍ଗା (୨୨)। ପ୍ରଣବ ରବିବାର ସନ୍ଧ୍ୟାରେ ବାଇକ୍‌ରେ ଆସୁଥିବାବେଳେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ସୁରକ୍ଷା ପାଚେରୀକୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସ୍ୱାସ୍ଥ୍ୟ ଅବସ୍ଥାରେ କୌଣସି ସୁଧାର ନ ହେବାରୁ ଡାକ୍ତର ତାଙ୍କୁ ଆମ୍ବୁଲାନ୍ସ ଯୋଗେ କୋରାପୁଟ ସହୀଦ ଲକ୍ଷଣ ନାୟକ ହସ୍ପିଟାଲକୁ ପଠାଇଥିଲେ। ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏ ନେଇ ଯୁବକଙ୍କ ମାମୁ କାର୍ତ୍ତିକେଶ୍ୱର ପଣ୍ଡା ଓର୍କେଲ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏ ନେଇ କେସ ନମ୍ବର ୧୩/୨୬ରେ ଏକ ମାମଲା ରୁଜୁ କରିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମାଲକାନଗିରି ମେଡିକାଲକୁ ପଠାଇଥିଲେ। ସୋମବାର ମୃତକଙ୍କ ପରିବାରକୁ ଶବ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଇଣ୍ଟର କଲେଜ ଟେପିନ ହିଟ ଭଲିବଲ୍ ଟୁର୍ନାମେଣ୍ଟ

କୋଟପାଡ଼,୧୨।୧(କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ମହାବିଦ୍ୟାଳୟ ପରିସରରେ ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟଳୟ ଆନୁକୂଲ୍ୟରେ ପ୍ରଥମ ଟେପିନ ହିଟ ଭଲିବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟନ ହୋଇଛି। ଏଥିରେ ୧୪ ମହାବିଦ୍ୟାଳୟର ଖେଳାଳିଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ରୁପୁ ଭତ୍ରା, ବିକ୍ରମଦେବ ବିଦ୍ୟାଳୟ ସ୍ପୋଟସ୍ କାଉନସିଲର ବି.ପି. ସିଂହ, ଏମ୍‌ପି ପ୍ରତିନିଧି ରାମେଶ୍ୱର ଜେନା, ବିନାୟକ ଆଚାର୍ଯ୍ୟ ଯୋଗଦେଇଥିଲେ। ପ୍ରଥମ ଗ୍ରୁପରୁ ସେମିଫାଇନାଲରେ ଜୟପୁର ଡିଏଭି କଲେଜ ଓ ରାୟଗଡ଼ା ଅଟୋ କଲେଜ ମଧ୍ୟରେ ଖେଳାଯାଇଥିଲା। ଦ୍ୱିତୀୟ ସେମିଫାଇନାଲରେ ଜୟପୁର ବିକ୍ରମଦେବ ଓ କୋରାପୁଟ ଡିଏଭି ଟିଚର ଏଜୁକେଶନ ମଧ୍ୟରେ ମଙ୍ଗଳବାର ଖେଳାଯିବ। ଟୁର୍ନାମେଣ୍ଟରେ କୋଟପାଡ଼ କଲେଜ ଅଧ୍ୟକ୍ଷ ଶେଷାନନ୍ଦ ମିଶ୍ର, କୋଚ ମନୋରଞ୍ଜନ ଦାସ, ମାଳବିକା ପଟ୍ଟନାୟକ, ଆକାଶ ପତି, ବିନାୟକ ଭତ୍ରା, ହେମନ୍ତ ଦଳାଇ ଓ ଇନ୍ଦ୍ରା ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ଅଭିଯୋଗର ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ

ସୁନାବେଡ଼ା/ସେମିଳିଗୁଡ଼ା,୧୨।୧
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡା ବ୍ଲକ୍ ସୁବାଇ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଏସ୍‌ଏସ୍‌ଓ ଟି.ଶୁରଭିଙ୍କ ଅଧ୍ୟକ୍ଷତାରେ ୭ ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରେ ମୋବାଇଲ ଟାୱାର, ଭତ୍ତା, ସ୍କୁଲ ଗୃହ ମରାମତି ଓ କେନାଲ ମରାମତି ଓ ବିଭିନ୍ନ ଉନ୍ନୟନ ସମସ୍ୟା ରହିଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗୀୟ ଅଧିକାରୀ ଓ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଅଭିଯୋଗଗୁଡିକର ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଶିବିରରେ ବିପିସି ପେଶା ପ୍ରମୋଦ ଖିଲ, ପିଇଓ ସନ୍ଦୀପ ମହାପାତ୍ର, ଏଇ ବିସ୍ମିତା ନାୟକ, ଏମ୍‌ଆଇ ଅଶୋକ କୁମାର ସାହୁ, ଉଦ୍ୟାନ ବିଭାଗ ବିଶ୍ୱପ୍ରଭା ସାମଲ, କୃଷି ବିଭାଗ ଜ୍ୟୋତ୍ସ୍ନା ନାୟକ, ବନ ବିଭାଗ ଧବଳେଶ୍ୱର ସାହୁ, ବିପିଏ ସୁନୀଲ ଗର, ଆଇସିଡିଏସ୍ ସୁପରଭାଇଜର ଅନୁପମା ଖୁଣ୍ଟିଆ, ଏଏନ୍‌ଏମ୍ ଅଞ୍ଜନା ନାୟକ, ସରପଞ୍ଚ ହେମଲତା ପାଙ୍ଗୀ, ନାଏବ ସରପଞ୍ଚ ଅଭିମନ୍ୟୁ ପାତ୍ର, ସମିତିସଭ୍ୟା ସଞ୍ଜୁ ସେନାପତି ଉପସ୍ଥିତ ଥିଲେ। ଶିବିରରେ ପଞ୍ଚାୟତ ଅଧିନ ଭିତର ସୁବାଇରେ ମୋବାଇଲ ଟାୱାର ସ୍ଥାପନ ପାଇଁ ଗ୍ରାମବାସୀ ନିବେଦନ କରିଥିଲେ। ୪ ମାସ ହେବ ଭତ୍ତା ଟଙ୍କା ତାଙ୍କ ଖାତାକୁ ନ ଆସିବାକୁ ନେଇ ଦିବ୍ୟାଙ୍ଗ ଗଣେଶ ଖାଲପାଡିଆ ଅଭିଯୋଗ କରିଥିଲେ। ଲୁହାବାହା ଗାଁରେ ସ୍କୁଲ ଘର ମରାମତି, ଗୁଲେଲ ଗାଁ କେନାଲ ମରାମତିକୁ ନେଇ ଗ୍ରାମବାସୀ ଅଭିଯୋଗ ଆଣିଥିଲେ।

# ଏଟିଏମ୍‌ରୁ ଚୋରି ଅଭିଯୋଗ

ଜୟପୁର,୧୨।୧(ପବନ ପାଣିଗ୍ରାହୀ)

ଜୟପୁର ରାଜନଅର ଛକସ୍ଥିତ ଏଟିଏମରୁ ଟଙ୍କା ଚୋରି ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ୯ ତାରିଖରେ ବୀଣାପାଣି ମିଶ୍ର ନାମକ ଜଣେ ବୃକ୍ତି ଟଙ୍କା ଉଠାଇବାକୁ ଏଟିଏମ୍ ଭିତରକୁ ଯାଇଥିଲେ। ତାଙ୍କ ପଛରେ ଥିବା ଜଣେ ବ୍ୟକ୍ତି ଏଟିଏମ ଛଡାଇ ନେଇ ଅନ୍ୟ ଏକ ଏଟିଏମ ଦେଇଥିଲେ। ଏଟିଏମରୁ ୧୦ହଜାର ଟଙ୍କା ଉଠାଯାଇଥିବା ନେଇ ମେସେଜ ଆସିବାରୁ ବୀଣାପାଣି ଏଟିଏମ୍ ଯାଞ୍ଚ କରିଥିଲେ। ଏଟିଏମ ବଦଳିଯାଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ।

# ଜେସିବି ଚାଳକଙ୍କୁ ଆକ୍ରମଣ ସହ ଲୁଟ୍ ଘଟଣା: ଜଣେ ଗିରଫ

ନନ୍ଦପୁର,୧୨।୧(ତୁଷାର କାନ୍ତ ମହାନ୍ତି)


ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୂଚନା ଦେଉଛନ୍ତି।

କୋରାପୁଟ ଜିଲା ନନ୍ଦପୁର ପୋଲିସ ରାଣୀଡୁଡୁମା-ସରବତି ରାସ୍ତାରେ ଜଣେ ଜେସିପି ଚାଳକଙ୍କୁ ଆକ୍ରମଣ ସହ ମୋବାଇଲ ଓ ପର୍ଶ ଲୁଟ୍ ମାମଲାରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରାଯାଇଥିବା ନନ୍ଦପୁର ଏସ୍‌ଡିପିଓ ଦେବେନ୍ଦ ମଲ୍ଲିକ ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ମାଲକାନଗିରିସ୍ଥିତ ବାଲ ସୁଧାର ଗୃହକୁ ପଠାଯାଇଛି। ଅଭିଯୁକ୍ତ ହେଲେ ମାଙ୍ଗଲିଗୁଡ଼ା ଗ୍ରାମର ସୁନୀଲ ଖିଲ।

ସୂଚନାନୁଯାୟୀ, ୨୮।୧୨।୨୦୨୫ ଜେସିପି ଚାଳକ ବଳଭଦ୍ର ହନ୍ତାଳ ଓ ହେଲ୍ପର ବିଜୟ ଗୁଣ୍ଠା ନନ୍ଦପୁରରେ କାମ ସାରି ବାଇକ୍ ଯୋଗେ ମେଶିନ ନିକଟକୁ ଫେରୁଥିଲେ। ରାଣୀଡୁଡୁମା-ସରବତି ଘାଟିରେ ଏକ ନମ୍ବର ବିହୀନ ବାଇକ୍‌ରେ ୩ ମୁଖାପିନ୍ଧା ଦୁର୍ବୃତ୍ତ ସେମାନଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ଏଥିରେ ବଳଭଦ୍ର ଗୁରୁତର ହୋଇଥିଲେ। ହେଲ୍ପର ଜଙ୍ଗଲ ଭିତରକୁ ଦୌଡ଼ି ପଳାଇଥିଲେ। ଦୁର୍ବୃତ୍ତମାନେ ବଳଭଦ୍ରଙ୍କଠାରୁ ୩ ମୋବାଇଲ ଓ ପର୍ଶ ନେଇଯାଇଥିଲେ। ଏ ନେଇ ବିଜୟ ନନ୍ଦପୁର ପୋଲିସକୁ ସୂଚନା ଦେଇଥିଲେ। ନନ୍ଦପୁର ଥାନାଧିକାରୀ ମମତା ପଣ୍ଡା ଓ ଟିମ୍ ବଳଭଦ୍ରଙ୍କୁ ଉଦ୍ଧାର କରି ପ୍ରଥମେ ନନ୍ଦପୁର ଓ ପରେ କୋରାପୁଟ ଏସଏଲଏନଏମସି ସ୍ଥାନାନ୍ତର କରିଥିଲେ। ବଳଭଦ୍ରଙ୍କ ଆଖିରେ ଆଘାତ ଲାଗିଥିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ବଳଭଦ୍ରଙ୍କ ବାପା ନନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୭୧/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ସୁନିଲ, ନାବାଳକ ଓ ସେମିଳିଗୁଡ଼ାର ଅନ୍ୟ ଜଣେ ସମ୍ପୃକ୍ତ ଥିବା ଜଣାପଡିଥିଲା। ଅଭିଯୁକ୍ତଙ୍କଠାରୁ ନମ୍ବର୍ ବିହୀନ ବାଇକ, ମାରଣାସ୍ତ୍ର ଓ ୩ ମୋବାଇଲ ଜବତ କରିଥିଲା। ଘଟଣାର ମୁଖ୍ୟ ଅଭିଯୁକ୍ତ ଫେରାର ରହିଛନ୍ତି। ପୋଲିସ ଅଭଯୁକ୍ତଙ୍କୁ ପଚରାଉଚରା କରିବାରୁ ଘଟଣାକୁ ନେଇ ସ୍ୱୀକାର କରିଥିଲେ। ବଳଭଦ୍ର ଗୋଟିଏ ଆଖି ହରାଇଥିବା ଏସ୍‌ଡିପିଓ ମଲ୍ଲିକ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଥାନାଧିକାରୀ ମମତା ପଣ୍ଡା, ଏଏସଆଇ ଜୟ ପ୍ରଧାନ ଓ ପ୍ରତ୍ୟୁଷ ପଟେଲ ଉପସ୍ଥିତ ଥିଲେ।

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
ଢେଙ୍କାନାଳ ମୁଖ୍ୟ ଶାଖା
ମୀନା ବଜାର, ଜଗନ୍ନାଥ ରୋଡ୍, ସା/ପୋ./ଜିଲ୍ଲା: ଢେଙ୍କାନାଳ-୭୫୯୦୦୧, ଇମେଲ୍ : ubin0554057@unionbankofindia.bank

ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ମୁଖ୍ୟ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ. ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) **ଶ୍ରୀ ବାବୁଲି ବେହେରା,** ପିତା: ଶ୍ରୀ ସୁର ବେହେରା, ୨) **ଶ୍ରୀମତୀ କଳ୍ପନା ବେହେରା,** ସ୍ୱାମୀ: ଶ୍ରୀ ବାବୁଲି ବେହେରା, ଉଭୟଙ୍କ ଠିକଣା- ସା: ଚାଇଁପୁର ପଟଣା, ପୋ: ଗଦାଶିଳା, ଢେଙ୍କାନାଳ ସଦର, ପିନ୍ - ୭୫୯୦୨୫ | ୩୦.୦୯.୨୦୨୫ ସୁଦ୍ଧା ଟ.୪,୭୪,୬୫୧.୮୩ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୧୪.୦୨.୨୦୨୩ / ୦୭.୦୧.୨୦୨୬ | **ଶ୍ରୀ ବାବୁଲି ବେହେରା,** ପିତା: ଶ୍ରୀ ସୁର ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୦୧/୨୪୯, ମ୍ୟୁଟେସନ୍ ଖାତା ନଂ.: ୨୦/୭୦, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, ମୌଜା: ଚାଇଁପୁର ପଟଣା, ତହସିଲ: ଢେଙ୍କାନାଳ ସଦର, ଥାନା: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଦିବାକର ସାହୁ, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୯୮, ପଶ୍ଚିମ: ରାସ୍ତା |

ସ୍ଥାନ: ଢେଙ୍କାନାଳ, ତାରିଖ: ୧୨.୦୧.୨୦୨୬
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

କ୍ଷେତ୍ରୀୟ କାର୍ଯ୍ୟାଳୟ : ବାଲେଶ୍ୱର
ମାଣିଖମ୍ବ, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧
ଇମେଲ୍: crld.robalasore@unionbankofindia.bank, ମୋ.: ୮୯୨୮୯୧୭୪୧୧

ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଜଣାଇଦିଆଯାଉଛିଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ ଗଠନାତ୍ମକ/ସାଙ୍କେତିକ/ଭୌତିକ ଦଖଲ ନେଇ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା୨୮.୦୧.୨୦୨୬ରିଖରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଜାମିନ୍‌ଦାରମାନେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା ମଧ୍ୟ ନିମ୍ନରେ ପ୍ରଦାନ କରାଗଲା।

**ବାମିନିପାଳ ଶାଖା, ଜିଲ୍ଲା: କେନ୍ଦୁଝର, ଫୋନ୍ ନଂ.: ୭୯୭୯୦୬୪୯୧୦, ଇମେଲ: ubin0807541@unionbankofindia.bank**

| ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| **ଋଣଗ୍ରହୀତା: ଶ୍ରୀମତୀ କଳ୍ପନା ସାହୁ,** ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ରାଉତ, ସା: ମଝିପାଳ, ପୋ: ଅଶ୍ୱସ୍ତପାଳ, ଥାନା: ଟମକା, ଯାଜପୁର, ପିନ୍-୭୫୫୦୧୯ / **ସହ-ଆବେଦନକାରୀ ଏବଂ ଜାମିନ୍‌ଦାର: ଶ୍ରୀ ରାଜେନ୍ଦ୍ର କୁମାର ପଲେଇ,** ପିତା: ଜଟେଶ୍ୱର ପଲେଇ, ସା/ଗ୍ରାମ: କଳବଗପାଟିଆ, ପୋ: ଅଶ୍ୱସ୍ତପାଳ, ଥାନା: ଟମକା, ଯାଜପୁର, ପିନ୍-୭୫୫୦୧୯ | ୧୨.୦୧.୨୦୨୬ ସୁଦ୍ଧା ଟ.୭,୪୮,୮୮୪.୧୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ.-୧: ଶ୍ରୀମତୀ କଳ୍ପନା ସାହୁ,** ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ରାଉତଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୮୧/୪, ପ୍ଲଟ୍ ନଂ.:୨୬୪, କ୍ଷେତ୍ର: ଏକର୦.୩୯ଡିସିମିଲି, କିସମ: ଘରବାରି, ମୌଜା: ମଝିପାଳ, ତହସିଲ: ଦାନଗଦି, ଥାନା: ଟମକା, ଯାଜପୁର, ଏହାର ଚରିପାର୍ଶ୍ୱରେ- ପୂର୍ବ: କୁଳମଣି ରାଉତ, ପଶ୍ଚିମ: ନଦୀ ବନ୍ଧ, ଉତ୍ତର: ରଙ୍ଗନାଥ ସାହୁ, ଦକ୍ଷିଣ: ଅନାବାଦୀ
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୭,୧୧,୨୨୦.୫୦ / ଅମାନତ ଜମା ରାଶି: ଟ.୭୧,୧୨୨.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୦,୦୦୦.୦୦**

**ଭଦ୍ରକ ମୁଖ୍ୟ ଶାଖା, ଜିଲ୍ଲା: ଭଦ୍ରକ, ଫୋନ୍ ନଂ.: ୭୬୮୪୯୧୪୪୫୩, ଇମେଲ: ubin0538591@unionbankofindia.bank**

| ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| **ଋଣଗ୍ରହୀତା: ମେସର୍ସ ମେଟାଲ ମ୍ୟାନେଜମେଣ୍ଟ ସଲ୍ୟୁସନ୍ ପ୍ରା. ଲି଼.,** ସ୍ପେସ୍-ଏ, ପ୍ରଥମ ମହଲା, ବ୍ଲକ୍ ନଂ.-ଏ, କ୍ରିଷ୍ଣା ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର, ପିନ୍-୭୫୧୦୧୨ / **ଜାମିନ୍‌ଦାରମାନେ: ୧) ଶ୍ରୀ ନିର୍ମଳ କୁମାର ଝା,** ଫ୍ଲାଟ୍ ନଂ.: ଏ୯, ୩ୟ ମହଲା, ଲର୍ଡ ଗୁଞ୍ଜନ ପ୍ୟାଲେସ୍, ବମିଖାଲ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୦୧, **୨) ଶ୍ରୀମତୀ ଉର୍ମିଳା ପରିଡା,** ସ୍ୱାମୀ: ବଟକୃଷ୍ଣ ପରିଡା, ୱାର୍ଡ ନଂ.: ୨୨, କଟକ ମ୍ୟୁନିସିପାଲିଟି କର୍ପୋରେସନ୍, ସାମନ୍ତ ସାହି, ମଙ୍ଗଳାବାଗ, ପୋ: ବକ୍ସିବଜାର, ଜିଲ୍ଲା: କଟକ-୭୫୩୦୦୧, **୩) ଶ୍ରୀ ବିଜୟ କୁମାର ଶତପଥି,** ପିତା: ମହେଶ୍ୱର ଶତପଥି, **୪) ଶ୍ରୀ ଜୟକୃଷ୍ଣ ଶତପଥି,** ପିତା: ମହେଶ୍ୱର ଶତପଥି, ଉଭୟଙ୍କ ଠିକଣା- ସା: ସ୍ପେସ୍-ଏ, ପ୍ରଥମ ମହଲା, ବ୍ଲକ୍ ନଂ.: ଏ, କ୍ରିଷ୍ଣା ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨ | ୧୨.୦୧.୨୦୨୬ ସୁଦ୍ଧା ଟ.୮,୦୩,୪୨୮.୯୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ.-୨: ଉର୍ମିଳା ପରିଡାଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୨୩, କ୍ଷେତ୍ର: ଏକର୦.୦୨୭ଡିସିମିଲି ଏବଂ ପ୍ଲଟ୍ ନଂ.: ୧୨୪, କ୍ଷେତ୍ର: ଏକର୦.୨୨୧ଡିସିମିଲି ରୁ ଏକର୦.୦୯୭ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୨୪୮ଡିସିମିଲିରୁ ଏକର୦.୧୨୪ଡିସିମିଲି,** ଖାତା ନଂ.: ୪୫, ଅନୁରୂପ ସାବକ ପ୍ଲଟ୍ ନଂ.: ୨୭୨ ଏବଂ ଖାତା ନଂ.: ୮୪, ମୌଜା: ଭୁବନେଶ୍ୱର ସହର, ୟୁନିଟ୍ ନଂ.: ୩୧, ଲକ୍ଷ୍ମୀସାଗର, ଥାନା: ନିୟୁ କ୍ୟାପିଟାଲ, ଥାନା ନଂ.: ୪୮, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, କିସମ: ଘରବାରି, ଏହାର ଚରିପାର୍ଶ୍ୱରେ- ଉତ୍ତର: ଅର୍ଜୁନ ଗରାବଡୁ, ଦକ୍ଷିଣ: ଗୋପାଳ ଚନ୍ଦ୍ର ପଟ୍ଟନାୟକ, ପୂର୍ବ: ଦଇ ସାହୁ, ପଶ୍ଚିମ: ମୁଖ୍ୟ ରାସ୍ତା
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧,୬୫,୨୮,୫୯୦/- / ଅମାନତ ଜମା: ଟ.୧୬,୫୨,୮୫୯/- / ବିଡ୍ ବୃଦ୍ଧି ରାଶି: ଟ.୧,୬୫,୨୮୬/-**

**ଯାଜପୁର ରୋଡ୍ ମୁଖ୍ୟ ଶାଖା, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ଫୋନ୍ ନଂ.: ୮୧୨୫୬୬୪୪୪୫, ଇମେଲ: ubin0802751@unionbankofindia.bank**

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| **ଋଣଗ୍ରହୀତା: ଶ୍ରୀ ଅଭୟ କୁମାର ପରିଡା,** ପିତା: ୰ ନୃସିଂହ ଚରଣ ପରିଡା, ସା/ପୋ: ବରୁଣ୍ଡେଇ, ଥାନା: କୋରେଇ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୨୫/ **ସହ-ଆବେଦନକାରୀ ଏବଂ ଜାମିନ୍‌ଦାରମାନେ: ୧) ଶ୍ରୀମତୀ ବିକାସିନୀ ପରିଡା,** ସ୍ୱାମୀ: ଅଭୟ କୁମାର ପରିଡା, ସା/ପୋ: ବରୁଣ୍ଡେଇ, ଥାନା: କୋରେଇ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୨୫, **୨) ଶ୍ରୀ କେଶବ ଚନ୍ଦ୍ର ସାହୁ,** ପିତା: ଭଗବାନ ସାହୁ, ସା: ତାରାକୋଟ, ପୋ: ବରୁଣ୍ଡେଇ, ଥାନା: କୋରେଇ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୨୫ | ୧୨.୦୧.୨୦୨୬ ସୁଦ୍ଧା ଟ.୧୧,୧୭,୯୮୧.୦୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |

**ସମ୍ପତ୍ତିର ନଂ.-୩: ଶ୍ରୀ ଅଭୟ କୁମାର ପରିଡା,** ପିତା: ୰ ନୃସିଂହ ଚରଣ ପରିଡାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୩୧, ପ୍ଲଟ୍ ନଂ.: ୫୮୦/୧୧୬୪, କ୍ଷେତ୍ର: ଏକର୦.୦୭୦ଡିସିମିଲି, କିସମ: ଘରବାରି, ଅନୁରୂପ ସାବକ ଖାତା (୧) ଖାତା ନଂ.: ୫୯, ପ୍ଲଟ୍ ନଂ.: ୧୦୬(ଅଂଶ), କ୍ଷେତ୍ର: ଏକର୦.୦୩୬ ଡିସିମିଲି, (୨) ଖାତା ନଂ.: ୬, ପ୍ଲଟ୍ ନଂ.: ୧୦୫(ଅଂଶ), କ୍ଷେତ୍ର: ଏକର୦.୦୦୬ ଡିସିମିଲି, (୩) ଖାତା ନଂ.: ୫୯, ପ୍ଲଟ୍ ନଂ.: ୧୦୬(ଅଂଶ), କ୍ଷେତ୍ର: ଏକର୦.୦୨୮ ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୦୭୦ ଡିସିମିଲି, ମୌଜା: ତୋଲିପୁର, ତହସିଲ: ବ୍ୟାସନଗର, ଥାନା: କୋରେଇ, ଥାନା ନଂ. ୪୩୬, ଜିଲ୍ଲା: ଯାଜପୁର, ଏହାର ଚରିପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ପ୍ରହଲ୍ଲାଦ ପରିଡା, ଉତ୍ତର: ପ୍ରହଲ୍ଲାଦ ପରିଡା, ଦକ୍ଷିଣ: ନୃସିଂହ ଚରଣ ପରିଡା
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୬୩,୧୫,୮୪୦/- / ଅମାନତ ଜମା: ଟ.୬,୩୧,୫୮୪/- / ବିଡ୍ ବୃଦ୍ଧି ରାଶି: ଟ.୬୩,୧୫୮/-**

**କଲେଜ ରୋଡ୍ ଶାଖା, ଭଦ୍ରକ, ଜିଲ୍ଲା: ଭଦ୍ରକ, ଫୋନ୍ ନଂ.: ୭୩୮୧୭୮୨୯୬୯, ଇମେଲ: ubin0818127@unionbankofindia.bank**

| ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| **ଋଣଗ୍ରହୀତା: ଶ୍ରୀ ସୁରେନ୍ଦ୍ର ସାହୁ,** ପିତା: ୰ ଅର୍ଜୁନ ଚରଣ ସାହୁ / **ସହ-ଋଣଗ୍ରହୀତା: ଶ୍ରୀମତୀ ସାବିତ୍ରୀ ସାହୁ,** ସ୍ୱାମୀ: ଶ୍ରୀ ସୁରେନ୍ଦ୍ର ସାହୁ, ଉଭୟଙ୍କ ଠିକଣା- ସା: ସାତସୋଲା, ପୋ: ମଞ୍ଜୁରୀ ରୋଡ, ଭାୟା: ଭଣ୍ଡାରୀପୋଖରୀ, ଜିଲ୍ଲା: ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୨୧ | ୧୨.୦୧.୨୦୨୬ ସୁଦ୍ଧା ଟ.୪,୨୧,୪୭୭.୦୪ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |

**ସମ୍ପତ୍ତିର ନଂ.-୪: ଶ୍ରୀ ସୁରେନ୍ଦ୍ର ସାହୁ,** ପିତା: ୰ ଅର୍ଜୁନ ଚରଣ ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୪୬୮/୫୧୫, ପ୍ଲଟ୍ ନଂ.: ୨୩୫୭, କ୍ଷେତ୍ର: ଏକର୦.୦୮ ଡିସିମିଲି, ମୌଜା: ସାତସୋଲା, ଥାନା: ଭଣ୍ଡାରୀପୋଖରୀ, ଏସ୍‌ଆରଓ: ଭଣ୍ଡାରୀପୋଖରୀ, ଜିଲ୍ଲା: ଭଦ୍ରକ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଅଦ୍ୱୈତ ସାହୁ, ଦକ୍ଷିଣ: ସର୍ବସାଧାରଣ ରାସ୍ତା, ପୂର୍ବ: ମେଲଣ ପଡ଼ିଆ, ପଶ୍ଚିମ: ସର୍ବସାଧାରଣ ରାସ୍ତା
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୪,୬୪,୨୧୦/- / ଅମାନତ ଜମା: ଟ.୧,୪୬,୪୨୧/- / ବିଡ୍ ବୃଦ୍ଧି ରାଶି: ଟ.୧୪,୬୪୨/-**

**ଡୁବୁରୀ-୨ ଶାଖା, ସା: ଡୁବୁରୀ ଜଙ୍କସନ୍, ଜିଲ୍ଲା: ଯାଜପୁର, ମୋ.: ୮୭୨୦୯୮୮୪୧୦, ଇମେଲ: ubin0814113@unionbankofindia.bank**

| ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତାମାନେ: **୧) ମେସର୍ସ ବଣ୍ଟି ଫ୍ଲାଏ ଆସ୍ ବ୍ରିକ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ସ୍ୱର୍ଣ୍ଣଲତା ମୁଦୁଲି,** ସ୍ୱାମୀ: ହେମନ୍ତ କୁମାର ମୁଦୁଲି, **୨) ଶ୍ରୀମତୀ ସ୍ୱର୍ଣ୍ଣଲତା ମୁଦୁଲି,** ସ୍ୱାମୀ: ହେମନ୍ତ କୁମାର ମୁଦୁଲି / **ଜାମିନ୍‌ଦାରମାନେ: ୧) ଶ୍ରୀ ହେମନ୍ତ କୁମାର ମୁଦୁଲି,** ପିତା: ଶରତ କୁମାର ମୁଦୁଲି, **୨) ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲି,** ପିତା: ଶରତ କୁମାର ମୁଦୁଲି, ସମସ୍ତଙ୍କ ଠିକଣା- ସା: ନିମାପଲ୍ଲୀ, ପୋ: ପିଙ୍ଗଳ, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୨୬ | ୧୨.୦୧.୨୦୨୬ ସୁଦ୍ଧା ଟ.୧୦,୫୨,୭୦୬.୫୪ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ.-୫: ଶ୍ରୀ ହେମନ୍ତ କୁମାର ମୁଦୁଲି ଏବଂ ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲିଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସ୍ଥାବର ସମ୍ପତ୍ତି ଯାହାର ଖାତା ନଂ.: ୫୩, ପ୍ଲଟ୍ ନଂ.: ୯୭, କ୍ଷେତ୍ର: ଏକର୧.୨୯ ଡିସିମିଲି, କିସମ: ଘରବାରି, ମୌଜା: ଗୋଲାଗାଁ, ଏସ୍‌ଆରଓ: ସୁକିନ୍ଦା, ଥାନା: କଳିଙ୍ଗନଗର (ଥାନା ନଂ. ୧୭୪), ଏହାର ଚାରିପାର୍ଶ୍ୱରେ- ଉତ୍ତର: ହେମନ୍ତ ମୁଦୁଲି, ଦକ୍ଷିଣ: ରାସ୍ତା, ପୂର୍ବ: ଅଇଁଠୁ ମୁଦୁଲି, ପଶ୍ଚିମ: ଶରତ ଚନ୍ଦ୍ର ମୁଦୁଲି
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୯,୭୩,୭୦୦.୦୦ / ଅମାନତ ଜମା: ଟ.୧,୯୭,୩୭୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୯,୭୩୭.୦୦**

ଇ-ନିଲାମ ତାରିଖ ଏବଂ ସମୟ: ୨୮.୦୧.୨୦୨୬ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମିତ ସ୍ୱତଃ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବସାଇଟ୍: https://baanknet.com
ଅମାନତ ରାଶି ଦାଖଲର ଅନ୍ତିମ ତାରିଖ: ଇ-ନିଲାମ ଆରମ୍ଭ ହେବା ପୂର୍ବରୁ
ପଞ୍ଜୀକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବସାଇଟ୍ : https://baanknet.com, www.unionbankofindia.co.in ଦେଖନ୍ତୁ।

ସ୍ଥାନ: ବାଲେଶ୍ୱର
ତାରିଖ: ୧୨.୦୧.୨୦୨୬
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଇଣ୍ଡିଆନ ଅଏଲ୍, ମାରୁତି ସୁଜୁକି ମଧ୍ୟରେ ଏମ୍‌ଓୟୁ

## ଇନ୍ଧନ ଷ୍ଟେଶନରେ ମିଳିବ ଯାନବାହନ ସେବା

ଭୁବନେଶ୍ୱର,୧୨।୧



ଇଣ୍ଡିଆନ ଅଏଲ୍ କର୍ପୋରେଶନ ଲିମିଟେଡ ଏବଂ ଯାତ୍ରୀବାହୀ ଯାନ ନିର୍ମାତା ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ (ଏମ୍‌ଏସ୍‌ଆଇଏଲ୍) ଗ୍ରାହକଙ୍କ ସୁବିଧା ବୃଦ୍ଧି କରିବା ପାଇଁ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତିନାମା ଅନୁଯାୟୀ, ଦେଶର ବିଭିନ୍ନ ମନୋନୀତ ଇଣ୍ଡିଆନ ଅଏଲ ଇନ୍ଧନ ଷ୍ଟେଶନରେ ମାରୁତି ସୁଜୁକି ସେବା ସୁବିଧାକେନ୍ଦ୍ର ପ୍ରତିଷ୍ଠା କରାଯିବ। ଏହି ସମନ୍ୱୟ ଦ୍ୱାରା ଗ୍ରାହକମାନେ ଇନ୍ଧନ ଭରୁଥିବା ଷ୍ଟେଶନରେ ହିଁ ମାରୁତି ସୁଜୁକି କାର୍ ପାଇଁ ନିର୍ଦ୍ଧାରିତ ସମୟସୀମା ରକ୍ଷଣାବେକ୍ଷଣ ଏବଂ ଛୋଟ ମରାମତି ଭଳି ସୁବିଧା ପାଇପାରିବେ। ଇଣ୍ଡିଆନ ଅଏଲ ଏହାର ବ୍ୟାପକ ରିଟେଲ ଉପସ୍ଥିତି ସହିତ ମାରୁତି ସୁଜୁକିର ୫,୭୮୦ରୁ ଅଧିକ ସର୍ଭିସ୍ ଟଚ୍ ପଏଣ୍ଟକୁ ଆହୁରି ସୁଦୃଢ଼ କରିବ। ଇଣ୍ଡିଆନ ଅଏଲର ନିର୍ଦ୍ଦେଶକ (ମାର୍କେଟିଂ) ସୌମିତ୍ର ପି ଶ୍ରୀବାସ୍ତବ କହିଛନ୍ତି, ଇଣ୍ଡିଆନ ଅଏଲର ଭାରତରେ ୪୧,୦୦୦ ରୁ ଅଧିକ ଇନ୍ଧନ ଷ୍ଟେଶନ ରହିଛି। ମାରୁତି ସୁଜୁକିର ସହଭାଗିତାରେ ଶକ୍ତି ପ୍ରଦାନ ସହିତ ବିଶ୍ୱସ୍ତରୀୟ ଅଟୋମୋଟିଭ ରକ୍ଷଣାବେକ୍ଷଣକୁ ଏକୀକୃତ କରୁଥିବା ସେ କହିଛନ୍ତି। ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡର କାର୍ଯ୍ୟନିର୍ବାହୀ ଅଧିକାରୀ (ସେବା) ରାମ ସୁରେଶ ଆକେଲା କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ଆମ ଗ୍ରାହକମାନଙ୍କ ପାଇଁ କାର୍ ସେବାକୁ ଯଥା ସମ୍ଭବ ସହଜ ଏବଂ ସୁବିଧାଜନକ କରିବା। ଭାରତର ସବୁଠାରୁ ବିଶ୍ୱସ୍ତ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ ସହିତ ସହଭାଗିତା କରି ଗ୍ରାହକଙ୍କ ସେବାକୁ ତ୍ୱରାନ୍ୱିତ କରାଯାଇପାରିବ ବୋଲି ସେ ଆଶା ରଖିଛନ୍ତି।

# ବଢ଼ିଲା ସୁନାରୁପା ଦର

ଭୁବନେଶ୍ୱର,୧୨।୧ (ଅନୁରାଧା ମହାରଣା)

ଉଭୟ ସୁନା ଓ ରୁପା ଦର ସୋମବାର ମହଙ୍ଗା ହୋଇଛି । ବର୍ଷ ଆରମ୍ଭରେ ସୁନା ଓ ରୁପା ଦର ସାମାନ୍ୟ ଖସିଥିଲା। ମାତ୍ର ସୋମବାର ୨୪ କ୍ୟାରେଟ ସୁନା ୧୦ଗ୍ରାମ୍ ପ୍ରତି ୧.୪୦ଲକ୍ଷ ଟଙ୍କା ଅତିକ୍ରମ କରିଛି । ସେହିପରି ରୁପା ଦର କିଲୋଗ୍ରାମ ପ୍ରତି ୧୨ହଜାର ଟଙ୍କାରୁ ଅଧିକ ବୃଦ୍ଧି ପାଇଛି । ୨୪ କ୍ୟାରେଟ ସୁନାର ଦାମ୍ ୧୦ଗ୍ରାମ୍ ପ୍ରତି ୧,୪୨, ୩୦୦ ରହିଛି । ଗତ ସପ୍ତାହ ଅପେକ୍ଷା ୨୪୩୭ ଟଙ୍କା ବୃଦ୍ଧି ହୋଇଛି। ୨୨ କ୍ୟାରେଟ ସୁନା ଦର ୧,୩୦,୪୫୦ ଟଙ୍କା ରହିଛି । ସେହିପରି ରୁପା ଦର କିଲୋଗ୍ରାମ୍ ପ୍ରତି ୨,୬୫,୧୩୩ ଟଙ୍କାରେ ପହଞ୍ଚିଛି। ବିବାହ ଋତୁ ଚାଲିଥିବାବେଳେ ସୁନା ଓ ରୁପା ଦରରେ ଅହେତୁକ ବୃଦ୍ଧି ଗ୍ରାହକଙ୍କୁ ଚିନ୍ତାରେ ପକାଇଛି।

# ପଣ୍ୟ ପରିବହନରେ ପୂର୍ବତଟ ରେଳପଥର ୧୧% ଅଭିବୃଦ୍ଧି

ଭୁବନେଶ୍ୱର,୧୨।୧(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷରେ ପଣ୍ୟ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ରେକର୍ଡ କରିଛି। ଡିସେମ୍ବର ପର୍ଯ୍ୟନ୍ତ ଅବଧି ମଧ୍ୟରେ ପୂର୍ବତଟ ରେଳପଥ ୨୦୯.୯୭ ନିୟୁତ ଟନ୍ ମୋଟ ମାଲ୍ ପରିବହନ ହାସଲ କରିଛି, ଯାହା ଗତ ବର୍ଷର ସମାନ ସମୟ ତୁଳନାରେ ୧୧% ଅଭିବୃଦ୍ଧିକୁ ଦର୍ଶାଉଛି। ଏହି ପ୍ରଦର୍ଶନ ନିର୍ଦ୍ଧାରିତ ଲକ୍ଷ୍ୟ ତୁଳନାରେ ୪% ଅଧିକ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ଫର୍ଟିଲାଇଜର ପରିବହନରେ ୪୦% ବୃଦ୍ଧି ଘଟିଥିବା ବେଳେ ଉତ୍ପାଦ ଇସ୍ପାତରେ ୩୧% ବୃଦ୍ଧି ଘଟିଛି। ସେହିଭଳି ଲୁହାପଥର ପରିବହନରେ ୨୦% ଓ ଖାଦ୍ୟ ଶସ୍ୟ ପରିବହନରେ ୧୬% ବୃଦ୍ଧି ରେକର୍ଡ କରାଯାଇଛି। ନୂତନ ରେଳ ଲାଇନର ନିର୍ମାଣ ଏବଂ କାର୍ଯ୍ୟକ୍ଷମ ସହ ଦୋହରୀକରଣ ଏବଂ ତୃତୀୟ ଓ ଚତୁର୍ଥ ରେଳ ଲାଇନ ପ୍ରକଳ୍ପର କାର୍ଯ୍ୟକାରିତା, ଯାହା ସମଗ୍ର ଅଞ୍ଚଳରେ ସଂଯୋଗକୁ ବୃଦ୍ଧି କରିଥିବାରୁ ପଣ୍ୟବହନ ସରଳ ହୋଇଛି। ଏହାସହ ବିସ୍ତାରିତ ରେଳ ଭିତ୍ତିଭୂମି ମାଧ୍ୟମରେ ଖଣିଜ ବେଲ୍ଟ ଏବଂ ବନ୍ଦର ସହିତ ଶିଳ୍ପଗୁଡିକୁ ସଂଯୋଗ କରିବା ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ମାଲ ପରିବହନ ହବ୍ ଭାବରେ ରେଳପଥର ସ୍ଥିତିକୁ ସୁଦୃଢ଼ କରାଯାଇଛି। ବିଭିନ୍ନ ସରକାରୀ ଏଜେନ୍ସି ଏବଂ ଶିଳ୍ପଗୁଡିକ ସହିତ ସାମଗ୍ରୀ ପରିବହନର ସମୟାନୁବର୍ତ୍ତୀ ଏବଂ ଦକ୍ଷତାର ସହିତ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବା ପାଇଁ ନିରନ୍ତର ସହଯୋଗ ଏବଂ ଯୋଜନା ଏଥିରେ ସହାୟକ ହୋଇଛି।

# ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ରେ ବିବେକାନନ୍ଦ ଜୟନ୍ତୀ



ଭୁବନେଶ୍ୱର,୧୨।୧(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ୍ ପରିସରରେ ସୋମବାର ପବିତ୍ର ବିବେକାନନ୍ଦ ଜୟନ୍ତୀ ତଥା 'ଜାତୀୟ ଯୁବ ଦିବସ' ପାଳିତ ହୋଇଯାଇଛି । ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମୁଖ୍ୟ ଅତିଥି ସ୍ୱାମୀ ବ୍ରହ୍ମନିଷ୍ଠାନନ୍ଦ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଓଡିଏମ୍ ଶିକ୍ଷା ସମୂହର ପ୍ରତିଷ୍ଠାତା ଡ.ସତ୍ୟବ୍ରତ ମୀନକେତନ ପ୍ରାରମ୍ଭିକ ଭାଷଣରେ ସମଗ୍ର ଭାରତ ଓ ବିଶ୍ୱମଙ୍ଗଳ ପାଇଁ ସ୍ୱାମୀ ବିବେକାନନ୍ଦଙ୍କର ଅମୂଲ୍ୟ ଅବଦାନ ସମ୍ବନ୍ଧରେ ଉଲ୍ଲେଖ କରିଥିଲେ। ତାଙ୍କ ମହାର୍ଘ ଜୀବନକୁ ଆଦର୍ଶ କରି ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ଜୀବନଶୈଳୀ, ଦୃଢ ଆତ୍ମବିଶ୍ୱାସ, ମାନବୀୟ ମୂଲ୍ୟବୋଧ, କଠୋର ପରିଶ୍ରମ ଓ ମହତ୍ ଲକ୍ଷ୍ୟ ସହିତ ନିଜର ଜୀବନକୁ ସଫଳ ଓ ସାର୍ଥକ କରନ୍ତୁ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ସ୍ୱାମୀ ବ୍ରହ୍ମନିଷ୍ଠାନନ୍ଦ ତାଙ୍କ ଅଭିଭାଷଣରେ ବିବେକାନନ୍ଦଙ୍କ ଦର୍ଶନ, ଆଧ୍ୟାତ୍ମିକତା, ରାଷ୍ଟ୍ରବାଦ୍ ଏବଂ ଶିକ୍ଷାର ଗୁଣବା ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, ଆଜିର ଯୁବପିଢି ନିଜ ଚରିତ୍ର ଗଠନ ସହ ସତ୍ୟତା, ପବିତ୍ରତା ଏବଂ ନିଃସ୍ୱାର୍ଥପରତାକୁ ଜୀବନର ଆଦର୍ଶ ଭାବେ ଗ୍ରହଣ କରିବା ଉଚିତ୍ । ବୈଷୟିକ ଜ୍ଞାନକୌଶଳ ସହ ଆଧ୍ୟାତ୍ମିକ ଚେତନାର ସମନ୍ୱୟ ରକ୍ଷା କରି ଏକବିଂଶ ଶତାବ୍ଦୀର ଆହ୍ୱାନକୁ ସାମ୍ନା କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଶେଷରେ ସମସ୍ତେ 'ବନ୍ଦେ ମାତରମ୍' ଗାନ କରିବା ସହିତ 'ସ୍ୱଦେଶୀ ସଂକଳ୍ପ' ପାଠ କରି ଆତ୍ମନିର୍ଭର ଭାରତ ଗଠନ ପାଇଁ ଶପଥ ନେଇଥିଲେ ।

# 'ଓଡ଼ିଶା ସ୍କିଲ୍‌ସ'ରେ ୬୩ ପଦକ ହାସଲ କଲା ସିଜିୟୁ



ଭୁବନେଶ୍ୱର,୧୨।୧(ଅନୁରାଧା ମହାରଣା)

ରାଜ୍ୟସ୍ତରୀୟ ଦକ୍ଷତା ପ୍ରତିଯୋଗିତା 'ଓଡ଼ିଶା ସ୍କିଲ୍‌ସ ୨୦୨୫-୨୬'ରେ ସିଭି ରମଣ ଗ୍ଲୋବାଲ୍ ୟୁନିଭରସିଟି(ସିଜିୟୁ)ର ଛାତ୍ରୀଛାତ୍ରମାନେ ୨୭ଟି ଦକ୍ଷତା ବିଭାଗରେ ଅଂଶଗ୍ରହଣ କରି ୬୩ଟି ପଦକ ହାସଲ କରି ଶୀର୍ଷସ୍ଥାନରେ ରହିଛନ୍ତି। ୨୩ଟି ସ୍ୱର୍ଣ୍ଣ, ୧୯ଟି ରୌପ୍ୟ ଏବଂ ୨୧ଟି କାଂସ୍ୟ ପଦକ ଜିତିବାରେ ଛାତ୍ରୀଛାତ୍ର ସଫଳ ହୋଇଛନ୍ତି। ସିଜିୟୁର ଅଧ୍ୟକ୍ଷ ସଞ୍ଜୀବ କୁମାର ରାଉତ କହିଛନ୍ତି, ଭାରତ ସରକାରଙ୍କ ନ୍ୟାଶନାଲ ଏଜୁକେଶନ ପଲିସି ଅନୁସାରେ ବିଶ୍ୱବିଦ୍ୟାଳୟ ତା'ର ସମସ୍ତ କରିକୁଲମରେ ସ୍କିଲ୍‌କୁ ଅନ୍ତର୍ଭୁକ୍ତ କରିଛି ଏବଂ ଏହାଦ୍ୱାରା ଛାତ୍ରୀଛାତ୍ରମାନଙ୍କର ଦକ୍ଷତା ବୃଦ୍ଧି ହେବା ସହ ଦେଶ ବିଦେଶରେ ନିଯୁକ୍ତି ପାଇବାରେ ସଫଳ ହେଉଛନ୍ତି। ସୂଚନା ଥାଉକି, ୱାର୍ଲ୍ଡ ସ୍କିଲ୍ ୨୦୧୯ରେ ସିଜିୟୁ ଭାରତର ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ୱାର୍ଲ୍ଡ ସ୍କିଲ୍ ୨୦୨୨ରେ ରୌପ୍ୟ ପଦକ ଓ ମେଡାଲିୟନ୍ ଅଫ୍ ଏକ୍ସିଲେନ୍ସ ପଦକ ଜିତିଥିଲା। ୱାର୍ଲ୍ଡସ୍କିଲ୍ ୨୦୨୪ରେ ମଧ୍ୟ ମେଡାଲିୟନ୍ ଏକ୍ସିଲେନ୍ସ ହାସଲ କରିଥିଲା। ୱାର୍ଲ୍ଡସ୍କିଲ୍ ୨୦୨୨ରେ ୯ଜଣ ଏବଂ ୨୦୨୪ରେ ୧୦ ଜଣ ଭାରତକୁ ପ୍ରତିନିଧିତ୍ୱ କରିଥିଲେ।

# ୪୦ କୋଟିରୁ ଅଧିକ ଭାରତୀୟ ବୀମା କରିନାହାନ୍ତି: ସିଙ୍ଘେଲ

ଭୁବନେଶ୍ୱର,୧୨।୧

ସରକାରୀ ଯୋଜନା ସତ୍ତ୍ୱେ ୪୦ କୋଟିରୁ ଅଧିକ ଭାରତୀୟ ବୀମାବିହୀନ ରହିଛନ୍ତି ଏବଂ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ନିଜ ପକେଟରୁ ଚିକିତ୍ସା ଖର୍ଚ୍ଚ କରି ଦାରିଦ୍ର୍ୟ ଭିତରକୁ ଠେଲି ହୋଇଯାଉଛନ୍ତି । ଆମେ ୟୁନିଅନ ବଜେଟ ଆଡ଼କୁ ଅଗ୍ରସର ହେଉଥିବାବେଳେ, ଅଭିବୃଦ୍ଧି, ପୁଞ୍ଜି ଏବଂ ନିବେଶ ଉପରେ ଆଲୋଚନା ହେବା ସ୍ୱାଭାବିକ । ତେବେ ଏକ ସୁରକ୍ଷିତ ଏବଂ ଅଧିକ ଆତ୍ମବିଶ୍ୱାସୀ ଭାରତର ମୂଳଦୁଆ ଭାବରେ ବଜେଟ ପ୍ରାଥମିକତାରେ ଇନ୍ସ୍ୟୁରାନ୍ସ ରହିଛି। ଇନ୍ସ୍ୟୁରାନ୍ସକୁ ସାମାଜିକ ଭିତ୍ତିଭୂମି ଭାବରେ ସ୍ୱୀକାର କରିବା ଦ୍ୱାରା ଆମେ ଏକ ଅଧିକ ସୁଦୃଢ଼ ରାଷ୍ଟ୍ର ଗଠନ କରିପାରିବା ବୋଲି ବଜାଜ ଜେନେରାଲ ଇନ୍ସ୍ୟୁରାନ୍ସ ଲିମିଟେଡ୍‌ର ଏମ୍‌ଡି ଓ ସିଇଓ ଏବଂ ଜେନେରାଲ ଇନ୍ସ୍ୟୁରାନ୍ସ କାଉନସିଲ୍‌ର ଚେୟାରମ୍ୟାନ ଡ. ତପନ ସିଙ୍ଘେଲ କହିଛନ୍ତି। ସେ କହିଛନ୍ତି, ପୂର୍ଣ୍ଣକାଳୀନ, ଚୁକ୍ତିଭିତ୍ତିକ ଏବଂ ଗିଗ୍ କର୍ମଚାରୀଙ୍କୁ ଅନ୍ତର୍ଭୁକ୍ତ କରୁଥିବା ଏକ ପର୍ଯ୍ୟାୟକ୍ରମେ, ବାଧ୍ୟତାମୂଳକ ଏମ୍ପ୍ଲୟର-ଏମ୍ପ୍ଲୟୀ ହେଲ୍‌ଥ ଇନ୍ସ୍ୟୁରାନ୍ସ ଫ୍ରେମୱାର୍କ ଏହି ବ୍ୟବଧାନକୁ ପୂରଣ କରିବା ହେଲ୍‌ଥ କଭର ପାଇଁ ଟ୍ୟାକ୍ସ ଇନସେନଟିଭ ଏବଂ ସିଏସଆର୍ ସ୍ୱୀକୃତି ଏହାର ବ୍ୟାପକ ଗ୍ରହଣକୁ ଉତ୍ସାହିତ କରିପାରିବ ।

# କେୟାର ହସ୍ପିଟାଲ୍ସରେ ବିରଳ ହୃଦ୍‌ରୋଗ ଅସ୍ତ୍ରୋପଚାର

ଭୁବନେଶ୍ୱର,୧୨।୧(ଅନୁରାଧା ମହାରଣା)

କେୟାର ହସ୍ପିଟାଲ୍ସ ଭୁବନେଶ୍ୱର ଏକ ବିରଳ ଏବଂ ଜଟିଳ ହୃଦରୋଗ ଅସ୍ତ୍ରୋପଚାର ସଫଳ ହୋଇଛି। ଡା. ଶୁଭକାନ୍ତ ବିଶ୍ୱାଳ, ବରିଷ୍ଠ ପରାମର୍ଶଦାତା - କାର୍ଡିଓଥୋରାସିକ ଏବଂ ଭାସ୍କୁଲାର୍ ସର୍ଜରୀଙ୍କ ନେତୃତ୍ୱରେ ଏକ ଅଭିଜ୍ଞ କାର୍ଡିଓଥୋରାସିକ ସର୍ଜରୀ ଦଳ ଦ୍ୱାରା ଏହି ଅସ୍ତ୍ରୋପଚାର କରାଯାଇଥିଲା, ଯେଉଁଥିରେ ଡାକ୍ତର ସୋମେନ, ପରାମର୍ଶଦାତା - ସିଟିଭିଏସ୍ ଏବଂ ଦକ୍ଷ ସିଟିଭିଏସ୍ ନର୍ସ କର୍ମଚାରୀଙ୍କ ଏକ ଉତ୍ସର୍ଗୀକୃତ ଦଳ ସହାୟତା କରିଥିଲେ। ଏହି ପ୍ରକ୍ରିୟା ପାଇଁ ବହୁବିଧ କ୍ଲିନିକାଲ ଦଳ ମଧ୍ୟରେ ସୂକ୍ଷ୍ମ ଯୋଜନା ଏବଂ ସମନ୍ୱୟ ଆବଶ୍ୟକ ଥିଲା। ସମଗ୍ର ଅସ୍ତ୍ରୋପଚାରକୁ ଡା. ମନୋରଞ୍ଜନ ପାଢ଼ୀ ଏବଂ ଡାକ୍ତର ଧର୍ମଜୀବନଙ୍କ ନେତୃତ୍ୱରେ କାର୍ଡିଆକ ଆନାସ୍ଥେସିଆ ଦଳ ଦ୍ୱାରା ଦକ୍ଷତାର ସହିତ ପରିଚାଳିତ କରାଯାଇଥିଲା, ଯାହାଙ୍କ ବିଶେଷଜ୍ଞତା ପ୍ରକ୍ରିୟା ସାରା ରୋଗୀଙ୍କ ସ୍ଥିରତା ଏବଂ ସୁରକ୍ଷା ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଅସ୍ତ୍ରୋପଚାର ପରେ, ରୋଗୀ ସ୍ଥିର ସୁସ୍ଥତା ଦେଖାଇଲେ ଏବଂ ଷଷ୍ଠ ଅସ୍ତ୍ରୋପଚାର ପରେ ସ୍ଥିର ଅବସ୍ଥାରେ ତାଙ୍କୁ ଡିସଚାର୍ଜ କରାଯାଇଥିଲା। ଏହି ଅବସରରେ ଡାକ୍ତରୀ ଦଳ ଆଲୋକପାତ କରିଥିଲେ ଯେ ଏପରି ଜଟିଳ ପ୍ରକ୍ରିୟାଗୁଡ଼ିକ ପାଇଁ କେବଳ ଉନ୍ନତ ଭିତ୍ତିଭୂମି ନୁହେଁ ବରଂ ଦୃଢ଼ ଦଳଗତ କାର୍ଯ୍ୟ ଏବଂ କ୍ଲିନିକାଲ ବିଶେଷଜ୍ଞତା ମଧ୍ୟ ଆବଶ୍ୟକ।

## ଅପରାଧ

# ଭୁବନେଶ୍ୱରରେ ସାଇବର ଠକଙ୍କ କଲ୍ ସେଣ୍ଟର ଠାବ ଘଟଣା

# ଗ୍ୟାଙ୍ଗ୍‌ର ଆଉ ୩ ଗିରଫ

- କେରଳ, ବିହାରକୁ ଯିବ କମିଶନରେଟ୍ ପୋଲିସ
- ଜବତ ସାମଗ୍ରୀକୁ ଫୋରେନ୍‌ସିକ୍ ଲାବ୍‌କୁ ପଠାଗଲା

ଭୁବନେଶ୍ୱର,୧୨।୧(ସତ୍ୟଜିତ ରାଉତ)



ଗିରଫ ୩ ଅଭିଯୁକ୍ତ।

ଭୁବନେଶ୍ୱର ବଡ଼ଗଡ଼ ଥାନା ଅନ୍ତର୍ଗତ ଟଙ୍କାପାଣି ରୋଡ୍‌ର ପ୍ଲଟ ନଂ.୨୧୭୧/୧୬ସ୍ଥିତ ଘରେ ଆନ୍ତଃରାଜ୍ୟ ସାଇବର ଠକଙ୍କ କଲ୍ ସେଣ୍ଟର ଠାବ ହେବା ଘଟଣାରେ କମିଶନରେଟ୍ ପୋଲିସ ଅଧିକ ଛାନ୍‌ଭିନ୍ ଚଳାଇଛି। ସାଇବର ଠକ ଗ୍ୟାଙ୍ଗ୍‌ର ୧୨ଜଣ ରବିବାର ଗିରଫ ହୋଇ ଜେଲ ଯାଇଥିବାବେଳେ ଆଉ ୩ ଜଣ ସୋମବାର ବଡ଼ଗଡ଼ ଅଞ୍ଚଳରୁ ଧରାପଡ଼ିଛନ୍ତି। ସେମାନେ ହେଲେ ବିହାର ନାଳନ୍ଦା ଜିଲା କଟ୍ରିସରାଇ ଅଞ୍ଚଳର ଚନ୍ଦନ କୁମାର(୪୦), ପଙ୍କଜ କୁମାର(୩୮) ଓ ରିଶି କୁମାର(୨୭)। ୩ଟି ମୋବାଇଲ ଓ ଗୋଟିଏ କାର୍ ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ ବଡ଼ଗଡ଼ ଥାନା ପକ୍ଷରୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ସାଇବର ଠକଙ୍କ ପାଖରୁ ଜବତ ହୋଇଥିବା ୩୦ଟି କି'ପ୍ୟାଡ୍ ମୋବାଇଲ, ୩୦ଟି ଆଣ୍ଡ୍ରଏଡ୍ ସ୍ମାର୍ଟଫୋନ୍, ୨ଟି ଲାପ୍‌ଟପ୍, ୬ଟି ସିମ୍‌କାର୍ଡ ଆଦିକୁ ଯାଞ୍ଚ ପାଇଁ ଷ୍ଟେଟ୍ ଫୋରେନ୍‌ସିକ୍ ସାଇନ୍ସ ଲାବୋରେଟୋରି (ଏସ୍‌ଏଫ୍‌ଏସ୍‌ଏଲ୍)କୁ ମଧ୍ୟ ପଠାଯାଇଛି।

ଗିରଫ ୩ ଅଭିଯୁକ୍ତ ବିଶେଷ କରି ଫେକ୍ ସିମ୍‌କାର୍ଡ ଓ ମ୍ୟୁଲ୍ ଆକାଉଣ୍ଟ ସଂଗ୍ରହ କରିବା, ସ୍ପିଡ୍ ପୋଷ୍ଟ ଜରିଆରେ ଲୋକମାନଙ୍କୁ ଲେଟର ପଠାଇବା ଏବଂ ମ୍ୟୁଲ୍ ଆକାଉଣ୍ଟରୁ ଟଙ୍କା ଉଠାଣ କରିବା କାମ କରୁଥିଲେ। ତେବେ ଏହି ଠକେଇ ଗ୍ୟାଙ୍ଗ୍‌ର ଅନ୍ୟ ସହଯୋଗୀ ଓ ଏଜେଣ୍ଟମାନେ ବିହାର ଓ କେରଳରେ ଥିବାବେଳେ ସେମାନଙ୍କୁ ଧରିବାକୁ କମିଶନରେଟ୍ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଅଭିଯୁକ୍ତମାନଙ୍କ ପ୍ରକୃତ ପରିଚୟ, ଶିକ୍ଷାଗତ ଯୋଗ୍ୟତା ସମେତ ଅପରାଧ ପୃଷ୍ଠଭୂମି ବିଷୟରେ ଜାଣିବା ଏବଂ ଗ୍ୟାଙ୍ଗ୍‌ର ଲିଙ୍କ୍‌ରେ ଥିବା ସହଯୋଗୀଙ୍କୁ ଧରିବାକୁ କମିଶନରେଟ୍ ପୋଲିସ ଯୋଜନା କରିଛି। ଏନେଇ ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି, ଏହି ଗ୍ୟାଙ୍ଗ୍‌ର ବିହାର କଟରିସରାଇରୁ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟକୁ ଯୋଗାଡ଼ କରିଥିଲେ। ଆବଶ୍ୟକ ପଡ଼ିଲେ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯିବ। ଗିରଫ ଅଭିଯୁକ୍ତମାନଙ୍କ ସମ୍ପର୍କରେ ଅଧିକ ହାସଲ ପାଇଁ ସେମାନଙ୍କ ବିହାର ଓ କେରଳସ୍ଥିତ ଜିଲାର ଏସ୍‌ପିଙ୍କୁ ଚିଠି ଲେଖାଯିବ। କମିଶନରେଟ ପୋଲିସ ଟିମ୍ ଉକ୍ତ ଜିଲାଗୁଡ଼ିକୁ ଯାଇ ଏହି ଗ୍ୟାଙ୍ଗ୍‌ର ଚେନ୍‌ରେ ଥିବା ଅନ୍ୟ ସଦସ୍ୟମାନଙ୍କୁ ଧରିବ ବୋଲି ଡିସିପି କହିଛନ୍ତି।

ସୂଚନାଯୋଗ୍ୟ, ଅଭିଯୁକ୍ତ ଦେବାଶିଷ ତ୍ରିପାଠୀଙ୍କ ଘରେ ଏହି କଲ୍ ସେଣ୍ଟର ଚାଲିଥିଲା। ଦେବାଶିଷଙ୍କ ସହ ଅର୍ଜୁନ ଓ ପଙ୍କଜ ଏହି ର୍‌ୟାକେଟର ମାଷ୍ଟରମାଇଣ୍ଡ ଥିଲେ। ସାଇବର ଠକମାନେ ଗିଫ୍ଟ ଭାଉଚର, କେରଳ ଲଟେରି, ଲୋନ୍ ଦେବାକୁ କହି ଠକୁଥିଲେ। ଦେବାଶିଷ ଜଣେ ଗ୍ରାଫିକ୍ସ ଡିଜାଇନର ହୋଇଥିବବେଳେ ସେ ସ୍କ୍ରାଚ୍ କାର୍ଡ, ଗିଫ୍ଟ ଭାଉଚର, ଲକି କୁପନ, ଅଫର ଲେଟର ଓ ଫେସ୍‌ବୁକ୍‌ରେ ବିଜ୍ଞାପନ ଦେବା ପାଇଁ ଇମେଜ୍ ବନାଇ ହେଲ୍ପଲାଇନ୍ ନମ୍ବର ରଖି ଜାଲ ବିଛାଉଥିଲେ। ଏଜେଣ୍ଟଙ୍କ ଦ୍ୱାରା ସ୍ପିଡ୍ ପୋଷ୍ଟ ଜରିଆରେ କୁପନ, ସ୍କ୍ରାଚ୍ କାର୍ଡ, ଲକି ଡ୍ର' କୁପନ ଆଦି ପଠାଇ ଲକ୍ଷାଧିକ ଟଙ୍କା ଓ ଗାଡ଼ି ଜିତିବାର ପ୍ରଲୋଭନ ଦେଖାଉଥିଲେ। ଗ୍ରାହକମାନେ ପୁରସ୍କାର ପାଇବା ପାଇଁ ହେଲ୍ପଲାଇନ୍ ନମ୍ବରକୁ କଲ୍ କଲେ ଠକମାନେ ବିଭିନ୍ନ ଫିସ୍ ଦେବାକୁ କହି ଟଙ୍କା ନେଇ ଆସୁଥିଲେ। ସେହିପରି ବିଭିନ୍ନ ଲୋନ୍ ଦେବାକୁ ଫେସ୍‌ବୁକ୍‌ରେ ବିଜ୍ଞାପନ ଦେଉଥିଲେ। ଅଭିଯୁକ୍ତମାନେ କେରଳ ଲଟେରି ନାଁରେ ଫେସବୁକ୍‌ରେ ବିଜ୍ଞାପନ ଦେଇ ମଧ୍ୟ ଠକୁଥିଲେ।

# ବ୍ୟବସାୟୀଙ୍କଠାରୁ ଲୁଟିନେଲେ ୨୫ ଲକ୍ଷ ଟଙ୍କାର ରୁପା ଅଳଙ୍କାର

କବିସୂର୍ଯ୍ୟନଗର,୧୨।୧ (କୃପାସିନ୍ଧୁ ସ୍ୱାଇଁ)

## ମାଉଜର ଦେଖାଇ ଲୁଟ୍



ଲୁଟ୍ ର ଶିକାର ହୋଇଥିବା ବ୍ୟବସାୟୀ।

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଅଞ୍ଚଳରେ ଜଣେ ବ୍ୟବସାୟୀଙ୍କଠାରୁ ସୋମବାର ବଡ଼ ଧରଣର ଲୁଟ୍ ହୋଇଛି। ତାଙ୍କଠାରୁ ୨୫ ଲକ୍ଷଟଙ୍କାର ରୁପା ଅଳଙ୍କାର ଦୁର୍ବୃତ୍ତମାନେ ମାଉଜର ଦେଖାଇ ଲୁଟି ନେଇଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ତଦନ୍ତ ଆରମ୍ଭ ହୋଇଛି। ଖବରରୁ ଜଣାପଡିଛି, ପୁରୁଷୋତ୍ତମପୁରର ବ୍ୟବସାୟୀ ବେଲା ସେନାପତି ସବୁଦିନ ପରି ସୋମବାର ବାଇକ୍‌ରେ ଏକ ଟିଣ ବାକ୍ସରେ ୧୫ କେଜିର ବିଭିନ୍ନ ପ୍ରକାର ରୁପା ଅଳଙ୍କାର ଧରି ମୋହନାପଲ୍ଲୀ ଗ୍ରାମକୁ ବ୍ୟବସାୟ ପାଇଁ ଯାଉଥିଲେ। ତାଙ୍କୁ ପିଛା କରୁଥିବା ତିନିଜଣ ଯୁବକ ଗୁଡିଆଳି ରାସ୍ତାର ପୋଖରୀ ନିକଟରେ ତାଙ୍କ ବାଇକ୍ ଅଟକାଇ ଥିଲେ। ପରେ ସେମାନେ ମାଉଜର ଦେଖାଇ ବେଲାଙ୍କୁ ଆକ୍ରମଣ କରି ରୁପା ଅଳଙ୍କାର, ସେ ପିନ୍ଧିଥିବା ୨ଟି ସୁନାମୁଦି ଲୁଟି ନେଇ ଫେରାର ହୋଇଯାଇଥିଲେ। ଏହାର ବଜାର ମୂଲ୍ୟ ୨୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ବେଲା ଏନେଇ କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ କରିବା ପରେ ନଂ. ୧୭/୨୬ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଖବର ଲେଖା ହେବାଯାଏ ସେମାନଙ୍କ କୌଣସି ପତ୍ତା ମିଳିନାହିଁ।

# ଅଣଛାତ୍ରଙ୍କ ଆକ୍ରମଣରେ ୨ ଛାତ୍ର ଗୁରୁତର

## ନାରାୟଣୀ ଉଚ୍ଚ ବିଦ୍ୟାଳୟ

ଗୋପାଳପୁର,୧୨।୧(ନବୀନରାଜ୍ ଆଚାରୀ)

ରଙ୍ଗେଇଲୁଣ୍ଡା ବ୍ଲକ୍ ଅଧୀନସ୍ଥ ଫୁଲଟା ଗ୍ରାମସ୍ଥିତ ମା'ନାରାୟଣୀ ଉଚ୍ଚ ବିଦ୍ୟାଳୟରେ ସୋମବାର ଅଣଛାତ୍ରମାନେ ପଶି ୨ ଜଣ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆହତମାନେ ହେଲେ ଦଶମ ଶ୍ରେଣୀର ଓମ୍ ମଣ୍ଡଳ ଓ ଅଷ୍ଟମ ଶ୍ରେଣୀର ରାମକୃଷ୍ଣ ପ୍ରଧାନ। ମା' ନାରାୟଣୀ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ସମୟ ୧ଟା ୩୦ରେ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପଡ଼ିଥିଲା। ଏହି ସମୟରେ ୪ଜଣ ଅଣଛାତ୍ର ଲୁହାରଡ ଓ ଅନ୍ୟାନ୍ୟ ମାରଣାସ୍ତ୍ର ଧରି ସ୍କୁଲ ପାଚେରି ଡେଇଁ ଭିତରକୁ ପଶିଥିଲେ। ସେମାନେ ଛାତ୍ର ଓମ୍‌ଙ୍କୁ ଲୁହାରଡରେ ଆକ୍ରମଣ କରିବା ସହ ସେଠାରେ ଖେଳୁଥିବା ଛାତ୍ର ରାମକୃଷ୍ଣଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏହାଦେଖି ଶିକ୍ଷକ ଓ ଅନ୍ୟମାନେ ଉଭୟଙ୍କୁ ରକ୍ଷା କରିଥିଲେ ମଧ୍ୟ ସେମାନେ ସାମାନ୍ୟ ଆହତ ହୋଇଥିଲେ। ଓମ୍ ଅଚେତ ହୋଇପଡ଼ିଥିଲେ ଏବଂ ରାମକୃଷ୍ଣଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ୨ ଶିକ୍ଷକ ଛାତ୍ରଦ୍ୱୟଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଇଥିଲେ। ଖବର ପାଇ ସନ୍ଧ୍ୟାରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଏସ୍. ଧନଞ୍ଜୟ ଓ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା ବ୍ରହ୍ମପୁର ବଡ଼ ମେଡିକାଲରେ ପହଞ୍ଚି ଛାତ୍ରମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝି ମେଡିକାଲ କର୍ତ୍ତୃପକ୍ଷ ଓ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ଖବରଲେଖା ହେବା ସୁଦ୍ଧା ଥାନାରେ ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି। ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଯୋଗାଯୋଗ କରିବାରୁ ଏନେଇ ଥାନାରେ ଅଭିଯୋଗ ହେବ ବୋଲି କହିଛନ୍ତି। ଅନ୍ୟପଟେ ବିଦ୍ୟାଳୟରେ ଅଣଛାତ୍ରମାନଙ୍କ ଏଭଳି ଆତଙ୍କରାଜ ଘଟଣାକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି। କିଭଳି ଓ କେଉଁ ପରିସ୍ଥିତିରେ ବିଦ୍ୟାଳୟରେ ପଶି ଛାତ୍ରଙ୍କୁ ଆକ୍ରମଣ କରାଗଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

# କୋର୍ଟରେ ହାଜର ହେଲେ ପ୍ରଦୀପ ପାଣିଗ୍ରାହୀ

## ଟାଟା କମ୍ପାନୀରେ ଚାକିରି ଠକେଇ ମାମଲା

ଭୁବନେଶ୍ୱର,୧୨।୧(ସତ୍ୟଜିତ ରାଉତ)

ଟାଟା କମ୍ପାନୀରେ ଚାକିରି ଦେବା ନାଁରେ ଗଞ୍ଜାମ ଜିଲା ଗୋପାଳପୁର ଅଞ୍ଚଳର ଏକାଧିକ ଯୁବକଙ୍କୁ ଠକେଇ କରିବା ମାମଲାରେ ବ୍ରହ୍ମପୁର ଏମ୍‌ପି ପ୍ରଦୀପ ପାଣିଗ୍ରାହୀ ସୋମବାର ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୧ କୋର୍ଟରେ ହାଜର ହୋଇଛନ୍ତି। ସେହିପରି ପୂର୍ବତନ ଆଇଏଫ୍‌ଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ପୁଅ ଆକାଶ ପାଠକ ମଧ୍ୟ ହାଜର ହୋଇଥିଲେ। କ୍ରାଇମବ୍ରାଞ୍ଚ ପକ୍ଷରୁ ରୁଜୁ ହୋଇଥିବା ମାମଲାରେ ଏବେ ଶୁଣାଣିପ୍ରକ୍ରିୟା ଜାରିରହିଛି। ପୂର୍ବରୁ ଏହି ମାମଲାରେ ଥିବା ସାକ୍ଷୀମାନଙ୍କ ବୟାନ ରେକର୍ଡ ହୋଇସାରିଥିବା ବେଳେ ଏବେ ଅଭିଯୋଗକାରୀଙ୍କୁ ଜେରା ପ୍ରକ୍ରିୟା ଚାଲୁ ରହିଛି। ଏହି ମାମଲାରେ ଆକାଶ ମୁଖ୍ୟ ଅଭିଯୁକ୍ତ ଥିବା ବେଳେ ପ୍ରଦୀପ ସହ ଅଭିଯୁକ୍ତ ରହିଛନ୍ତି।

# ବେଆଇନ ସିମ୍‌କାର୍ଡ କାରବାର, ୪ ଗିରଫ

ଭଣ୍ଡାରିପୋଖରୀ,୧୨।୧(ରାଜେନ୍ଦ୍ର ଶତପଥୀ)



ଗିରଫ ୪ ଅଭିଯୁକ୍ତ।

ବେଆଇନ ସିମ୍‌କାର୍ଡ ବ୍ୟବସାୟ ଅଭିଯୋଗରେ ୪ ଅଭିଯୁକ୍ତଙ୍କୁ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ପୋଲିସ ସୋମବାର ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ କୁଲଣାର ଦିଲୀପ ସାହୁ(୩୦), ବିଶୋଳ ଶାସନର ରମେଶ ଚନ୍ଦ୍ର ପରିଡ଼ା ଓରଫ କାଳିଆ(୩୭), ଆଶିଷ କୁମାର ସ୍ୱାଇଁ(୪୦) ଓ ଚାନ୍ଦବାଲି ଥାନା ନଳଗୁଣ୍ଡା ଅଞ୍ଚଳର ଗଣେଶ କୁମାର ରାଉତ(୨୫)।

ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକଙ୍କ ସୂଚନା ଅନୁଯାୟୀ, ବେଆଇନ ସିମ୍‌କାର୍ଡ ବ୍ୟବସାୟ କରି ସାଇବର ଅପରାଧୀଙ୍କୁ ଯୋଗାଇବା ଅଭିଯୋଗରେ ଦିଲ୍ଲୀ ସାହିନବାଗ ପୋଲିସ ଗତ ଡିସେମ୍ବର ୧୦ରେ ମଞ୍ଜୁରୀରୋଡ୍ ଅଞ୍ଚଳରୁ ଅଭିଯୁକ୍ତ ସନ୍ତୋଷ ଖଣ୍ଡେଇଙ୍କୁ ଗିରଫ କରିବା ପରେ ସ୍ଥାନୀୟ ପୋଲିସ ଏହି କାରବାର ଉପରେ ଦୃଷ୍ଟି ରଖିଥିଲା। ସନ୍ତୋଷଙ୍କୁ ଦିଲ୍ଲୀ ପୋଲିସ ସ୍ଥାନୀୟ ଥାନାରେ ପଚରାଉଚରା କରିବା ସମୟରେ ମଞ୍ଜୁରୀରୋଡ୍ ଫାଣ୍ଡି ଅଧୀନ କୁଲଣା ଗ୍ରାମର ଦିଲୀପ, ବିଶୋଳ ଶାସନର ରମେଶ ଓ ଅନ୍ୟମାନଙ୍କ ସମ୍ପୃକ୍ତି ଜଣାପଡ଼ିଥିଲା। ଏହି କାରବାରରେ ସମ୍ପୃକ୍ତ ଥିବା ସମସ୍ତଙ୍କୁ ଧରିବା ପାଇଁ ଏସ୍‌ପି ମନୋଜ ରାଉତ ନିର୍ଦ୍ଦେଶ ଦେଇଥିଲେ। ସେହି ସମୟରେ ଏହି ବେଆଇନ କାରବାରରେ ସମ୍ପୃକ୍ତ ବ୍ୟକ୍ତିମାନେ ଫେରାର ହୋଇଯାଇଥିଲେ। ଦିଲୀପ 'ଏୟାରଟେଲ ମିତ୍ରା'ର ଅଧିକୃତ ସିମ୍‌କାର୍ଡ ବିକ୍ରେତା ଥିଲେ। 'ଇଲେକ୍ଟ୍ରୋନିକ୍ କଷ୍ଟମର ଆପ୍ଲିକେଶନ ଫର୍ମ', କେୱାଇସି, ବାୟୋମେଟ୍ରିକ ଯାଞ୍ଚ ଆଦି ସମସ୍ତ ନୀତିନିୟମକୁ ଏଡ଼ାଇ ଏବଂ ନିରୀହ ଲୋକଙ୍କ ଅଜାଣତରେ ସେମାନଙ୍କ ଆଧାରକାର୍ଡକୁ ଉପଯୋଗ କରି ଗୋଟିଏ ଆଧାର କାର୍ଡରେ ଏକାଧିକ ସିମ୍‌କାର୍ଡ ଆକ୍ଟିଭ କରିବା ସହ ଏହାକୁ ବହୁ ଦାମ୍‌ରେ ବିକ୍ରୟ କରିଆସୁଥିଲେ। ବେଆଇନ ସିମ୍‌କାର୍ଡ ସାଇବର ଅପରାଧରେ ଉପଯୋଗ ହେଉଥିଲା। ପଞ୍ଜାବ ଏସ୍‌ଏଏସ୍(ସାହିବଜାଦା ଅଜିତ ସିଂ) ନଗର ଥାନାରେ ଗତ ସେପ୍ଟେମ୍ବର ୨୫ରେ ସାଇବର ମାମଲା (ନଂ.୧୯/୨୫)ରେ ଅଭିଯୁକ୍ତ ଭାବେ ସ୍ଥାନୀୟ ଅଞ୍ଚଳର ୩ଜଣ ଥିବା ଜଣାପଡ଼ିବା ପରେ ପୋଲିସର ମୁଣ୍ଡବିନ୍ଧା ଆରମ୍ଭ ହୋଇଥିଲା। ପଞ୍ଜାବ ପୋଲିସ ଗତ ୬ ତାରିଖରେ ଆସି କୁଲଣା ଓ ଚନ୍ଦ୍ରଭାନୁପୁର ଗ୍ରାମରେ ଚଢ଼ାଉ କରିବା ସହ ଫେରାର ଅଭିଯୁକ୍ତଙ୍କ ନାମରେ ନୋଟିସ ଜାରି କରିଥିଲା। ଜାଲ୍ ସିମ୍‌କାର୍ଡ ବେପାରୀଙ୍କୁ ଧରିବା ପାଇଁ ପୋଲିସ କୁଲଣା, ବିଶୋଳ ଆଦି ଅଞ୍ଚଳରୁ ପର୍ଯ୍ୟାୟକ୍ରମେ ସନ୍ଦିଗ୍ଧଙ୍କୁ ଉଠାଇନେଇ ପଚରାଉଚରା କରିଥିଲା। ଏହି ସମୟରେ କେତେଜଣ ନେତା ଅଟକ ଥିବା ସନ୍ଦିଗ୍ଧଙ୍କ ସପକ୍ଷରେ ଥାନାକୁ ଯାଇ ପୋଲିସ ଉପରେ ଚାପ ପ୍ରୟୋଗ କରିଥିଲେ। ଗତ ୧୦ ତାରିଖରେ ସବ୍‌ଇନ୍ସପେକ୍ଟର ଗଣନାଥ ସେଠୀଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା(ନଂ.୧୪/୨୬) ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ଏହି ର୍‌ୟାକେଟରେ ବହୁ ବ୍ୟକ୍ତି ସମ୍ପୃକ୍ତ ଥିବା ଥାନାଧିକାରିଣୀ ନାୟକ କହିଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**
ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଝୁମୁରି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।

# ସତୀଗୁଡ଼ା ଜଳଭଣ୍ଡାରରେ ଛଡ଼ାଗଲା ୭ ଲକ୍ଷ ମାଛ ଯାଆଁଳ

**ମାଲକାନଗିରି,୧୨।୧ (ଦୁର୍ଯ୍ୟୋଧନ ପାତ୍ର)**

ମତ୍ସ୍ୟ ବିଭାଗ ତରଫରୁ ମାଲକାନଗିରି ଜିଲା ସଦର ମହକୁମାଠାରୁ ୫ କିଲୋମିଟର ଦୂରରେ ଅବସ୍ଥିତ ଜୟପୁର ମୋଟୁ ମୁଖ୍ୟ ଜାତୀୟ ରାଜପଥ କଡ଼ରେ ଥିବା ସତୀଗୁଡ଼ା ଜଳଭଣ୍ଡାରରେ ସୋମବାର ୭ ଲକ୍ଷ ୧୦ ହଜାର ଅଙ୍ଗୁଳିକା ମାଛ ଯାଆଁଳ ଛଡାଯାଇଛି । ଏହି ଯାଆଁଳ ୪ମାସ ମଧ୍ୟରେ ଅଧା କେଜିରୁ ଊର୍ଦ୍ଧ୍ୱ ବୃଦ୍ଧି ପାଇବ । ଫଳରେ ସତିଗୁଡା ମତ୍ସ୍ୟଜୀବୀ ସମବାୟ ସମିତିର ସମସ୍ତ ମତ୍ସ୍ୟଜୀବୀ ଏଥିରେ ଉପକୃତ ହେବା ସହ ନିଜର ଆର୍ଥିକ ମାନଦଣ୍ଡ ବୃଦ୍ଧି କରିପାରିବେ ବୋଲି ଜିଲା ମତ୍ସ୍ୟ ଅଧିକାରୀ ସୁଧାଂଶୁ କୁମାର ମଲ୍ଲିକ ପ୍ରକାଶ କରିଛନ୍ତି।

ବିଶେଷକରି ଯାଆଁଳଙ୍କୁ ଉପଯୁକ୍ତ ଖାଦ୍ୟ ଦେବା ସହ ସେମାନଙ୍କର ସୁରକ୍ଷା ଉପରେ ଗୁରୁତ୍ୱ ଦେବା ପାଇଁ ମତ୍ସ୍ୟ ସମବାୟ ସମିତି ଆଗେଇ ଆସିବା ଉଚିତ ବୋଲି ସେ କହିଛନ୍ତି। ଫଳରେ ମାଛ ପାଇଁ ମାଲକାନଗିରି ଜିଲା ସୀମାନ୍ତ ଆନ୍ଧ୍ରପ୍ରଦେଶ ଉପରେ ନିର୍ଭର ନ କରି ଜିଲାର ଚାହିଦା ମେଣ୍ଟାଇବା ସହ ଅନ୍ୟ ଜିଲା ଏବଂ ରାଜ୍ୟକୁ ମାଛ ରପ୍ତାନି କରିପାରିବେ । ମତ୍ସ୍ୟଚାଷର ଉନ୍ନତି, ବିକାଶ ଏବଂ ମତ୍ସ୍ୟଜୀବୀଙ୍କ ସମସ୍ତ ସୁବିଧା ସରକାର ବହନ କରୁଛନ୍ତି। ଗ୍ରାମାଞ୍ଚଳର ମାଛଚାଷୀ ନିଜ ପୋଖରୀରେ ବିଭାଗ ତରଫରୁ ଯାଆଁଳ ସଂଗ୍ରହ କରି ମାଛ ଚାଷ କରିପାରିବେ ବୋଲି ମତ୍ସ୍ୟ ଅଧିକାରୀ ମଲ୍ଲିକ୍ କହିଛନ୍ତି। ତେବେ ମାଲକାନଗିରି ସରକାରୀ ମତ୍ସ୍ୟ ଯାଆଁଳ ପ୍ରସ୍ତୁତି କେନ୍ଦ୍ରରୁ ୬ ଲକ୍ଷ ୧୦ ହଜାର ଓ କାଲିମେଳା ସରକାରୀ ମତ୍ସ୍ୟ ଯାଆଁଳ କେନ୍ଦ୍ରରୁ ୧ ଲକ୍ଷ ଯାଆଁଳ ସଂଗ୍ରହ କରାଯାଇ ଜଳଭଣ୍ଡାରରେ ଛଡ଼ାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସହକାରୀ ମତ୍ସ୍ୟ ଅଧିକାରୀ ଶାଶ୍ୱତ ମହାନ୍ତି, ମତ୍ସ୍ୟ ସମବାୟ ନିରୀକ୍ଷକ ସଂଗ୍ରାମ କେଶରୀ ବିଶ୍ୱାଳ, ସିନ୍ଧ୍ରିମାଳ ସରପଞ୍ଚ ଘାସିରାମ ନାୟକ, ସତୀଗୁଡା ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିର ସଭାପତି, ସମ୍ପାଦକ ତଥା ସଦସ୍ୟମାନେ ଉପସ୍ଥିତ ଥିଲେ।



ସତୀଗୁଡା ଜଳଭଣ୍ଡାରେ ନିକଟରେ ମତ୍ସ୍ୟ ବିଭାଗ ଅଧିକାରୀଙ୍କ ସହ ଅନ୍ୟମାନେ।

# ଧୁଳିପୁଟରେ ୮୪ ଅଭିଯୋଗ ଶୁଣିଲେ ଜିଲାପାଳ


ହିତାଧିକାରୀଙ୍କ ସହ ପ୍ରଶାସନିକ ଅଧିକାରୀ।

**ଚିତ୍ରକୋଣ୍ଡା,୧୨।୧(ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠି)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଧୁଳିପୁଟ ସଦର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଚିତ୍ରକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିତା କୁମାର ଓ ଏସ୍‌ଡିପିଓ ପ୍ରଦୋଷ ପ୍ରଧାନ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୮୪ଟି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ୩୪ଟି ବ୍ୟକ୍ତିଗତ ଓ ୫୦ଟି ଗ୍ରାମ ସମସ୍ୟା ରହିଥିଲା ଏହି ପରିପ୍ରେକ୍ଷୀରେ ୨୯ ଜଣଙ୍କୁ ବସୁନ୍ଧରା ଯୋଜନାରେ ଘରଡିହ ପଟ୍ଟା ଓ ୨୭ ଜଣଙ୍କୁ ଶ୍ରମ କାର୍ଡ ପ୍ରଦାନ କରାଯାଇଥିଲା। ୧୮ଜଣ ଶ୍ରମିକ କାର୍ଡ ନବୀକରଣ କରାଯାଇଛି। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲାସ୍ତରୀୟ ଅଧିକାରୀ, ବିଡିଓ ଓ ତହସିଲଦାର ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣି ପରେ ସମସ୍ତ ଅଧିକାରୀ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନରେ ଯାଇ ମଧ୍ୟାହ୍ନ ଭୋଜନର ମାନ ପରଖିଥିଲେ।

# ଲୋକ ସଂସଦ ପକ୍ଷରୁ ଯୁବ ଦିବସ ପାଳିତ

**କାଲିମେଲା, ୧୨।୧(ଜୀବନ କୃଷ୍ଣ ଦାସ )**

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ପକ୍ଷରୁ ମାଲକାନଗିରି ଜିଲା କାଲିମେଲା ସଦର ମହକୁମାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ସୋମବାର ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି । ଲୋକ ସଂସଦର କୋର୍ଡିନେଟର ପିତାମ୍ବର ପାଣିଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ବାରୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ବାରୋଇ, ଖବରଦାତା ଜୀବନ କୃଷ୍ଣ ଦାସ, ଶିକ୍ଷକ ଧ୍ରୁବ ଚରଣ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିବା ସହ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ଥିବା ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପୂର୍ବରୁ ଆୟୋଜିତ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।


ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ବାଲିମେଳାରେ ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ ଆରମ୍ଭ



ଲୋକଙ୍କଠାରୁ ରକ୍ତ ନମୁନା ସଂଗ୍ରହ କରାଯାଉଛି।

**କୋରୁକୋଣ୍ଡା,୧୨।୧(ଶିବଦତ୍ତ ସାହୁ)**

ମାଲକାନଗିରି ଜିଲାରୁ ଫାଇଲେରିଆ ରୋଗକୁ ସମ୍ପୂର୍ଣ୍ଣ ଭାବେ ଲୋପ କରାଯାଇ ଜିଲାକୁ ଫାଇଲେରିଆମୁକ୍ତ ଜିଲା ଭାବେ ଘୋଷଣା କରାଯିବା ପାଇଁ ଉଦ୍ୟମ ଜାରି ରହିଛି। ଏହି କ୍ରମରେ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦର ୱାର୍ଡ ନଂ . ୮ର ଓଡ଼ିଆ ସାହି ଏବଂ ୱାର୍ଡ ନଂ. ୯ର ଏସ୍‌ଆର୍ ଲାଇନ ଅଙ୍ଗନୱାଡି କେନ୍ଦ୍ରଠାରେ କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଫାଇଲେରିଆ ନିରାକରଣ ଅଭିଯାନ ଆରମ୍ଭ ହୋଇଛି। ଫାଇଲେରିଆ ସର୍ବେକ୍ଷଣ କାର୍ଯ୍ୟକ୍ରମରେ ୨୦ ବର୍ଷରୁ ଅଧିକ ପୁରୁଷ ଓ ମହିଳାଙ୍କ ରାତ୍ରିକାଳୀନ ରକ୍ତ ନମୁନା ସଂଗ୍ରହ କରାଯାଇଛି । ମୁଖ୍ୟତଃ ଫାଲେରିଆ ରୋଗ ସଂକ୍ରମଣ ଯେଉଁ ଜୀବାଣୁ ଦ୍ୱାରା ହୋଇଥାଏ, ତାହା ସନ୍ଧ୍ୟାଠାରୁ ରାତି ମଧ୍ୟରେ ଅଧିକ ସକ୍ରିୟ ହୋଇଥାଏ । ଅନ୍ୟପକ୍ଷରେ ସଂପୃକ୍ତ ଏହି ୱାର୍ଡରେ ହାତଗଣତି ଭାବେ ଫାଇଲେରିଆ ରୋଗୀ ରହିଥିବା ଯୋଗୁ ତା'ର ପ୍ରଭାବ କାଳେ ରହିଥିବ, ତେଣୁ ନିର୍ଦ୍ଧାରିତ ତାରିଖ ଅନୁସାରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏହି ରକ୍ତ ନମୁନା ସଂଗ୍ରହ କରାଯାଇଛି। ଜିଲା ଭେକ୍ଟରବାହିତ ରୋଗ ନିୟନ୍ତ୍ରଣ ପରାମର୍ଶଦାତା ମହେଶ ଯାଦବ ଏବଂ ବ୍ଲକ ମଶାବାହିତ ରୋଗ ପର୍ଯ୍ୟବେକ୍ଷକ ପ୍ରସନ୍ନ କୁମାର ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏଲ୍.ଟି .ଅରୁଣ, ଲେଲିନ ମିଶ୍ର ଓ ଲକ୍ଷ୍ମୀ ନାରାୟଣ ଦାସଙ୍କ ମିଳିତ ଉଦ୍ୟମରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି। ମହିଳା ସ୍ୱାସ୍ଥ୍ୟକର୍ମୀ ନଳିନୀପ୍ରଭା ଜେନା, ଅର୍ଚ୍ଚନା ସରକାର ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଅମିୟ କୁମାର ମହାନ୍ତି, ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଜିଲାର ସବୁ ବିଦ୍ୟାଳୟରେ ବନ୍ଦେ ମାତରମ୍ କାର୍ଯ୍ୟକ୍ରମ

**ମାଲକାନଗିରି,୧୨।୧ (ଦୁର୍ଯ୍ୟୋଧନ ପାତ୍ର)**

ଜାତୀୟ ଯୁବ ଦିବସ ଉପଲକ୍ଷେ ମାଲକାନଗିରି ଜିଲାର ସମସ୍ତ ବିଦ୍ୟାଳୟରେ ସୋମବାର ବନ୍ଦେ ମାତରମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ର ବନ୍ଦେ ମାତରମ୍ ଗାନ କରିବା ସହ ଆତ୍ମନିର୍ଭର ଭାରତ, ସ୍ୱଦେଶୀ ସଂକଳ୍ପ ପାଠ କରିଥିଲେ। ଜିଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟେକ ବିଦ୍ୟାଳୟରେ ଜଣେ ଛାତ୍ରଙ୍କୁ ଆତ୍ମନିର୍ଭର ଭାରତ ଆମ୍ବାସାଡର ଭାବରେ ମନୋନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।


ଛାତ୍ରୀଛାତ୍ର ଭାରତ ମାନଚିତ୍ର ଆକୃତିରେ ଛିଡାହୋଇ ବନ୍ଦେ ମାତରମ ଗାନ କରୁଛନ୍ତି ।

**Classified Everyday**
0674-2580101, 9692975378


REAL ESTATE
**SALE**

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

Own GHARABARI residential plot 3100Sqft. with compound wall & Electricity at Brahmanjharilo, 7km from Phulanakhara Cuttack & 12km from BBSR. Total Rs 41lakhs (Including Registration charges), 7809525452. D-232


FOR RENT

3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777


Healthcare

Wellness relax body massage & jointpain treatment by traind therapist. 7008773793. D-3034

All types of physiotherapy and massage. Contact: 9556924059/ 7656969134. D-3075

**AFFIDAVIT**

By virtue of an affidavit sworn before Executive Magistrate, Nayagarh, dated- 10.11.2025, I, TULU SAHOO, S/o.- SATRUGHANA SAHOO, At/P.O.- Saradhapur, P.S.- Itamati, Dist.- Nayagarh, PIN- 752068 declare that I have changed my name from SULU SAHOO to TULU SAHOO. Henceforth, I shall be known as TULU SAHOO for all purposes.
TULU SAHOO
D- 3089

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

By virtue of an affidavit sworn before the Executive Magistrate, Bhubaneswar, dated- 12.01.2026, I, Farzana Rahman, At- 15A, Bapuji Nagar, P.O.- Ashok Nagar, P.S.- Capital, Bhubaneswar-751009, Dist.- Khurda, Odisha declare that I have changed my name from Farzana Tabassum to Farzana Rahman. Henceforth, I shall be known as Farzana Rahman for all purpose.
Farzana Rahman
D- 234

By virtue of an affidavit sworn before Notary Public, Bhubaneswar, Khordha, dated- 12.01.26, I, Snehamayee Swain, Address: At- Mangarajpur, P.O.- Sankhameri, P.S.- Badamba, Dist.- Cuttack, Odisha, PIN- 754031 declare that I have changed my name from Snehamayee Baral to Snehamayee Swain. Henceforth, I shall be known as Snehamayee Swain for all purposes.
(Snehamayee Swain)
D- 3090

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit No. 131 sworn before Executive Magistrate, Dhenkanal, dated- 06.01.2026, I, Kalpana Panda, At- Balyamba, P.O.- Sarakpatana, Dist.- Dhenkanal, Odisha, PIN- 759015 declare that I have changed my name from "Kalpana Deep" to "Kalpana Panda". Henceforth, I shall be known as "Kalpana Panda" for all purposes.
Kalpana Panda
D- 3091

By virtue of an Affidavit sworn before Notary Public, Bhubaneswar, dtd.- 09.01.2026, I, "DEBARATI SINHA" (New name), Address: At- Plot No. 231/B, Samarpana Lane- 2, Aerodrum Area near Nabin Niwas, P.S.- Aerodrum, Bhubaneswar-751020, Dist.- Khordha, Odisha declare that I have changed my name from "DEBARATI BANERJEE" (Old name) to "DEBARATI SINHA (New name). Henceforth, I shall be known as "DEBARATI SINHA" (New name) for all purposes.
Debarati Sinha
(New name)
D- 3092

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**ମନେ ପଡ଼ନ୍ତି**

**ସ୍ମୃତି ତର୍ପଣ**

ସ୍ୱ ଦୈତ୍ୟାରୀ ବେହେରା
ପ୍ଲଟ୍ ନଂ.୨୧୨୦, ସବରସାହି ଲେନ୍, କଳ୍ପନା ଏରିଆ, ଭୁବନେଶ୍ୱର
ଆଜି ଆପଣଙ୍କ ପବିତ୍ର ୩୧ତମ ଶ୍ରାଦ୍ଧ ବାର୍ଷିକୀରେ ଆମ୍ଭମାନଙ୍କର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
ବନ୍ଧୁ ଓ ପରିବାରବର୍ଗ
D-3093

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ସ୍ୱରବୀନ୍ଦ୍ର କୁମାର ମହାନ୍ତି
ଆବିର୍ଭାବ- ୦୨।୦୪।୧୯୫୯
ତିରୋଧାନ- ୨୪।୦୧।୨୦୨୫
ଆପଣଙ୍କ ଅମରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
D- 3086

**ଏକାଦଶାହ ଉପଲକ୍ଷେ**

ସ୍ୱ ସ୍ୱର୍ଣ୍ଣପ୍ରଭା ମହାନ୍ତି
ସୂର୍ଯ୍ୟବଂଶୀ ଭବନ, ପଳାଶୁଣୀ, ଭୁବନେଶ୍ୱର
ଆବିର୍ଭାବ : ୧୯.୦୬.୧୯୫୩
ତିରୋଧାନ : ୦୩.୦୧.୨୦୨୬
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ।।
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ
ହତଭାଗ୍ୟ ସ୍ୱାମୀ-ବଂଶୀଧର, ପୁତ୍ର-ସୁଜିତ, ବିଶ୍ୱଜିତ, ରଣଜିତ, ପୁତ୍ରବଧୂ-ଈପ୍ସିତା, ସୁଲକ୍ଷଣା, ଶୁଚିସ୍ମିତା, ଝିଅ-ସ୍ନେହାଞ୍ଜଳି, ଜ୍ୱାଇଁ-ସୁବ୍ରତ, ନାତି-ଓମ୍, ସୁଲିନ, ଅଙ୍କିତ, ନାତୁଣୀ-ସାଇନା ଓ ସୁହାନା
D-3087

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ସ୍ୱତଅପୋଇ ସାହୁ
ସ୍ଥାନ: ବାଲକାଟି (ଦିପୋଟି ସାହି)
ଆପଣଙ୍କ ଅମରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ: କ୍ଷେତ୍ରବାସୀ ସାହୁ,
ପୁତ୍ର: ବସନ୍ତ କୁମାର ସାହୁ (ବାବୁଲି), ଶରତ କୁମାର ସାହୁ, ଦୁଃଖିତ ବନ୍ଧୁ ଓ ପରିବାରବର୍ଗ।
D- 3087

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ସ୍ୱରୋଜାଲିନ୍ ସାହୁ
ସ୍ଥାନ: ବାଲକାଟି (ଦିପୋଟି ସାହି)
ଆପଣଙ୍କ ଅମରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ: ଶରତ କୁମାର ସାହୁ,
ପୁତ୍ର: କାର୍ତ୍ତିକ ସାହୁ, ରାକେଶ ସାହୁ,
ଝିଅ: ପ୍ରୀତିକା ସାହୁ, ପ୍ରିୟାଂଶୀ ସାହୁ ଏବଂ ଦୁଃଖିତ ବନ୍ଧୁ ଓ ପରିବାରବର୍ଗ।
D- 3088

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଅଫିସ୍ ଷ୍ଟ୍ରେସ୍

"ଅଫିସ୍ କାମକୁ ନେଇ ଅନେକେ ଟେନ୍‌ସନରେ ରହନ୍ତି। ହେଲେ ଏହାଦ୍ୱାରା ସେମାନେ ନିଜ କାମକୁ ଠିକ୍ ଭାବରେ ତୁଲାଇପାରନ୍ତି ନାହିଁ । ତେଣୁ କାମ ବୋଝ ବଢ଼ିଯାଇଥାଏ। ତେବେ ନିଜକୁ ଅଫିସ ଷ୍ଟ୍ରେସ୍‌ଠାରୁ କିପରି ଦୂରେଇ ରଖିବେ ଏବଂ ସେଠାରେ ନିଜ କାମକୁ କିପରି ଠିକ୍ ଭାବରେ ତୁଲାଇବେ ଜାଣନ୍ତୁ ଏ ସମ୍ପର୍କରେ..."



ଆଜିକାଲି ଅନେକ ମହିଳା ସ୍ୱାବଲମ୍ବୀ ହେଲେଣି। ଘରେ ବସି କୌଣସି କର୍ମସଂସ୍ଥାନଟିଏ ଖୋଲି ଅବା ବାହାରେ ଚାକିରିଟିଏ କରି ସେମାନେ ରୋଜଗାର କରୁଛନ୍ତି। ବିଶେଷଭାବରେ ଜଣେ ଗୃହିଣୀ ଯେତେବେଳେ ଚାକିରି କରନ୍ତି ସେତେବେଳେ ତାଙ୍କୁ ବିଭିନ୍ନ ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ଏଣେ ଘର କାମ, ତା'ସହ ସେପଟେ ଅଫିସ୍‌ର କାମ-ଏ ଦୁଇଟିକୁ ବେଶ୍ ସମାନ୍ତରାଳ ଭାବରେ ଆଗକୁ ଆଗେଇ ନେବାକୁ ପଡ଼ିଥାଏ। ଅଫିସ୍‌ରେ କାମର ଚାପକୁ ନେଇ କେତେଜଣ କର୍ମଜୀବୀ ଟେନ୍‌ସନରେ ଥାଆନ୍ତି। ହେଲେ ଏଥିପାଇଁ ଯଦି ସୁଚିନ୍ତିତ ଯୋଜନା ମୁତାବକ ଆଗକୁ ଆଗାନ୍ତି ତେବେ ଏପରି ଚାପ ବା ଷ୍ଟ୍ରେସ୍‌ଠାରୁ ସେମାନେ ଅନେକାଂଶରେ ନିଜକୁ ଦୂରେଇ ରଖିପାରିବେ। ଏପରି କିଛି ସରଳ ଉପାୟ ରହିଛି ଯାହାକୁ କର୍ମଜୀବୀମାନେ ଆପଣେଇ ପାରିଲେ ନିଜର ଅଫିସ ଷ୍ଟ୍ରେସ୍ ସମସ୍ୟାକୁ ସହଜରେ ସମାଧାନ କରିପାରିବେ। ସେଭଳି କେତୋଟି ଟିପ୍ସ ନିମ୍ନରେ ଦିଆଯାଉଛି।

**ଦୈନନ୍ଦିନ ରୁଟିନ୍ ପ୍ରସ୍ତୁତ କରନ୍ତୁ**
ଦିନ ଆରମ୍ଭରୁ ଏକ ରୁଟିନ୍ ପ୍ରସ୍ତୁତ କରନ୍ତୁ। ନିୟମିତ ସମୟରେ ଉଠିବା, ଖାଇବା, ଶୋଇବା ଶରୀରକୁ ମନକୁ ସ୍ଥିରତା ଦେଇଥାଏ।

**ପର୍ଯ୍ୟାପ୍ତ ପରିମାଣରେ ପାଣି ପିଅନ୍ତୁ**
ଡିହାଇଡ୍ରେସନ୍ ଶରୀରରେ ଥକ୍କାପଣ, ଚିଡ଼ାଚିଡ଼ା ଭାବ ଏବଂ ଧ୍ୟାନର କମ୍ ଦେଖିବାକୁ ମିଳିଥାଏ। ଅଫିସ୍‌ରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ପାଣି ପିଅନ୍ତୁ। ଏହା ସ୍ୱାସ୍ଥ୍ୟ ପାଇଁ ଜରୁରୀ। ଏହାଦ୍ୱାରା କିଛି ପରିମାଣରେ ଷ୍ଟ୍ରେସ୍ କମ୍ ହୋଇଥାଏ।

**ଭଲ ସ୍ଲିପ୍ ରୁଟିନ୍ ପ୍ରସ୍ତୁତ କରନ୍ତୁ**
୭/୮ ଘଣ୍ଟାର ନିଦ୍ରା ମେଣ୍ଟାଲ ହେଲ୍‌ଥ ପାଇଁ ଜରୁରୀ। ଶୋଇବା ପୂର୍ବରୁ ସ୍କ୍ରିନ୍ ଟାଇମ୍ କମ୍ କରନ୍ତୁ। ନିଶାଦ୍ରବ୍ୟଠାରୁ ନିଜକୁ ଦୂରେଇ ରଖନ୍ତୁ ଏବଂ ଶାନ୍ତ ବାତାବରଣରେ ଶୁଅନ୍ତୁ।

**ହେଲ୍‌ଦୀ ମେକାନିଜମ୍ ଆପଣାନ୍ତୁ**




ଷ୍ଟ୍ରେସ୍‌ରେ ରାଗିବା ଏବଂ ସୋସିଆଲ ମିଡିଆ ସ୍କ୍ରଲ୍ କରିବା ପରିବର୍ତ୍ତେ ମଝିରେ ଛୋଟ ବ୍ରେକ୍ ନିଅନ୍ତୁ, ଏହି ସମୟରେ ଚାଲନ୍ତୁ କିମ୍ବା କୌଣସି ସହକର୍ମୀଙ୍କ ସହ କଥା ହୋଇପାରିବେ।

**ଡିପ୍ ବ୍ରିଦିଂ ମାଇଣ୍ଡଫୁଲ୍‌ନେସ୍ ଆକ୍ଟିଭିଟି କରନ୍ତୁ**
୫ରୁ ୧୦ମିନିଟ୍ ଜୋର୍ ଜୋର୍‌ରେ ନିଃଶ୍ୱାସ ନେବାର ଟେକ୍‌ନିକ୍ ଦ୍ୱାରା କିମ୍ବା ମାଇଣ୍ଡଫୁଲ୍ ନେସ୍ ଏକ୍ସରସାଇଜ୍ କରିବା ଦ୍ୱାରା ଏହା ଚିନ୍ତା ଦୂରକରିବାରେ ସାହାଯ୍ୟ କରିବ। ଅଫିସ୍ ମଝିରେ୨ମିନିଟ୍ ବ୍ରିଦିଂ ବ୍ରେକ୍ ନେବା ନିହାତି ଜରୁରୀ।

**ସମାଜ ସହ ଜଡ଼ିତ ରୁହନ୍ତୁ**
ଲଞ୍ଚ ବ୍ରେକ୍ ସମୟରେ ହାଲ୍‌କା ଫୁଲ୍‌କା ପରସ୍ପର ମଧ୍ୟରେ କଥାବାର୍ତ୍ତା ହେବା ଦ୍ୱାରା ମାନସିକ ବୋଝ କମ୍ ହୋଇଥାଏ । ସାମାଜିକ ଭାବେ ଜଡ଼ିତ ରହିବା ଯୋଗୁ ଏହା କିଛି ପରିମାଣରେ ଅବସାଦ ଦୂର କରିବାରେ ସାହାଯ୍ୟ କରେ।

**ଫେଭ୍‌ରେଟ୍ ଆକ୍ଟିଭିଟି କରନ୍ତୁ**
ୱିକେଣ୍ଡରେ କାମ ପରେ ନିଜ ପସନ୍ଦର



ଆକ୍ଟିଭିଟି ଯେପରି ସ୍ପୋର୍ଟ୍ସ ,ମ୍ୟୁଜିକ୍ ଏବଂ ପରିବାର ସହ ସମୟ ବିତାଇବା , ଏହା ମନକୁ ରିଫ୍ରେଶ କରିଥାଏ।

**କାମ ମଧ୍ୟରେ ଛୋଟ ବ୍ରେକ୍ ନିଅନ୍ତୁ**
ଲଗାତର କେତେ ସମୟ ପର୍ଯ୍ୟନ୍ତ କାମ କରିବା ଦ୍ୱାରା ମସ୍ତିଷ୍କ ଥକିଯାଏ। ପ୍ରଡକ୍ଟିଭିଟି କମ୍ ହେବାକୁ ଲାଗିଥାଏ। ପ୍ରତି ଘଣ୍ଟାରେ ଥରେ ୨/୩ ମିନିଟ୍ ବ୍ରେକ୍ ନିଅନ୍ତୁ। ନିଃଶ୍ୱାସ ନିଅନ୍ତୁ, ଷ୍ଟ୍ରେଚ୍ କରନ୍ତୁ । ଏହି ଛୋଟ ବ୍ରେକ୍ ମାନସିକ ଫୁର୍ତ୍ତିକୁ ରିସେଟ୍ କରିଥାଏ, ଚିନ୍ତାମୁକ୍ତ କରିଥାଏ।

**ଏକ୍ସପର୍ଟଙ୍କ ସହ କନ୍‌ସଲ୍ଟ କରନ୍ତୁ**
ଷ୍ଟ୍ରେସ୍ ମ୍ୟାନେଜମେଣ୍ଟ ଏକ ସ୍କିଲ୍। ଯାହାକୁ ନିରନ୍ତର ଅଭ୍ୟାସ ଦ୍ୱାରା ମଜଭୁତ କରାଯାଇପାରିବ। ଯଦି ଅଫିସ୍ ଷ୍ଟ୍ରେସ୍ ଲଗାତର ବଢ଼ୁଛି ତେବେ ଏହା ଆପଣଙ୍କ ପର୍ସନାଲ୍ ଲାଇଫ୍‌କୁ ପ୍ରଭାବିତ କରିବା ସମ୍ଭାବନା ରହିଛି। ତେବେ ଏଥିପାଇଁ ମେଣ୍ଟାଲ ହେଲ୍‌ଥ ଏକ୍ସପର୍ଟଙ୍କ ସହ ପରାମର୍ଶ କରନ୍ତୁ। କାମ ସହ ନିଜ ମନର ମଧ୍ୟ ଧ୍ୟାନ ରଖିବା ଆବଶ୍ୟକ। ଜୀବନକୁ ସଫଳତା କରିବାରେ ଏହା ହେଉଛି ଏକ ମନ୍ତ୍ର।

## ଏମାନେ କ'ଣ କରନ୍ତି

**ଅଫିସ୍ ଷ୍ଟ୍ରେସ୍‌ଠାରୁ ଦୂରେଇ ରହିବାକୁ ଚେଷ୍ଟାକରେ**



ଯେହେତୁ ଚାକିରି କରିଛି ତେଣୁ ମୋତେ ଘର କାମ ସହ ଚାକିରି ପ୍ରତି ଦୃଷ୍ଟିଦେବାକୁ ହୋଇଥାଏ। ଅଫିସରେ ତ କାମର ଚାପ ନିଶ୍ଚୟ ରହିବ। ହେଲେ ତାକୁ ନେଇ କେବେ ବିଚଳିତ ହୁଏନା। କେଉଁ ଦିନ ଅଫିସ୍‌ରେ କିପରି କାମ କରିବି ସେ ନେଇ ସେଦିନ ସକାଳୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନିଏ। ଯେତେ ସମ୍ଭବ ଅଫିସ୍ ଷ୍ଟ୍ରେସ୍‌ଠାରୁ ନିଜକୁ ଦୂରେଇ ରଖିବାକୁ ଚେଷ୍ଟାକରେ। ଏଥିପାଇଁ ମୁଁ ଡେଲି ରୁଟିନ୍ ପ୍ରସ୍ତୁତକରି ତାହାକୁ ଠିକ୍ ଭାବରେ ଅନୁସରଣ କରେ।

*-ଟିଙ୍କା ନାୟକ, କର୍ମଜୀବୀ, ଗଜାନନ୍ ଟାୱାର, ବୁଦ୍ଧ ନଗର, ଭୁବନେଶ୍ୱର*


**ଅଫିସ କାମକୁ ନେଇ ଟେନ୍‌ସନ ହୋଇ ନ ଥାଏ**



ମୁଁ ଜଣେ କର୍ମଜୀବୀ ମହିଳା। ଘର ଆଉ ଅଫିସ୍ ଦୁଇଟି ବାଲାନ୍ସ କରି ଚଳିବାକୁ ପଡ଼େ। ଘରେ ମୋ ସ୍ୱାମୀ ଓ ଶାଶୁ ରୁହନ୍ତି। ଝିଅ ବାହାରେ ରହି ଚାକିରି କରୁଛି। ଘରକାମ ସାରି ଅଫିସ୍ ପୁଣି ଯିବାକୁ ହୋଇଥାଏ। ଅଫିସ୍ କାମ ଭିତରେ ଏତେ ଦାୟିତ୍ୱ ରହିଯାଏ ଯେ ଆଉ ଘର କଥା ଜମା ମନେପଡ଼େନି। ପୁଣି ଘରକୁ ଆସିଲା ପରେ ଅଫିସ୍ କଥାକୁ ଭୁଲି ଘର କାମରେ ଲାଗିପଡ଼େ। ଏଇ ଅଫିସ୍ କାମ ଓ ଘରକାମ ଭିତରେ ନିଜ ପାଇଁ ଟିକେ ସମୟ ଦେଇ ହୁଏନି। ସେ ଯାହା ହେଉ ଘର ଆଉ ଅଫିସ୍ ଦୁଇଟିକୁ ମ୍ୟାନେଜ୍ କରି ଜୀବନଟା ସୁରୁଖୁରୁରେ ଚାଲିଛି। ଅଫିସରେ କାମ କରିବା ବେଳେ ନିଜକୁ ଟେନ୍‌ସନଠାରୁ ଯେତେ ସମ୍ଭବ ଦୂରେଇ ରଖିବାକୁ ଚେଷ୍ଟାକରେ। ନିଜର ପ୍ରସ୍ତୁତ ଯୋଜନା ମୁତାବକ ସବୁବେଳେ ଚାଲିଥାଏ, ଫଳରେ ମୋତେ ଅଫିସ୍ ଷ୍ଟ୍ରେସ୍ ସେତେଟା ଅନୁଭବ ହୋଇ ନ ଥାଏ।

*-ସ୍ୱପ୍ନା ମଞ୍ଜରୀ ଦାଶ*
*କର୍ମଜୀବୀ, ଡିଡିସି ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର*





# କିପରି ସଫା କରିବେ ଫ୍ୟାନ୍ସି ସ୍ୱେଟର

ଶୀତଦିନରେ ଶୀତରୁ ରକ୍ଷା ପାଇବା ଲାଗି ପ୍ରାୟ ତ ଦାମୀ ସ୍ୱେଟର କିଣି ଆଣିଥାଉ। ହେଲେ ଏହାକୁ ଧୋଇବା ସମୟରେ କେତେକ ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ। ଆସନ୍ତୁ , ଜାଣିବା ଏ ବିଷୟରେ....



ଶୀତଦିନରେ ଫ୍ୟାନ୍ସି ସ୍ୱେଟର ପିନ୍ଧିବାକୁ ଯେତେଭଲ ଲାଗେ , ତାକୁ ସଫା କରିବା ସେତିକି କଷ୍ଟକର ହୋଇଥାଏ। ଅଳ୍ପ ଟିକେ ଲାପରବାହି କାରଣରୁ ସ୍ୱେଟରରେ ରୁଇ,ଲିଣ୍ଟ ପିଲିଙ୍ଗ ଆସିଥାଏ। ଫଳରେ ନୂଆ ସ୍ୱେଟର ପୁରୁଣା ଦେଖାଯାଇଥାଏ। ନିମ୍ନଲିଖିତ ଟିପ୍ସକୁ ଅନୁସରଣ କରି ଶୀତଦିନେ ଫ୍ୟାନ୍ସି ସ୍ୱେଟରରେ ଚମକ ଆଣିପାରିବେ...

➤ସ୍ୱେଟରକୁ ବାରମ୍ବାର ଧୋଇବା ଠିକ୍ ନୁହେଁ। ଯଦି ସ୍ୱେଟର ଅଧିକ ଅପରିଷ୍କାର ହୋଇନାହିଁ ତାକୁ ସଫା କରନ୍ତୁ ନାହିଁ। ପ୍ରତିଥର ପିନ୍ଧିବା ପରେ ତାକୁ ପବନରେ ଶୁଖାଇ ରଖିଲେ ଭଲ। ଯେତେବେଳେ ବି ସ୍ୱେଟର ସଫା କରୁଛନ୍ତି ସବୁବେଳେ ଥଣ୍ଡା ପାଣିରେ ଅଳ୍ପ ଲିକ୍ୟୁଇଡ୍ ଡିଟରଜେଣ୍ଟ ବ୍ୟବହାର କରନ୍ତୁ।

➤ଧୋଇବା ସମୟରେ ସ୍ୱେଟରକୁ ଭିତର ପଟରୁ ଓଲଟାଇ ଦିଅନ୍ତୁ। ଯଦି ମେଶିନରେ ସଫା କରୁଛନ୍ତି ତେବେ ଜେଣ୍ଟଲ କିମ୍ବା ଉଲ୍ ମୋଡ୍ ଚୟନ କରନ୍ତୁ। ଯଦି ହାତରେ ଧୋଉଛନ୍ତି ତେବେ ଏହାକୁ ମୋଡ଼ିମାଡ଼ି ଏଥିରୁ ପାଣି ବାହାର କରି ଶୁଖାନ୍ତୁ ନାହିଁ। ଏଥିରୁ ପାଣି ବାହାରୁଥିଲେ ତାକୁ ଏହିପରି ଛାଡ଼ି ଦିଅନ୍ତୁ। କିଛି ସମୟ ପରେ ଏଥିରୁ ପାଣି ସମ୍ପୂର୍ଣ୍ଣ ନିଗିଡ଼ିଗଲା ପରେ ତାକୁ ସିଧା କରି କିଛି ସମୟ ଶୁଖାନ୍ତୁ।

➤ସ୍ୱେଟରକୁ କେବେ ବି ଟାଙ୍ଗି କି ଶୁଖାନ୍ତୁ ନାହିଁ। ଏହାଦ୍ୱାରା ସ୍ୱେଟର ଅଧିକ ଝୁଲିଯିବ। ଫଳରେ ଏହା ଜଲ୍‌ଦି ଖରାପ ହେବା ସମ୍ଭାବନା ଅଛି। ସବୁବେଳେ ମୋଡ଼ିକୁ ଟାୱେଲ ଉପରେ ଖେଳାଇ ଶୁଖାନ୍ତୁ। ଖରାରେ ଶୁଖାଇବା ବଦଳରେ ଏହାକୁ ଛାଇରେ ଶୁଖାନ୍ତୁ।

➤ଯଦି ସ୍ୱେଟରରେ ଲିଣ୍ଟ ବାହାରିଛି ତେବେ ଏହାକୁ ଲିଣ୍ଟ ରୋଲର କିମ୍ବା ଫ୍ୟାବ୍ରିକ୍ ଶେଭରର ବ୍ୟବହାର କରାଯାଇପାରେ। ଯଦି ଏହା ସମ୍ଭବ ହେଉନାହିଁ , ତେବେ ହାଲ୍‌କା ହାତରେ ରେଜର କିମ୍ବା ଅଠା ଟେପ୍ ସାହାଯ୍ୟରେ ରୁଇକୁ ମଧ୍ୟ ଦୂରେଇପାରିବେ। ଧ୍ୟାନରଖନ୍ତୁ, ସବୁବେଳେ ବାରମ୍ବାର ଗୋଟିଏ ଜାଗାକୁ ରଗଡ଼ନ୍ତୁ ନାହିଁ।

**ଫ୍ୟାଶନ**

# ୱିଣ୍ଟର ଗ୍ଲାମର ଲୁକ୍

ଗ୍ଲାମର ଦେଖାଯିବେ ବୋଲି କେବଳ କହିଦେଲେ ହେବ ନାହିଁ, ସେଥିପାଇଁ କେତୋଟି ବିଷୟ ପ୍ରତି ନଜର ଦେବାକୁ ପଡ଼ିଥାଏ। ତେବେ ଶୀତଦିନେ ଫ୍ୟାଶନେବୁଲ ଦେଖାଯିବା ପାଇଁ ଚାହୁଁଥିଲେ ନିମ୍ନୋକ୍ତ ଟିପ୍ସ ଆପଣେଇ ପାରନ୍ତି...

➤ଶୀତଦିନରେ ଆରାମ ଏବଂ ଷ୍ଟାଇଲ୍ ଦୁଇଟା ଦରକାର, ତେବେ ଲଙ୍ଗ୍ ଟପ୍ ବେଷ୍ଟ ଅପ୍‌ସନ୍। ଏହି ଟପ୍ ଆପଣଙ୍କୁ ସ୍ମାର୍ଟ ଏବଂ ଏଲିଗାଣ୍ଟ ଲୁକ୍ ଦେଇଥାଏ। ଆପଣ ଏହାକୁ ଜିନ୍ସ ସହ ପିନ୍ଧିପାରିବେ। ଯଦି ଆପଣ ଏହାକୁ ଆହୁରି ଷ୍ଟାଇଲିଶ କରିବାକୁ ଚାହୁଁଆନ୍ତି ତେବେ ବେକରେ ନିହାତି ନେକ୍‌ଲେସ୍ ପିନ୍ଧିପାରିବେ।

➤ଯଦି ଆପଣ କୌଣସି ପାର୍ଟି କିମ୍ବା ଡିନରରେ ଯାଉଛନ୍ତି ତେବେ ଭେଲଭେଟ୍ ଟପ୍ ଏକ ଭଲ ଅପ୍‌ସନ। ଏହାକୁ ଆପଣ ଲଙ୍ଗ୍ ସ୍କର୍ଟ କିମ୍ବା ପ୍ୟାଣ୍ଟ ସହିତ ପିନ୍ଧିପାରିବେ। ଏହାଦ୍ୱାରା ଆପଣଙ୍କ ଲୁକ୍ ଷ୍ଟାଇଲିଶ୍ ଏବଂ ଆଟ୍ରାକ୍ଟିଭ୍ ହୋଇଯିବ।

➤ଭି ନେକ୍ ଟପ୍ ଏକ ଏପରି ଟପ୍ ଯାହା ପ୍ରତ୍ୟେକ ଝିଅ ଲାଗି ବହୁତ ଜରୁରୀ। ଏହାକୁ ଆପଣ ପ୍ୟାଣ୍ଟ କିମ୍ବା ଜିନ୍ସ ସହ ପିନ୍ଧିପାରିବେ। ଏହି ଟପ୍



କଲେଜ ସାଙ୍ଗମାନଙ୍କ ସହିତ ଶପିଂ କିମ୍ବା କାଜୁଆଲ ଆଉଟିଂ ପାଇଁ ପରଫେକ୍ଟ। ଏହା ସହ ଏକ ପତଳା ଚେନ୍ ଏବଂ ଇୟର ରିଙ୍ଗ୍ସ ପିନ୍ଧନ୍ତୁ। ଏହାଦ୍ୱାରା ଆପଣ ଆହୁରି ସ୍ମାର୍ଟ ଦେଖାଯିବେ।

**ଖାଦ୍ୟରୁଚି**

# କ୍ୟାବେଜ୍ କ୍ୟାପ୍‌ସିକମ୍ ସୁପ୍

**ଆବଶ୍ୟକ ସାମଗ୍ରୀ**
ଛୋଟ ଛୋଟ ଆକାରରେ କଟାହୋଇଥିବା ବନ୍ଧାକୋବି ୧ କପ୍, କ୍ୟାପ୍‌ସିକମ୍ ୧ କପ୍,କଟାହୋଇଥିବା କଞ୍ଚାଲଙ୍କା ୨ଟି,ଧନିଆପତ୍ର ୧ ଚାମଚ,କର୍ନଫ୍ଲୋର ୧ ଚାମଚ, କ୍ଷୀର ୧ କପ୍ ,ସ୍ୱାଦ ଅନୁସାରେ ଲୁଣ, ସ୍ୱାଦ ଅନୁସାରେ ଗୋଲମରିଚ ଗୁଣ୍ଡ , ବଟର ୧ ବଡ଼ ଚାମଚ ଏବଂ ସ୍ୱାଦ ଅନୁସାରେ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ**
ପ୍ରଥମେ ବଡ଼ ପ୍ୟାନ୍‌ରେ ବଟର ପକାଇ ଗରମ କରନ୍ତୁ। ଏବେ ବନ୍ଧାକୋବି,କ୍ୟାପ୍‌ସିକମ୍ ଏବଂ କଞ୍ଚାଲଙ୍କା ପକାଇ ସିମ୍‌ରେ ଭାଜନ୍ତୁ। ଯେତେବେଳେ ପନିପରିବା ନରମ ହୋଇଯିବ ସେତେବେଳେ କ୍ଷୀର ଏବଂ ଆବଶ୍ୟକତା ଅନୁଯାୟୀ ପାଣି ମିଶାନ୍ତୁ। କର୍ନଫ୍ଲୋର ଅଳ୍ପ ପରିମାଣରେ ପକାଇ ଏହ ମିଶ୍ରଣରେ ପକାନ୍ତୁ। ଏବେ ଏଥିରେ ଲୁଣ ପକାନ୍ତୁ। ଯେତେବେଳେ ମିଶ୍ରଣ ବହଳିଆ ହୋଇଯିବ ସେତେବେଳ ଗ୍ୟାସ୍ ଚୁଲାରୁ ଓହ୍ଲାଇ ସେଥିରେ ଗୋଲମରିଚ ଗୁଣ୍ଡ ଏବଂ ଧନିଆପତ୍ର ପକାନ୍ତୁ। ଏବେ ଗରମା ଗରମ ସୁପ୍ ପରଷନ୍ତୁ।



**ସୌନ୍ଦର୍ଯ୍ୟ**

# ଡାର୍କ ସର୍କଲର ଘରୋଇ ଉପଚାର

ଡାର୍କ ସର୍କଲ ଦୂରକରିବା ଲାଗି କେତୋଟି ଘରୋଇ ଟିପ୍ସ ଫଲୋ କରିପାରନ୍ତି । ଜାଣନ୍ତୁ ସେ ସମ୍ପର୍କରେ...

➔ନଡ଼ିଆ ତେଲ ଏବଂ ଆଲୋଭେରା ଜେଲ୍‌ର ଘରୋଇ ଉପାୟ ଦ୍ୱାରା ଡାର୍କ ସର୍କଲ କମ୍ କରିବାରେ ବହୁତ ପ୍ରଭାବୀ ହୋଇଥାଏ। ନଡ଼ିଆ ତେଲରେ ଥିବା ଭିଟାମିନ୍ ଇ ଏବଂ ଫ୍ୟାଟି ଏସିଡ୍ ତ୍ୱଚାକୁ ମଶ୍ଚରାଇଜ୍ କରିଥାଏ। ଯେତେବେଳେ କି ଏଥିରେ ଆଣ୍ଟି ଏଫ୍ଲିମେଟରି ଗୁଣ ରହିଛି ଯାହା ଆଖି ତଳେ ଥିବା ଯନ୍ତ୍ରଣାକୁ କମ୍ କରିଥାଏ।

➔ନଡ଼ିଆତେଲ ଆଲୋଭେରା ଜେଲ୍ ପ୍ରସ୍ତୁତ କରନ୍ତୁ ଏଥିପାଇଁ ୧ ଚାମଚ ନଡ଼ିଆ ତେଲ,ଏକ ଚାମଚ ଭେସଲିନ୍,୧/୨ଚାମଚ ହଳଦୀ ପାଉଡର ଏବଂ ୧ ଚାମଚ ଆଲୋଭେରା ଜେଲ୍ ନିଅନ୍ତୁ। ଏହାକୁ ପ୍ରସ୍ତୁତକରି ମୁହଁରେ





ଲଗାଇଲେ ଡାର୍କ ସର୍କଲ ଅନେକାଂଶରେ ଦୂରହେବ।

➔ରାତିରେ ଶୋଇବା ପୂର୍ବରୁ ନଡ଼ିଆତେଲ-ଆଲୋଭେରା ଜେଲ୍ ଆଖି ତଳେ ନିହାତି ଲଗାନ୍ତୁ। ସକାଳ ହେଲେ ଥଣ୍ଡାପାଣିରେ ମୁହଁକୁ ଭଲଭାବେ ଧୋଇଦିଅନ୍ତୁ। ଫରକ୍ ଆପଣ ୨ଦିନରେ ନିଶ୍ଚିତ ଦେଖିପାରିବେ। ଏହାଦ୍ୱାରା ଆପଣଙ୍କୁ ଭଲ ନିଦ,ଚିନ୍ତା କମ୍ କରନ୍ତୁ,ଏଲର୍ଜି ଠାରୁ ଦୂରେଇ ରୁହନ୍ତୁ,ପୋଷଣରେ ଭରପୂର ଖାଦ୍ୟ ଖାଆନ୍ତୁ। ଆଖିକୁ ମସାଜ୍ କରନ୍ତୁ। ଏହି ଘରୋଇ ଉପଚାର କରିବା ଦ୍ୱାରା ଡାର୍କ ସର୍କଲକୁ ଆଲ୍‌ବିଦା କୁହନ୍ତୁ। ଏହାଦ୍ୱାରା ଆପଣଙ୍କ ମୁହଁ ସୁନ୍ଦର ଆକର୍ଷଣୀୟ ଦେଖାଯିବ।

ଧରିତ୍ରୀ
DHARITRI
ଧରିତ୍ରୀ 52 Years
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୧୩/୨୦୨୬ Bhubaneswar, Tuesday, January 13/ 2026

# ଖାତା ଖୋଲିଲା ଏସ୍‌ଜି ପାଇପର୍ସ

**ଏଚ୍‌ଆଇଏଲ**

ରାଞ୍ଚି,୧୨।୧(ପି.ଟି.)

ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ସୋମବାର ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ଏସ୍‌ଜି ପାଇପର୍ସ ୨-୧ ଗୋଲରେ ହାଇଦ୍ରାବାଦ ତୁଫାନ୍ସକୁ ପରାସ୍ତ କରିଛି। ଏହି ବିଜୟ ସହ ପାଇପର୍ସ ଦଳ ପଏଣ୍ଟ ଖାତା ଖୋଲିଛି। ବିଜୟୀ ଦଳ ପାଇଁ ଟୋମାସ ଡୋମେନେ ଡବଲ ଗୋଲ କରିଥିବା ବେଳେ ଗୋଲକିପର ଟୋମାସ ସାଣ୍ଟିଆଗୋଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିଲା। ଅନ୍ୟପକ୍ଷରେ ହାଇଦ୍ରାବାଦ୍ ପାଇଁ ଅମନଦୀପ ଲାକ୍ରା ଏକମାତ୍ର ଗୋଲ ସ୍କୋର କରିଥିଲେ।

ମ୍ୟାଚ୍ ଆରମ୍ଭରୁ ପାଇପର୍ସ ଆଟାକିଂ ଖେଳ ପ୍ରଦର୍ଶନ କରିଥିଲା। ଫଳରେ ଦଳକୁ ୬ଟି ପେନାଲ୍ଟି କର୍ନର (ପିସି) ମିଳିଥିଲା। ଅଷ୍ଟମ ମିନିଟ୍‌ରେ ମିଳିଥିବା ପିସିକୁ ଟେମାସ ଡୋମେନ ଗୋଲରେ କନଭର୍ଟ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ତୁଫାନ୍ସ ଦଳର ଖେଳାଳିମାନେ ୧୨ ଥର ସର୍କଲ ଏଣ୍ଟ୍ରି କରିବା ସହ ୪ ପିସି ହାସଲ କରିଥିଲେ। ହେଲେ ଦଳକୁ ସେଥିରୁ କୌଣସି ଫାଇଦା ମିଳି ନ ଥିଲା। ହେଲେ ୨୯ତମ ମିନିଟ୍‌ରେ ରୋମାନ ଡୁଭେକଟଙ୍କଠାରୁ ପାଇଥିବା ପାସକୁ ଟୋମାସ ଗୋଲରେ ପରିଣତ କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ପାଇପର୍ସ ୨-୦ ଗୋଲରେ ଆଗରେ ରହିଥିଲା। ତୃତୀୟ କ୍ୱାର୍ଟରରେ ମ୍ୟାଚ୍‌କୁ ଫେରିବା ପାଇଁ ତୁଫାନ୍ସ ପକ୍ଷରୁ ଭରପୂର ପ୍ରୟାସ କରାଯାଇଥିଲା। ଶେଷରେ ୪୧ତମ ମିନିଟ୍‌ରେ ତୁଫାନ୍ସ ପାଇଁ ଅମନଦୀପ ଲାକ୍ରାଙ୍କ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଅନ୍ତିମ କ୍ୱାର୍ଟରରେ ପାଇପର୍ସ ଦଳ ସମ୍ପୂର୍ଣ୍ଣ ରକ୍ଷଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ହାଇଦ୍ରାବାଦର ଖେଳାଳିମାନେ ଅନ୍ତିମ ୧୫ ମିନିଟ୍‌ରେ ୧୬ ଥର ସର୍କଲ ପେନେଟ୍ରେଶନ କରିବା ସହ ୬ ପିସି ଜିତିଥିଲେ। ଏପରିକି ଦଳକୁ ଏକ ପେନାଲ୍ଟି ଷ୍ଟ୍ରୋକ ମଧ୍ୟ ମିଳିଥିଲା। ହେଲେ ଜାକାରି ୱାଲେସଙ୍କ ଶଟ୍‌କୁ ପାଇପର୍ସ ଗୋଲକିପର ସାଣ୍ଟିଆଗୋ ରୋକି ଦେଇଥିଲେ। ଏହାପରେ ସେ ମ୍ୟାଚ୍‌ର ଅନ୍ତିମ ମିନିଟ୍‌ରେ ଦୁଇଟି ଚମତ୍କାର ସେଭ କରି ଦଳକୁ ଚଳିତ ସିଜନର ପ୍ରଥମ ବିଜୟ ଆଣି ଦେଇଥିଲେ।



ଏସ୍‌ଜି ପାଇପର୍ସ ଓ ହାଇଦ୍ରାବାଦ ତୁଫାନ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ମୌସୁମୀ ଦାସଙ୍କୁ ୨ ସ୍ୱର୍ଣ୍ଣ

**ଅସ୍ମିତା ଜାତୀୟ ଭାରୋତ୍ତୋଳନ ଲିଗ୍**

ଭୁବନେଶ୍ୱର, ୧୨।୧ (ବିଜୟ ରଣା)

ମୋଦି ନଗରଠାରେ ଚାଲିଥିବା ଅସ୍ମିତା ଜାତୀୟ ଭାରୋତ୍ତୋଳନ ଲିଗ୍ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ଓଡ଼ିଶାର ମୌସୁମୀ ଦାସ ଯୁବ+୭୭କେଜି ଓଜନ ଶ୍ରେଣୀ ଓ ସିନିୟର ବିଭାଗରେ (୭୦+୯୪) ୧୬୪କେଜି ଓଜନ ଉତ୍ତୋଳନ କରି ୨ଟି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଏଥିସହିତ ଓଡ଼ିଶା ଜୁନିୟରଦଳ ଚାମ୍ପିୟନ, ୟୁଥ୍ ବାଳିକା ଓ ସିନିୟର ବିଭାଗରେ ରନର-ଅପ୍ ହୋଇଛନ୍ତି। ଓଡ଼ିଶା ଦଳର ଏହି ସଫଳତା ପାଇଁ ରାଜ୍ୟ ସଂଘର କର୍ମକର୍ତ୍ତା, କୋଚ୍ ଯଜ୍ଞନାରାୟଣ ନନ୍ଦ, ଗୋପାଳକୃଷ୍ଣ ଦାସ ଓ ପଦ୍ମିନୀ ମହାନ୍ତି ଏବଂ ମ୍ୟାନେଜର ଟାଙ୍ଗ ଦେବୀ ପ୍ରମୁଖ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ସେମିରେ କେଟି ଗ୍ଲୋବାଲ, ସାଇ ଇଣ୍ଟରନ୍ୟାଶନାଲ

**ଭୁବନେଶ୍ୱର ଆନ୍ତଃ ସ୍କୁଲ କ୍ରିକେଟ୍**

ଭୁବନେଶ୍ୱର,୧୨।୧(ଅନାଦି କର)

ହାଇଟେକ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ୨୨ତମ ଭୁବନେଶ୍ୱର ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର କେଟି ଗ୍ଲୋବାଲ ଓ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ଖେଳାଯାଇଥିବା ତୃତୀୟ କ୍ୱାର୍ଟର ଫାଇନାଲରେ କେଟି ଗ୍ଲୋବାଲ ହାଇସ୍କୁଲ ୬୯ ରନରେ ଚନ୍ଦ୍ରଶେଖରପୁରର ଭେଙ୍କଟେଶ୍ୱର ଇଲିଂଶ ମିଡିୟମ ସ୍କୁଲକୁ ପରାସ୍ତ କରିଛି। କେଟି ଗ୍ଲୋବାଲ ୨୧.୨ ଓଭରରେ ୧୩୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ କ୍ରିସ କ୍ରିକେଟ ୩୮ ରନ କରିଥିଲେ। ଜବାବରେ ଭେଙ୍କଟେଶ୍ୱର ଇଲିଂଶ ମିଡିୟମ ୧୨.୩ ଓଭରରେ ୬୨ ରନରେ ଅଲଆଉଟ୍ ହୋଇଯାଇଥିଲା। ବିଜୟୀ ଦଳ ପକ୍ଷରୁ କ୍ରିସ କ୍ରିକେଟ ୫ ଉଇକେଟ ନେଇଥିଲେ। ଚତୁର୍ଥ କ୍ୱାର୍ଟର ଫାଇନାଲରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ୩ ଉଇକେଟରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୧୮.୫ ଓଭରରେ ୧୧୪ ରନ କରି ଅଲଆଉଟ୍ ହୋଇଯାଇଥିଲା। ଦଳର ମୃତ୍ୟୁଞ୍ଜୟ ରୟ ୩୧ ଓ ଶୁଭମ ପ୍ରଧାନ ୩୦ ରନ କରିଥିବା ବେଳେ ସାଇ ଇଣ୍ଟରନ୍ୟାଶନାଲ ପକ୍ଷରୁ ଭିଭାନ ଅଗ୍ରୱାଲ ୩ ଉଇକେଟ ନେଇଥିବା ବେଳେ ମନ୍ଥନ ମହାପାତ୍ର ଓ ଅଧିନାୟକ ସ୍ୱସ୍ତିକ ନାଥ ୨ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଶ୍ରେୟାଂଶ ବିଧାରଙ୍କ ଅର୍ଦ୍ଧଶତକୀୟ ପାଳି ବଳରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ୧୬.୫ ଓଭରରେ ୧୧୫ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଶ୍ରେୟାଂଶ ୫୧ ଓ ଶ୍ରୀହାନ ଭୂୟାଁ ୨୮ ରନ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ସ୍ୱାଧୀନ ଜେନା ୪ ଉଇକେଟ ନେଇଥିଲେ।



ଅତିଥି ରାକେଶ ପାଣିଗ୍ରାହୀ ପୁରସ୍କାର ପ୍ରଦାନ କରୁଛନ୍ତି।

# ସେମିଫାଇନାଲ୍‌ରେ କର୍ଣ୍ଣାଟକ, ସୌରାଷ୍ଟ୍ର

**ବେଙ୍ଗାଲୁରୁ,୧୨।୧:** ଚଳିତ ବିଜୟ ହଜାରେ ଟ୍ରଫି ଘରୋଇ ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟରେ କର୍ଣ୍ଣାଟକ ଓ ସୌରାଷ୍ଟ୍ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ଖେଳାଯାଇଥିବା ବର୍ଷା ବାଧାପ୍ରାପ୍ତ ଦୁଇ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଭିଜେଡି ମେଥଡ୍‌ରେ କର୍ଣ୍ଣାଟକ ୫୫ ରନରେ ମୁମ୍ବାଇକୁ ଏବଂ ସୌରାଷ୍ଟ୍ର ୧୭ ରନରେ ଉତ୍ତର ପ୍ରଦେଶ(ୟୁପି)କୁ ପରାସ୍ତ କରିଛି।

ପ୍ରଥମ କ୍ୱାର୍ଟର ଫାଇନାଲରେ ମୁମ୍ବାଇ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୨୫୪ ରନ କରିଥିଲା। ଦଳ ପାଇଁ ଶାମ୍ସ ମୁଲାନି ୮୬ (୮ ଚୌକା) ରନ କରିଥିଲେ। ଜବାବରେ ବର୍ଷା ବାଧକ ସାଜିଲା ବେଳକୁ କର୍ଣ୍ଣାଟକ ୩୩ ଓଭରରେ ୧ ଉଇକେଟ ହରାଇ ୧୮୭ ରନ କରିଥିଲା। ଭିଜେଡି ମେଥଡରେ ୩୩ ଓଭରରେ ଜିତିବା ପାଇଁ ୧୩୨ ରନ ଦରକାର ଥିବାବେଳେ କର୍ଣ୍ଣାଟକ ୫୫ ରନ ଆଗରେ ରହିଥିଲା। ଦଳ ପାଇଁ ଦେବଦତ୍ତ ପାଡିକଲ ୮୧ (୧୧ ଚୌକା) ଓ କରୁନ ନାୟର ୭୪ (୧୧ ଚୌକା) ରନ କରି ଅପରାଜିତ ରହିଥିଲେ। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ୟୁପି ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟରେ ୩୧୦ ରନ କରିଥିଲା। ଦଳ ପାଇଁ ଅଭିଷେକ ଗୋସ୍ୱାମୀ ୮୮ (୧୨ ଚୌକା), ସମୀର ରିଜଭି ୮୮ (୧୦ ଚୌକା ଓ ୨ ଛକା) ରନ କରିଥିଲେ। ଜବାବରେ ସୌରାଷ୍ଟ୍ର ୪୦.୧ ଓଭର ଶେଷ ସୁଦ୍ଧା ୩ ଉଇକେଟ ହରାଇ ୨୩୮ ରନ କରିଥିଲା। ଏହାପରେ ବର୍ଷା ବାଧାକ ସାଜିବାରୁ ୪୦.୧ ଓଭରରେ ୨୨୧ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ଫଳରେ ୧୭ ରନ ଆଗରେ ଥିବା ସୌରାଷ୍ଟ୍ରକୁ ବିଜୟୀ ଘୋଷିତ କରାଯାଇଥିଲା।

# ପୁରୁଷ ହକି ଇଣ୍ଡିଆ ଲିଗ୍ ପାଇଁ ମାଗଣା ଟିକେଟ୍

**ଭୁବନେଶ୍ୱର,୧୨।୧(ଅନାଦି କର):** ଐତିହାସିକ କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଅନ୍ତିମ ପର୍ଯ୍ୟାୟର ମ୍ୟାଚ୍‌ଗୁଡ଼ିକ ଲାଗି ଟିକେଟ ମାଗଣାରେ ଉପଲବ୍ଧ ହେବ। ଏ ନେଇ ହକି ଇଣ୍ଡିଆ (ଏଚ୍‌ଆଇ) ପକ୍ଷରୁ ସୋମବାର ଘୋଷଣା କରାଯାଇଛି। ଆସନ୍ତା ଜାନୁଆରୀ ୨୬ରେ ହେବାକୁ ଥିବା ଫାଇନାଲ ସମେତ ୧୭ ତାରିଖରୁ ଲିଗ୍ ମ୍ୟାଚ୍ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ। ପୂର୍ବରୁ ଟିକେଟ୍ ଉପଲବ୍ଧ ଥିବାରୁ ଫ୍ୟାନ୍ସ ଅନ୍‌ଲାଇନ୍‌ରେ ବୁକ କରିପାରିବେ। ଅଧିକରୁ ଅଧିକ ପ୍ରଶଂସକଙ୍କୁ ଆକୃଷ୍ଟ କରିବା ଏହି ପଦକ୍ଷେପର ଉଦ୍ଦେଶ୍ୟ।

# ବାଂଲାଦେଶର ଦାବିକୁ ଆଇସିସିର ଖଣ୍ଡନ

ଢାକା/ନୂଆଦିଲ୍ଲୀ,୧୨।୧(ପି.ଟି.)

ଟି୨୦ ବିଶ୍ୱକପ୍ ଲାଗି ଭାରତ ଟୁରକୁ ନେଇ ବାଂଲାଦେଶ ଦଳ ପକ୍ଷରୁ ପ୍ରକଟ କରାଯାଇଥିବା ସୁରକ୍ଷା ଚିନ୍ତାକୁ ଆଇସିସି ବୁଝିପାରିଥିବା ବାଂଲାଦେଶ କ୍ରୀଡ଼ା ଉପଦେଷ୍ଟା ଆସିଫ ନଜ୍ରୁଲ ସୋମବାର ଦାବି କରିଥିଲେ। ହେଲେ ଏହି ଦାବିକୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଖଣ୍ଡନ କରାଯାଇଛି। ଆଇପିଏଲ୍‌ରୁ ମୁସ୍ତାଫିଜୁର ରହମାନଙ୍କୁ ହଟାଇ ଦିଆଯିବା ପରେ ସୁରକ୍ଷାଗତ କାରଣ ଦର୍ଶାଇ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଭାରତ ବଦଳରେ ଶ୍ରୀଲଙ୍କାରେ ଟି୨୦ ବିଶ୍ୱକପ୍ ମ୍ୟାଚ୍ ଖେଳିବାକୁ ଆଇସିସି ନିକଟରେ ଅନୁରୋଧ କରିଥିଲା।

ଆଇସିସିର ସୁରକ୍ଷା ଦଳ ଓ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀ ବିସିବି ନିକଟକୁ ଏକ ଚିଠି କରିଛନ୍ତି। ଚିଠିରେ କୁହାଯାଇଛି ଯେ, ୩ଟି ପ୍ରସଙ୍ଗ ବାଂଲାଦେଶ ଦଳର ସୁରକ୍ଷା ଚିନ୍ତା ବଢ଼ାଇପାରେ। ପ୍ରଥମତଃ, ହେଲା ଯଦି ମୁସ୍ତାଫିଜୁରଙ୍କୁ ଦଳରେ ସାମିଲ କରାଯାଏ କିମ୍ବା ବାଂଲାଦେଶୀ ପ୍ରଶଂସକ ବାଂଲାଦେଶ ଦଳର ଜର୍ସି ପିନ୍ଧି ଭେନ୍ୟୁ ପାଖରେ ବୁଲନ୍ତି ଏବଂ ବାଂଲାଦେଶରେ ନିର୍ବାଚନ ଆସୁଥିବାରୁ ଦଳ ପ୍ରତି ବିପଦ ବୃଦ୍ଧି ପାଇପାରେ ବୋଲି ନଜ୍ରୁଲ ଢାକାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଥିଲେ।

ଅନ୍ୟପକ୍ଷରେ ଆଇସିସି ପକ୍ଷରୁ କୁହାଯାଇଛି ଯେ, ଭାରତରେ ସୁରକ୍ଷା ଚିନ୍ତା ସମ୍ପର୍କରେ ଆଇସିସି ପକ୍ଷରୁ ବିସିବିକୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ଆସିଫ ନଜ୍ରୁଲ ଯାହା କହିଛନ୍ତି, ତାହା ସମ୍ପୂର୍ଣ୍ଣ ମିଛ। ମୁସ୍ତାଫିଜୁରଙ୍କ ଚୟନ ଏକ ସମସ୍ୟା ହୋଇପାରେ ବୋଲି କଦାପି ଆଇସିସି ପକ୍ଷରୁ କୁହାଯାଇ ନାହିଁ। ଏହା ସମ୍ପୂର୍ଣ୍ଣ ମିଛ ଏବଂ ଔପଚାରିକ ଆଲୋଚନା ବେଳେ ସେଭଳି କୌଣସି ପରାମର୍ଶ ଦିଆଯାଇ ନାହିଁ। ଆଗାମୀ ଟି୨୦ ବିଶ୍ୱକପ୍ ଆସନ୍ତା ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଭାରତ ଓ ଶ୍ରୀଲଙ୍କାରେ ହେବ।

# ସୁନ୍ଦର ବାଦ୍, ବଦୋନୀଙ୍କୁ ଡାକରା

**ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍**

ନୂଆଦିଲ୍ଲୀ,୧୨।୧(ପି.ଟି.)

ଚଳିତ ନ୍ୟୁଜିଲାଣ୍ଡ ଓ ଭାରତ ମଧ୍ୟରେ ଚାଲିଥିବା ଦିନିକିଆ ସିରିଜ୍‌ରୁ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ଆହତଜନିତ ସମସ୍ୟା କାରଣରୁ ବାଦ୍ ପଡ଼ିଛନ୍ତି। ତାଙ୍କ ବଦଳରେ ନୂଆ ଚେହେରା ଭାବେ ଆୟୁଷ ବଦୋନୀଙ୍କୁ ସିରିଜ୍‌ର ଅନ୍ତିମ ଦୁଇ ମ୍ୟାଚ୍ ଲାଗି ଭାରତୀୟ ଦଳରେ ସାମିଲ କରାଯାଇଛି। ଭଦୋଦରାରେ ରବିବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ୱାଶିଂଟନଙ୍କ ପଞ୍ଜରାରେ ଆଘାତ ଲାଗିଥିଲା। ୨୬ ବର୍ଷୀୟ ଅଲରାଉଣ୍ଡ ମ୍ୟାଚ୍‌ରେ ୫ ଓଭର ବୋଲିଂ କରି ୨୭ ରନ ଦେଇଥିଲେ। ମ୍ୟାଚ୍ ମଝିରେ ସେ ପଡ଼ିଆରୁ ଚାଲି ଯାଇଥିଲେ ଏବଂ ଫେରି ନ ଥିଲେ। ଯନ୍ତ୍ରଣା ସତ୍ତ୍ୱେ ନଂ-୮ ପୋଜିଶନରେ ବ୍ୟାଟିଂ କରି ଭାରତୀୟ ଦଳକୁ ଜିତାଇଥିଲେ। ତାଙ୍କର ସ୍କାନ କରାଯିବା ପରେ ବିସିସିଆଇ ମେଡିକାଲ ଦଳ ବିଶେଷଜ୍ଞଙ୍କ ମତାମତ ନେବ। ଏଥିଯୋଗୁ ତାଙ୍କୁ ବଳକା ଦୁଇଟି ମ୍ୟାଚ୍ ଲାଗି ଦଳରୁ ବାଦ୍ ଦିଆଯାଇଛି। ପୁରୁଷ ଚୟନ କମିଟି ସୁନ୍ଦରଙ୍କ ବଦଳରେ ଆୟୁଷ ବଦୋନୀଙ୍କ ନାମ ଘୋଷଣା କରିଛି।

ବଦୋନୀ ବୁଧବାର ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍ ପାଇଁ ରାଜକୋଟରେ ଭାରତୀୟ ଦଳ ସହ ଯୋଗଦେବେ। ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ସେ ମଙ୍ଗଳବାର ବେଙ୍ଗାଲୁରୁଠାରେ ବିଦର୍ଭ ଓ ଦିଲ୍ଲୀ ମଧ୍ୟରେ ହେବାକୁ ଥିବା ବିଜୟ ହଜାରେ ଟ୍ରଫି କ୍ୱାର୍ଟର ଫାଇନାଲ ମ୍ୟାଚ୍ ମିସ୍ କରିବେ।

# ଓଡ଼ିଶାକୁ ୪ ସ୍ୱର୍ଣ୍ଣ ସହ ୧୦ ପଦକ

**ଜାତୀୟ ବିଦ୍ୟାଳୟ ସମୂହ ତୀରନ୍ଦାଜ**




ରନର୍ ଅପ୍ ଟ୍ରଫି ସହ ଓଡ଼ିଶା ତୀରନ୍ଦାଜ।

ଭୁବନେଶ୍ୱର,୧୨।୧
(ଅନୁରାଧା ମହାରଣା)

ଝାଡ଼ଖଣ୍ଡ ରାଜଧାନୀ ରାଞ୍ଚିରେ ଆୟୋଜିତ ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ୧୭ ବର୍ଷରୁ କମ ବାଳକ ଓ ବାଳିକା ତୀରନ୍ଦାଜ ପ୍ରତିଯୋଗିତାରେ ଓଡ଼ିଶା ଓଭରଅଲ ରନରଅପ ହୋଇଛି। ଏହି ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶା ମୋଟ ୪ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛି। ଏହି ପ୍ରତିଯୋଗିତାରେ ମହାରାଷ୍ଟ୍ର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଓଡ଼ିଶା ଦ୍ୱିତୀୟ ଏବଂ ଆୟୋଜକ ଝାଡ଼ଖଣ୍ଡ ତୃତୀୟ ସ୍ଥାନ ଅଧିକାର କରିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ପକ୍ଷରୁ ୧୧ ବାଳିକାଙ୍କ ସମେତ ୧୮ ଜଣିଆ ଦଳ ଅଂଶଗ୍ରହଣ କରିଥିଲା। ସୂଚନାଯୋଗ୍ୟ, ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ୟୁଜିପି ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ରୋହିତ କୁମାର ମାରାଣ୍ଡି ୩୦ ମିଟର୍ ଇଣ୍ଡିଆ ରାଉଣ୍ଡ, ଅଲିମ୍ପିକ ରାଉଣ୍ଡ ଓ ମିକ୍ସଡ୍ ରାଉଣ୍ଡରେ ୩ଟି ସ୍ୱର୍ଣ୍ଣ ଏବଂ ୨୦ ମିଟରରେ ଗୋଟିଏ ରୌପ୍ୟ ପଦକ ଜିତିଥିବା ବେଳେ ତାଙ୍କ ସହିତ କିସ୍ ବିଦ୍ୟାଳୟର ରେଶମା ମଲ୍ଲିକ ୩୦ ମିଟର୍ ମିକ୍ସଡ୍ ରାଉଣ୍ଡରେ ଗୋଟିଏ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି କେନ୍ଦୁଝର ଜିଲାର ସୁନୀତା ନାଏକ ୬୦ ମିଟର୍ ରିକର୍ଭ ରାଉଣ୍ଡରେ ଗୋଟିଏ ରୌପ୍ୟ ଓ ୬୦ ଇଣ୍ଡିଭିଜୁଆଲ ରାଉଣ୍ଡରେ ଗୋଟିଏ ବ୍ରୋଞ୍ଜ ପଦକ ଜିତିଛନ୍ତି। ୬୦ ମିଟର୍ ରିକର୍ଭ ରାଉଣ୍ଡରେ କେନ୍ଦୁଝର ଜିଲାର ସାବିତ୍ରୀ ପାତ୍ର, ସୁନ୍ଦରଗଡ଼ ଜିଲାର ଟେନିସ ମେହେର ଏବଂ ଭୁବନେଶ୍ୱରର ପାଂଖି ଭଦ୍ରା ରୌପ୍ୟ ପଦକ ହାସଲ କରିଛନ୍ତି।

# ପୂର୍ବାଞ୍ଚଳ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଉଦ୍‌ଯାପିତ



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ପୁରୁଣା ଭୁବନେଶ୍ୱର, ୧୨।୧
(ସୁବାସ ଚନ୍ଦ୍ର ପ୍ରଧାନ)

ସ୍ଥାନୀୟ ବଉଳଗଡ଼ କ୍ଲବର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ କ୍ଲବ ପକ୍ଷରୁ ଆୟୋଜିତ ୩ ଦିନିଆ ପୂର୍ବାଞ୍ଚଳ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପୂର୍ବାଞ୍ଚଳର ୧୨ଟି ରାଜ୍ୟର ୨୫୦ରୁ ଉର୍ଦ୍ଧ୍ୱ ପୁରୁଷ, ମହିଳା ପ୍ରତିଯୋଗୀ ଏବଂ ୭୦ରୁ ଉର୍ଦ୍ଧ୍ୱ ଅଫିସିଆଲ ଯୋଗ ଦେଇଥିଲେ। ସମ୍ବର୍ଦ୍ଧନା କମିଟିର ଅଧ୍ୟକ୍ଷ ବିଧାୟକ ବାବୁ ସିଂଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ ଅବସରରେ ଗୋସାଗରେଶ୍ୱର ଛକଠାରୁ ପାରମ୍ପରିକ ବାଦ୍ୟଯନ୍ତ୍ରର ତାଳେ ତାଳେ ଏକ ବିରାଟ ପଟୁଆରରେ ଲିଙ୍ଗରାଜ ମନ୍ଦିର ଭଜନ ମଣ୍ଡପଠାରେ ପହଞ୍ଚିଥିଲା।

ପ୍ରଥମ ଦିବସରେ ମୁଖ୍ୟଅତିଥି ରୂପେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ , ଶିଳ୍ପ ମନ୍ତ୍ରୀ ସମ୍ପଦ ସାଇଁ , ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ, କପୋକ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ , ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ,ସର୍ବ ଭାରତୀୟ ସାଧାରଣ ସମ୍ପାଦକ ଚେତନ ମନୋହର ପଠାରେ ,ସର୍ବ ଭାରତୀୟ ସଭାପତି ସାମୀ ରମେଶ କୁମାର, ଅର୍ଜୁନ ପୁରସ୍କାରପ୍ରାପ୍ତ ଏବଂ ପୂର୍ବତନ ମିଷ୍ଟର ୟୁନିଭର୍ସ ପ୍ରେମଚାନ୍ଦ୍ ଡୋଗ୍ରା ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥା, ମଳୟ ମହାପାତ୍ର, କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର ପ୍ରମୁଖ ଯୋଗଦେଇ ମହାପ୍ରଭୁଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉତ୍ସବକୁ ଉଦଘାଟନ କରିଥିଲେ। ସମ୍ପାଦକ ରାଧାନାଥ ମହାପାତ୍ର ବିବରଣୀ ପାଠ କରିଥିଲେ। ପୂର୍ବାଞ୍ଚଳ ଏବଂ ଭୁବନେଶର ବଡ଼ି ବିଲ୍‌ଡିଂ ଆସୋସିଏଶନର ସଭାପତି ସୁମିତ୍ରା ତ୍ରିପାଠୀଙ୍କ ସହିତ ସାଧାରଣ ସମ୍ପାଦକ ପ୍ରସନ୍ନ ମହାସୁଆର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ବିଭିନ୍ନ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

ଦ୍ୱିତୀୟ ଦିବସ ସନ୍ଧ୍ୟାରେ ଭୁବନେଶ୍ୱର ମହାନଗର ନିଗମର ଅଧ୍ୟକ୍ଷା ସୁଲୋଚନା ଦାସ, ମଧ୍ୟମ ବିଧାୟକ ଅନନ୍ତ ନାରାୟଣ ଜେନା,ଉତ୍ତର ବିଧାୟକ ସୁଶାନ୍ତ ରାଉତ, ହାଇଟେକ୍ ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ, ମେଟ୍ରୋ ବିଲଡ଼ର ଅଧ୍ୟକ୍ଷ ପୀୟୁଷ ମହାନ୍ତି ପ୍ରମୁଖ ଯୋଗ ଦେଇ ମିଜୋରାମର ପୂର୍ବାଞ୍ଚଳ ମିଷ୍ଟର ଇଣ୍ଡିଆ ଚାମ୍ପିୟନ ନିରୋଜ କ୍ଷେତ୍ରୀ ମାଉଁ ଙ୍କୁ ୨୦୨୬ ପାଇଁ ସମ୍ବର୍ଦ୍ଧିତ କରିଥିଲେ। ବଉଳଗଡ଼ କ୍ଲବର ପୂର୍ବତନ ସଭ୍ୟ,କର୍ମକର୍ତ୍ତା ମାନଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଅନ୍ତିମ ଦିବସରେ ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ, କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ , ଖଣି ମନ୍ତ୍ରୀ ବିଭୁତି ଭୁଷଣ ଜେନା ଚାମ୍ପିୟନ ଟ୍ରଫି ପ୍ରଦାନ କରିବା ସହିତ ଅନ୍ୟ ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ତିନି ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମକୁ କ୍ଲବର ସଭାପତି ରବିନାରାୟଣ ପଟ୍ଟନାୟକ ସଂଚାଳନ କରିଥିଲେ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ